

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 October 2024

Vol.No. 35 ■ No.272 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ବାରିପଦାରେ ସୁଭଦ୍ରା ପ୍ରଥମ କିସ୍ତି ୨ୟ ପର୍ଯ୍ୟାୟ ଟଙ୍କା ପ୍ରଦାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଗୋପବନ୍ଧୁଙ୍କ କର୍ମଭୂମିରେ ଜୟନ୍ତୀ ଅବସରରେ ଜଣାଇଲେ ଶ୍ରଦ୍ଧାଞ୍ଜଳି




ବାରିପଦା , ୦୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଲୋକାଭିମୁଖୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୨ୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କାର୍ଯ୍ୟକ୍ରମକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଛଉ ପଡିଆ ଏବଂ କଲେଜ ପଡିଆ ଠାରେ ଆୟୋଜିତ ଏକ ଭବ୍ୟ ସମାବେଶ ମାଧ୍ୟମରେ ଶୁଭାରମ୍ଭ କରି ଆମ ସରକାର ଯାହା ପ୍ରତିଶୃତି ଦେଇଥିଲେ ତାହା ପାଳନ କରାଯାଉଛି। ସାଧାରଣତ ଆମ ପୁରୁଷ ପ୍ରଧନ୍ୟ ସମାଜରେ ମହିଳା ମାନେ ବିଭିନ୍ନ କାରଣରୁ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ହୋଇ ରହିଯାଇଛନ୍ତି ଏଣୁ ମହିଳା ମାନଙ୍କର ସାମାଜିକ ଏବଂ ଆ୍ଥିକ ବିକାଶ ପାଇଁ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ଏଥିରେ ଏକ କୋଟି ମହିଳା ସାମିଲ ହୋଇଥିବା ବେଳେ, ଆଜି ସୁଦ୍ଧା ୬୦ ଲକ୍ଷରୁ ଅଧିକ ମହିଳା ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଏବେ ଡବଲ ଇଞ୍ଜିନ ସରକାର ଚାଲିଥିବାରୁ ଓଡ଼ିଶାର ବିକାଶ ଶିଖର ଛୁଇଁବ। ପୂର୍ବ ସରକାର ମହିଳା ମାନଙ୍କର ବିକାଶ କଥା କହି କେବଳ ଇଭେଣ୍ଟ ମେନେଜମେଣ୍ଟ କରୁଥିଲେ ମାତ୍ର ଆମ ସରକାର ମହିଳା ମାନଙ୍କ ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର ବିଜେଟ କରି କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ମୟୂରଭଞ୍ଜ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରି ମୟୁରଭଞ୍ଜ ଅତୀତରେ ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଥିଲା। ସ୍ୱାଧୀନତା ପରେ ମୟୁରଭଞ୍ଜ ସ୍ୱତନ୍ତ୍ର ମିଶ୍ରଣ ଚୁକ୍ତିପତ୍ର ବଳରେ ଭାରତ ଏବଂ ଓଡିଶା ସହ ମିଶିଥିଲା। ▶▶ପୃଷ୍ଠା ୭

## ଖୁବଶୀଘ୍ର ମିଳିବ 'ସୁଭଦ୍ରା ଯୋଜନା'ର ତୃତୀୟ ପର୍ଯ୍ୟାୟ ଟଙ୍କା: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୯/୧୦ (ନି.ପ୍ର): ଦୁଇଟି ପର୍ଯ୍ୟାୟରେ ମୋଟ ୬୦ ଲକ୍ଷ ମହିଳାଙ୍କୁ ସହାୟତା ରାଶି ମିଳିଛି । ଖୁବ୍ ଜଲଦି ତୃତୀୟ ପର୍ଯ୍ୟାୟରେ ବାକି ହିତାଧିକାରୀଙ୍କୁ ଟଙ୍କା ଦେବୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିଥିବା ବେଳେ ଖୁବଶୀଘ୍ର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବା ନେଇ ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଏଯାବତ ୧ କୋଟି ୫୦ ହଜାର ମହିଳା ରେଜିଷ୍ଟ୍ରେସନ କରିସାରିଲେଣି । ଦୁଇଟି ପର୍ଯ୍ୟାୟରେ ମୋଟ ୬୦ ଲକ୍ଷ ମହିଳାଙ୍କୁ ସହାୟତା ରାଶି ମିଳିଛି । ଖୁବ୍ ଜଲ୍‌ଦି ତୃତୀୟ ପର୍ଯ୍ୟାୟରେ ବାକି ହିତାଧିକାରୀଙ୍କୁ ଟଙ୍କା ଦେବୁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏନପିସିଏ କ୍ଲିୟରାନ୍ସ ପରେ ଆଜି ୩୫ ଲକ୍ଷ ମହିଳାଙ୍କୁ ଟଙ୍କା ଦେଇଛୁ । କୌଣସି ଯୋଗ୍ୟ ▶▶ପୃଷ୍ଠା ୭

## ଆଜି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଧରାବତରଣ: ଝଲସିଲାଣି ବିଭିନ୍ନ ପୂଜା ମଣ୍ଡପ



ଭୁବନେଶ୍ୱର, ୯/୧୦ (ନି.ପ୍ର): ପାର୍ବଣ ମହକରେ ପୂରି ଉଠିଲାଣି ସହର ବଜାର। ଚମକିଲାଣି ମେଢ ସାଙ୍ଗକୁ ରଙ୍ଗିନ ଆଲୋକର ଫୁଆରା। କେଉଁଠି ଝଟକୁଛି ଫ୍ରେଞ୍ଚ୍ ପ୍ୟାଲେସ୍ ଆଉ କେଉଁଠି ମନମୋହୁଛି ସ୍ୱାମୀ ନାରାୟଣମନ୍ଦିର ଆକୃତିର ସୁଦୃଶ୍ୟ ତୋରଣ। ଶାରଦୀୟ ପୂଜା କ୍ରମରେ ଆଜି ମଣ୍ଡପରେ ଷଷ୍ଠୀପୂଜା ସହ ବିଲ୍ୱବରଣ ଏବଂ ଆସନ୍ତାକାଲି ମହାସପ୍ତମୀରେ ମାଆଙ୍କୁ ଚକ୍ଷୁଦାନ କରାଯିବ। ଆପଣ ଯଦି କେବେ ଗୁଜରାଟର ପ୍ରସିଦ୍ଧ ସ୍ୱାମୀ ନାରାୟଣ ମନ୍ଦିରକୁ ଯାଇନାହାଁନ୍ତି, ତା'ହେଲେ ତୋରଣ ଦେଖି ଆପଣ ପାଇପାରିବେ ବାସ୍ତବ ଅନୁଭୂତି, ମିଳିବ ପରମ ତୃପ୍ତି। ଦୁର୍ଗାପୂଜା ଆସିଲେ କିଛି ନୂଆ କରିବାର ଝୁଙ୍କ ଭିତରେ ଏଥର ରସୁଲଗଡ଼ ପୂଜା କମିଟି ତିଆରି ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ଭିତରେ ଦର୍ଶନ ଯନ୍ତ୍ରଣାରୁ ମୁକ୍ତି ପାଇଁ ବ୍ଲୁ-ପ୍ରିଣ୍ଟ: ୬ ଲାଇନରେ ହେବ ପ୍ରବେଶ ଓ ପ୍ରସ୍ଥାନ



ପୁରୀ, ୦୯/୧୦ (ନି.ପ୍ର): ଶ୍ରୀମନ୍ଦିରର ଚାରିଦ୍ୱାର ସିନା ଖୋଲିଲା, ହେଲେ ମନ୍ଦିର ଭିତରେ ଜଗା ଦର୍ଶନ ପାଇଁ ଯମ ଯନ୍ତ୍ରଣା ଭୋଗୁଛନ୍ତି ଭକ୍ତ। ସେଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ନାଟମଣ୍ଡପରେ ଅସ୍ଥାୟୀ କାଠ ବ୍ୟାରିକେଡ୍ ଓ ରାମ୍ପ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି ମନ୍ଦିର ପ୍ରଶାସନ। ତେବେ କେମିତି ରହିବ ଏ ବ୍ୟବସ୍ଥା ? କେତେ ମିଳିବ ଭକ୍ତଙ୍କୁ ଫାଇଦା ? ତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ବ୍ୟାରିକେଡ୍ ସାତ ପାହାଚ ନା ଗରୁଡ଼ ଖମ୍ବରୁ ହେବା ଦରକାର, ତାକୁ ନେଇ ଚାଲିଲାଣି ଚର୍ଚ୍ଚା-ଆଲୋଚନା। ଧାଁ ଦୌଡ଼ । ଅସମ୍ଭାଳ ଭିଡ଼ । ଠେଲାପେଲା ଓ ଅଣନିଶ୍ୱାସୀ । ଶ୍ରୀମନ୍ଦିର ଭିତରେ ଜଗା ଦର୍ଶନାର୍ଥୀଙ୍କ ପାଇଁ ଇଏ ନିତି ଦିନିଆ ଯମ ଯନ୍ତ୍ରଣା । ▶▶ପୃଷ୍ଠା ୭

## ବନ୍ଧା ହେଲେ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ବାବୁ

ଭୁବନେଶ୍ୱର, ୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ବ୍ୟକ୍ତିଗତ ସଚିବ ରମେଶଚନ୍ଦ୍ର ଜେନାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟଠାରୁ ୧୨୩% ସଂପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ରମେଶଚନ୍ଦ୍ର ଜେନାଙ୍କର ଭୁବନେଶ୍ୱରର ଗୋଠପାଟଣାରେ ଗୋଟିଏ ତିନି ମହଲା କୋଠା ଅଛି। ଏହାର ଦାମ ୧.୦୨ କୋଟି ଟଙ୍କା। ସେହିପରି ଭୁବନେଶ୍ୱରର କଳିଙ୍ଗ ନଗରରେ ତାଙ୍କର ଏକ ଦୁଇ ମହଲା କୋଠା ଅଛି। ଖୋର୍ଦ୍ଧାର ନିରାକରପୁରରେ ତାଙ୍କର ଗୋଟିଏ ଘର ଅଛି। ଭୁବନେଶ୍ୱରରେ ତାଙ୍କର ୪ଟି ପ୍ଲଟ ଥିବା ବେଳେ ପୁରୀର କଣାସରେ ଗୋଟିଏ ପ୍ଲଟ ଅଛି।

## ଚିଲିକା ମଝିରେ ବିପଦଜନକ ଯାତ୍ରା: ପ୍ରତିଦିନ ଜୀବନକୁ ବାଜି ଲଗାଇ ଯାଉଛନ୍ତି ଲୋକେ

ଚିଲିକା, ୦୯/୧୦ (ନି.ପ୍ର): ଚିଲିକା ମଝିରେ ବିପଦଜନକ ଯାତ୍ରା। ଛୁଆ ପିଲା ଧରି ବର୍ଷ ବର୍ଷ ଧରି ଲୋକେ ଅକାତ ଅକାତ ପାଣିରେ ଯାଆସ କରୁଛନ୍ତି। ନା ଅଛି ସୁରକ୍ଷା ବ୍ୟବସ୍ଥା, ନା ଅଛି କୌଣସି ସାବଧାନତା। ଜହ୍ନିକୁଦାରୁ ସାତପଡ଼ାକୁ ଚିଲିକା ଭିତରେ ୫ କିଲୋମିଟର ଜୀବନ ବାଜିରେ ଲାଗିଛି । ଅକାତ ଅକାତ ପାଣି, ଯୁଆଡ଼େ ଆଖି ବୁଲାଇ ଆଣିବେ ଖାଲି ନୀଳ ଜଳରାଶି। ଆଉ ଏହାରି ଭିତରେ ଖୋଲା ବୋଟ୍ ?ରେ ଯାଉଛନ୍ତି ଲୋକେ। ବସ୍ ଯାଉଛି, କାର୍ ଯାଉଛି, ବାଇକ୍ ନେଇ ମଣିଷ ବି ଚାଲିଛନ୍ତି ଆର ପାରି କି ଯିବାକୁ। ଏସିଆର ସବୁଠୁ ବଡ଼ ଲୁଣା ହ୍ରଦ ଚିଲିକା। ଚିଲିକା ଭିତରେ ଥିବା ଜହ୍ନିକୁଦାରୁ ଆରପଟ ସାତପଡ଼ା ୫ କିଲୋମିଟର୍ ପାଣିର ରାସ୍ତାରେ ବିପଦଜନକ ଭାବେ ପ୍ରତିଦିନ ହଜାର ହଜାର ଲୋକେ ଯାଆସ କରନ୍ତି । ▶▶ପୃଷ୍ଠା ୭

## ପୋଖରୀରେ ବୁଡ଼ିଗଲେ ଦୁଇ ଭଉଣୀ

ସୋର, ୦୯/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୋର ଥାନା ଖରାସାହାପୁର ଗାଁରେ ଦୁଇ ଭଉଣୀ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜୀବନ ହରାଇଛନ୍ତି। ମୃତକ ଦ୍ୱୟ ହେଉଛନ୍ତି ଗାଁର ମାନସ ବେହେରାଙ୍କ ଝିଅ ରାଜଲକ୍ଷ୍ମୀ ଓ ଭାଗ୍ୟଲକ୍ଷ୍ମୀ। ଦୁଇ ଭଉଣୀ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇ ବହୁ ସମୟ ପର୍ଯ୍ୟନ୍ତ ଫେରି ନଥିଲେ। ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚିଲା ବେଳକୁ ସେମାନେ ସେଠାରେ ନଥିଲେ। ସନ୍ଦେହ ହେବାରୁ ପୋଖରୀରେ ସେମାନଙ୍କୁ ଖୋଜାଖୋଜି କରାଯାଇଥିଲା। ଆଉ ଉଭୟଙ୍କୁ ସେଠାରୁ ଉଦ୍ଧାର କରାଯାଇ ସୋର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେମାନେ କେମିତି ପୋଖରୀରେ ବୁଡ଼ିଗଲେ, ତାହା ଜଣାପଡ଼ିନି।

## ସରକାରଙ୍କ ବଡ଼ ଘୋଷଣା: ୨୦୨୮ ଯାଏ ମିଳିବ ପୋଷଣଯୁକ୍ତ ମାଗଣା ଚାଉଳ




ନୂଆଦିଲ୍ଲୀ, ୦୯/୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ଖାଦ୍ୟ ଆଇନ ଓ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଦିଆଯାଉଥିବା ମାଗଣା ପୋଷଣଯୁକ୍ତ ଚାଉଳ ବଣ୍ଟନ ପ୍ରକ୍ରିୟା ଜାରି ରହିବ। ଆସନ୍ତା ୨୦୨୮ ଯାଏ ଲୋକମାନେ ମାଗଣାରେ ଏହି ଚାଉଳ ପାଇପାରିବେ। ଏଥିପାଇଁ ୧୭,୦୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା କ୍ୟାବିନେଟ ବୈଠକରେ ଏହା ଉପରେ ମୋହର ଲଗାଯାଇଛି। ଆନେମିଆ ଓ ଅପପୃଷ୍ଟିକୁ ରୋକିବା ପାଇଁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ▶▶ପୃଷ୍ଠା ୭

## ରାଜ୍ୟ ଉଦ୍ୟୋଗ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା: ସରକାର ରଖିଲେ ୯ଟି ସର୍ତ୍ତ

ଭୁବନେଶ୍ୱର, ୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଉଦ୍ୟୋଗ(ପିଏସୟୁ)ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଦଶହରା ଅବସରରେ ଆଜି ପୂଜା ଭେଟି ଦେଇଛନ୍ତି ମୋହନ ମାଝୀଙ୍କ ସରକାର । ସେମାନଙ୍କର ମହଙ୍ଗା ଭତ୍ତା ପରିମାଣ ୪୬%ରୁ ୫୦%କୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୪ ଜାନୁୟାରୀ ପହିଲାରୁ ଲାଗୁ ହେବ । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତତକାଳୀନ ବିଜେଡି ସରକାର ମାର୍ଚ୍ଚ ୧୪ତାରିଖରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତାକୁ ୪୬%ରୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ । ଆଜି ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାରୀ ଉଦ୍ୟୋଗୀ କର୍ମଚାରୀମାନଙ୍କୁ ୨୦୧୭ ଦରମା ହାର ଆଧାରରେ ମହଙ୍ଗା ଭତ୍ତା ପରିମାଣକୁ ୪୬%ରୁ ୫୦%କୁ ବୃଦ୍ଧି କରାଗଲା । ଯାହାକି ୨୦୨୪ ଜାନୁୟାରୀ ୧ରୁ ପିଛିଲା ଭାବେ ଲାଗୁ ହେବ । ▶▶ପୃଷ୍ଠା ୭


## ପୂଜାସଂଖ୍ୟା ସାଗରିକାର ଉନ୍ମୋଚନ ଉତ୍ସବ




ପୂଜାସଂଖ୍ୟା ସାଗରିକା-୨୦୨୪ର ଶୁଭ ଉନ୍ମୋଚନ ଉତ୍ସବ ଆସନ୍ତା ୧୩ ତାରିଖ ରବିବାର ଦିନ ବାଲେଶ୍ୱର ସହରସ୍ଥ ଟାଉନହଲ୍ ନିକଟ ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ଦିବା ୧୦ ଘଟିକା ସମୟରେ ଉନ୍ମୋଚିତ ହେବ। ଏଥିରେ ବହୁ ବିଶିଷ୍ଟ କବି, ଲେଖକ ଓ ସାହିତ୍ୟିକ ଅତିଥିଭାବେ ଯୋଗଦେବା ପାଇଁ ସମ୍ମତି ଜଣାଇଛନ୍ତି। ଉକ୍ତ ଉନ୍ମୋଚନ ଉତ୍ସବରେ ଯୋଗଦେବା ନିମନ୍ତେ ସମସ୍ତଙ୍କୁ ସାଦର ନିମନ୍ତ୍ରଣ।

**ସୃଷ୍ଟିଧର ପରିଡ଼ା**
ପରିଚାଳନା ସମ୍ପାଦକ, ସାଗରିକା

## ରେପୋ ରେଟ୍ ଅପରିବର୍ତ୍ତିତ: ମହଙ୍ଗା ହେବନି ଋଣ, ବଢ଼ିବନି ଇଏମଆଇ




ନୂଆଦିଲ୍ଲୀ, ୯/୧୦ : ଲଗାତର ଦଶମ ଥର ପାଇଁ ପ୍ରମୁଖ ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇନି। ୬.୫ ପ୍ରତିଶତରେ ସ୍ଥିର ରହିଛି ରେପୋ ରେଟ୍। ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଭାରତୀୟ ରିଜର୍ଭ ବ୍ୟାଙ୍କ। ଲଗାତର ଦଶମ ଥର ପାଇଁ ପ୍ରମୁଖ ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇନି। ୬.୫ ପ୍ରତିଶତରେ ସ୍ଥିର ରହିଛି ରେପୋ ରେଟ୍। ଏମପିସିର ନିଷ୍ପତ୍ତି ଘୋଷଣା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ତଥା ଏମପିସି ଅଧ୍ୟକ୍ଷ ଶକ୍ତିକାନ୍ତ ଦାସ ଏହି ସୂଚନା ଦେଇଛନ୍ତି। ଆରବିଆଇ ଗଭର୍ଣ୍ଣର କହିଛନ୍ତି ଯେ ରେପୋ ରେଟ୍‌କୁ ୬.୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରିଭର୍ସ ରେପୋ ରେଟ୍‌କୁ ୩.୩୫% ଓ ବ୍ୟାଙ୍କ ରେଟ୍‌କୁ ୬.୭୫%ରେ ସ୍ଥିର ରହିଛି। ନୀତିଗତ ଆଭିମୁଖ୍ୟକୁ ମଧ ସ୍ଥିର ରଖାଯାଇଛି। ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ବିଶ୍ୱ ହୃତପିଣ୍ଡ ଦିବସ ପାଳିତ

ସୁବର୍ଣ୍ଣପୁର, ୦୯/୧୦ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଶନ ଶକ୍ତି ସଭା ଗୃହ ସୁବର୍ଣ୍ଣପୁର ଠାରେ ବିଶ୍ୱ ହୃତପିଣ୍ଡ ଦିବସ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ,ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ,ଅଣସଂକ୍ରାମକ ରୋଗ ସଂଯୋଜକ ଗୀତାଞ୍ଜଳି ମେହେର ଓ ଆଇସିଡିଏସ ପରିଦର୍ଶକା ରୋଜିସ୍ମିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ବୃନ୍ଦ ଆମ ହୃତପିଣ୍ଡର ଯତ୍ନ ଆମ ହାତରେ, ହୃଦୟତାର ସହ ହୃତପିଣ୍ଡର ଯତ୍ନ ନିଅନ୍ତୁ, ଉଚ୍ଚ ରକ୍ତଚାପ, ଡାଇବେଟିସ, ମାତ୍ରାଧିକ କୋଲେଷ୍ଟ୍ରୋଲ, ଧୂମପାନ, ମୋଟାପଣ ଓ ମଦ୍ୟ ପାନ ପ୍ରତି ସାବଧାନ । ଏହି ସବୁ ହୃଦରୋଗକୁ ଡାକି ଆଣେ ତେଣୁ ଆମେ ସମସ୍ତେ ସତର୍କ ରହି ହୃଦରୋଗରୁ ରକ୍ଷା କରି ସୁସ୍ଥ ସୁନ୍ଦର ସମାଜ ଗଠନ କରିବାରେ ସହାୟକ ହୋଇପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ସଭାରେ ଅଙ୍ଗନବାଡି କର୍ମୀ, ମାସ ମେମ୍ବର, ଆଶା, ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରମୋଦ କୁମାର ସାହୁ ସ୍ୱାସ୍ଥ୍ୟ ପରିଦର୍ଶକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଏକ ଆଲୋଚନା ସଭା

ସମ୍ବଲପୁର, ୦୯/୧୦ (ନି.ପ୍ର): ମା' ଝାଡେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ସମ୍ବଲପୁରର ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଏକ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି କେନ୍ଦ୍ରର ନଗର ସଂଚାଳକ ମୁରଲୀ ପ୍ରେମନାଥ ନାୟକ କହିଥିଲେ ଯେ, ଆମେ ଯେତେଦିନ ପର୍ଯ୍ୟନ୍ତ ଆମ ଭିତରେ ଯୌବନର ଭାବଶକ୍ତିକୁ ଉଦଜୀବିତ କରି ରଖିବା ସେତେଦିନ ପର୍ଯ୍ୟନ୍ତ ଆମେ ଯୌବନର ଶକ୍ତିନେଇ କ୍ରିୟାଶୀଳ ରହିବାର ବାର୍ତା ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀକୁ ଅନୁଧ୍ୟାନ କଲେ ଜଣାପଡେ। ସେଥିପାଇଁ ତାଙ୍କ ଜନ୍ମଦିନକୁ ଯୁବଦିବସ ଭାବରେ ପାଳନ କରୁଛେ। ଏକାଗ୍ର ଚିତ ହେବା, ସାହସୀ ହେବା, ଆଳସ୍ୟ ପରିହୃତ ଜୀବନଶୈଳୀ ଏବଂ ସେବା ମନୋବୃତି ରଖିବା ଆଦି ଶିକ୍ଷାର୍ଥୀଙ୍କ ଆଚରଣରେ ରହିବା ନିହାତି ଜରୁରୀବୋଲି ସେ ମତବ୍ୟକ୍ତ କରିଥିଲେ ଓ ଡ. ବସନ୍ତ କୁମାର ଦାଶ, ନଗର ପ୍ରମୁଖ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱାମୀ ବିବେକାନନ୍ଦ ନିଜ ମୁକ୍ତି ପାଇଁ ତପସ୍ୟା କରିନଥିଲେ ବରଂ ସେ ତପସ୍ୟା କରିଥିଲେ ଦେଶ ମାତୃକାର ସେବାପାଇଁ। ସେଥିପାଇଁ ସେ ଯୁବକମାନଙ୍କୁ ସଚେତନ ହୋଇ ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ଅବିରାମ ପ୍ରୟାସଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଅତିଥି ଡ. ଦେବେନ୍ଦ୍ର ପଣ୍ଡା,ସହ ନଗର ସଂଚାଳକ ବିବେକା ନନ୍ଦଙ୍କ ଚିକାଗୋ ଅନୁଭୂତି ଓ ଭାଷଣର ଦୃଷ୍ଟାନ୍ତ ଦେଇ ସେଥିରେ ରହିଥିବା ଶିକ୍ଷଣୀୟ ଉପାଦାନ ଉପରେ ଆଲୋକପାତ କରିଥିଲେ ଓ ଅତିଥି ତଥା କେନ୍ଦ୍ରର ବରିଷ୍ଠ ସଭ୍ୟ ଯୁବପ୍ରମୁଖ ଶରତ ଚନ୍ଦ୍ର ବେହେରା ପୁରସ୍କାରର ମହତ୍ୱ ଉପରେ ତାଙ୍କ ବକ୍ତବ୍ୟରେ ସ୍ୱାମୀଜୀଙ୍କ ଜୀବନୀରୁ ଦୃଷ୍ଟାନ୍ତ ଉଦ୍ଧାର କରି କହିଥିଲେ ପୁରସ୍କାର ଦ୍ୱାରା ବ୍ୟକ୍ତିର ପ୍ରତିଭାର ବିକାଶ ନିମନ୍ତେ ଉତ୍ସାହ ମିଳେ। ଅଧାପକ ରବିନ୍ଦ୍ର ନାରାୟଣ ଠାକୁର ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ସହ କେନ୍ଦ୍ର ପକ୍ଷରୁ ହୋଇଥିବା ଜିଲ୍ଲାସ୍ତରୀୟ ସ୍ୱାଧାୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ ଯେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରଥମ ବର୍ଷ ର ଛାତ୍ରୀ ଅଜିତ ପ୍ରଧାନଙ୍କୁ ସଭାରେ ବିଶେଷ ଭାବରେ ପୁରସ୍କୃତ କରାଯାଇଥିଲା ଓ ସଭାରେ ତାଙ୍କ ସମେତ ଛାତ୍ରୀ ଅଞ୍ଜଳୀ ବୁଡେକ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅଧାପକ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୪ ପାଳିତ

ବଲାଙ୍ଗୀର, ୦୯/୧୦ (ନି.ପ୍ର): ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ,ବଲାଙ୍ଗୀର ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ,ବଲାଙ୍ଗୀର ଆନୁକୂଲ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆନ୍ତର୍ଜାତୀୟ ବାଳିକା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୪୦୦ ଜଣ ଝିଅ ଏକ ରେଲୀ ମାଧ୍ୟମରେ ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ,ଏହି ରେଲୀକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ପବିତ୍ର କୁମାର ବେହେରା ଫ୍ଲେଗ ମାଧ୍ୟମରେ ଉତ୍‌ଘାଟନ କରିଥିଲେ। ଏହାପରେ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଏକ ବୈଠକର ଆୟୋଜନ କରାଗଲା। ଏହି ଅବସରରେ ଅରୁଣ କୁମାର ଖୁଆସ୍ ଫୁଲତୋଡ଼ା ମାଧ୍ୟମରେ ସ୍ୱାଗତ ଜଣାଇଥିଲେ, ଆଇନ୍ ପରିବିକ୍ଷକ ଶ୍ରୀ ଦିଗମ୍ବର କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ କନ୍ୟା ସନ୍ତାନ ମାନଙ୍କ ପାଇଁ ଉତମ ଶିକ୍ଷା, ପୋଷଣ ଯୁକ୍ତ ଖାଦ୍ୟ, ଆତ୍ମ ସୁରକ୍ଷା ପାଇଁ ଜ୍ଞାନ ଓ ସାମର୍ଥ୍ୟ ବୃଦ୍ଧି ଉପରେ ଉପଦେଶ ପ୍ରଦାନ କରୁଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ ଏହି ବର୍ଷ ର କନ୍ୟା ସନ୍ତାନ ଙ୍କ ବିଷୟ ଯଥା- 'ବାଳିକା ମାନଙ୍କର ଭବିଷ୍ୟତ ଦୃଷ୍ଟିପାତ' ଝିଅମାନଙ୍କ ସ୍ୱରର ଗୁରୁତ୍ୱ ଏବଂ ସେମାନଙ୍କୁ ସମର୍ଥନ କରିବାର ଆବଶ୍ୟକତା ଉପରେ ଧ୍ୟାନ ଦେଇଥାଏ ଯାହା ସେମାନେ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟରେ ପହଂଚି ପାରିବେ ବୋଲି ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଗୀତ ମାଧ୍ୟମରେ କନ୍ୟା ସନ୍ତାନମାନଙ୍କୁ ଉତ୍ସାହିତ କରିଥିଲେ ଓ ଆନ୍ତର୍ଜାତୀୟ ଦିବସ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖରେ ପାଳନ କରାଯାଏ ବୋଲି ଜଣାଇଥିଲେ। ଜିଲ୍ଲା ସଂଯୋଜିକ, ମିଶନ ଶକ୍ତି ଶ୍ରୀମତୀ ସୁମନ ଦ୍ୱିବେଦୀ ସ୍ଲୋଗାନ ମାଧ୍ୟମରେ ଝିଅମାନଙ୍କୁ ଉତ୍ସାହିତ କରିଥିଲେ। ଅଧକ୍ଷ, ଶିଶୁ ମଙ୍ଗଳ ସମିତିର ଶ୍ରୀ ଲମ୍ବୋଦର ଦୀପ ଝିଅମାନଙ୍କର ଉଦାହରଣ ଦେଇଥିଲେ। ଝିଅମାନେ ସମଗ୍ର ବିଶ୍ୱରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନନ୍ତୁ। ଝିଅମାନଙ୍କର ଅଧିକାର ଏବଂ ସଶକ୍ତିକରଣର ଗୁରୁତ୍ୱ ଉପରେ ଗୁରୁତ୍ୱ ଦିଅନ୍ତୁ। ଲିଙ୍ଗଗତ ଅସମାନତା ବିଷୟରେ ସଚେତନତା ସୃଷ୍ଟି କରନ୍ତୁ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ହିଂସାରୁ ସୁରକ୍ଷା ଭଳି ସମସ୍ୟାଗୁଡିକ ସମାଧାନ କରନ୍ତୁ ବୋଲି ବକ୍ତାମାନେ ଅଭିଭାଷଣରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ ବଗର୍ତି, ସୁଧାଂଶୁ ଶେଖର କୁମ୍ଭାର,ଦେବାଶିଷ ପଟେଲ, ଶ୍ରଦ୍ଧାଞ୍ଜଳି ସିଂ, ପୁଷ୍ପାଞ୍ଜଳି ସୁନା, ବିକ୍ରମ ପଣ୍ଡା, ସୁଦାମ ସୁନା ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପଂଚାୟତ ସମିତିର ପଂଚମ ସାଧାରଣ ଅବେଶନ

ଖୋର୍ଦ୍ଧା, ୮ ଅକ୍ଟୋବର (ହି.ସ.) - ମଙ୍ଗଳବାର ପଂଚାୟତ ସମିତି ସଭାଗୃହରେ ପଂଚାୟତ ସମିତି ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀଙ୍କ ଅଧକ୍ଷତାରେ ପଂଚମ ସାଧାରଣ ଅବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ ଜଗଦେବ ଯୋଗ ଦେଇଥିବା ବେଳେ ପଂଚାୟତ ସମିତି ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲ୍ଲା ପରିଷଦ ଅଧକ୍ଷା ରୁପାଶ୍ରୀ ରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ଦଳେଇ ସାଂସଦ ପ୍ରତିନିଧ ବିଭୁ ପ୍ରସାଦ ବଳିଆରସିଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁ,ତହସିଲଦାର ବିଭାସ କୁମାର ପାଣିଗ୍ରାହୀ, ସମସ୍ତ ସରପଂଚ ପଂଚାୟତ ସମିତି ସଭ୍ୟ,ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକଙ୍କ ଦ୍ୱାରା ପୂର୍ବରୁ ଥିବା ପଂଚାୟତ ସମିତି ସମ୍ମିଳନୀ କକ୍ଷ ରିନୋଭେସନ କରାଯାଇ ଏହାର ଉଦଘାଟନ କରାଯାଇଥିଲା। ବୈଠକର ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିବାକୁ ପଂଚାୟତ ସମିତି ଅଧକ୍ଷା ଅନୁରୋଧ କଲେ। ପରେ ଅଧକ୍ଷା ପଂଚାୟତ ସମିତି ସଭାକାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ପ୍ରଦାନ କଲେ । ସଭାପତି ଜିଲ୍ଲା ପରିଷଦ ଖୋର୍ଦ୍ଧା, ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କଲେ ଜିଲ୍ଲା ତଥା ରାଜ୍ୟରେ ପଂଚାୟତ ସମିତି ଏକ ଅଗ୍ରଣୀ ବ୍ଲକରେ ପରିଣତ ହୋଇପାରିବ ବୋଲି ମତ ରଖିଥିଲେ । ପ୍ରଶାସନ ଏବଂ ଲୋକ ପ୍ରତିନିଧି ଟଙ୍କାର ଉଭୟ ପାର୍ଶ୍ୱ ଅଟନ୍ତି । ପଂଚାୟତ ସମିତିର ଉତରୋତର ଉନ୍ନତି ପାଇଁ ସବୁ କିଛି ସହଯୋଗ ଯୋଗାଇ ଦେବାକୁ ମାନ୍ୟବର ବିଧାୟକ ପ୍ରତିଶୃତି ଦେବାସହ ସମସ୍ତଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପରେ ପୂର୍ବ ବୈଠକରେ ବିବରଣୀ ଅନୁଯାୟୀ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ଆଲୋଚନାରେ ଭାଗ ନେଇ ସି ଡି ପି ଓ ତାଙ୍କର କିଛି ଅଙ୍ଗନବାଡି କେନ୍ଦ୍ରରେ ପକ୍କାଘର,ବିଦ୍ୟୁତ ଯୋଗାଣ ବିଭାଗ ତରଫରୁ ବିଦ୍ୟୁତ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ତୁରନ୍ତ ପଦକ୍ଷେପ ନେବାକୁ ବିଦ୍ୟୁତ ବିଭାଗକୁ ଅନୁରୋଧ କରିଥିଲେ ।ସେହିପରି ଆର ଡବ୍ଲୁ ଏସ ଏସ ବିଭାଗର ପିଇବା ପାଣି ଯୋଗାଇ ଦେବାକୁ ୨୨ ଟି ପଂଚାୟତରେ କେଉଁଠି ମେଗା ପାଇପ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ନ ହୋଇଥିବାରୁ ଟ୍ୟୁବ୍ୱେଲ ଯୋଗାଇ ଦେବାକୁ ଏବଂ ଟ୍ୟୁବ୍ୱେଲ ମରାମତି ପାଇଁ ପାଇପ ଯୋଗାଇଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଅନୁରୋଧ କରଯାଇଥିଲା । ଯୋଗାଣ ବିଭାଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଥିଲା। ପଂଚାୟତ ରୋଡ଼ କୁ ଭବିଷ୍ୟତରେ ଆରଡି ରୋଡ଼ ରେ ସ୍ଥାନାନ୍ତରିତ କରିବାକୁ ବିଧାୟକ ଆଲୋଚନାରେ ସ୍ଥାନ ଦେଇଥିଲେ । ଏପରିକି ପଂଚାୟତର ଡ୍ରେନ ରୋଡ଼ ଇତ୍ୟାଦି ମରାମତି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା ।

## ପୁରୀ ଜିଲ୍ଲା କବାଡିରେ ଚମ୍ପିୟାନ

ପୁରୀ , ୦୯/୧୦ (ନି.ପ୍ର): ସୁନ୍ଦରଗଡ ଠାରେ ୧୭ ବର୍ଷ ରୁ କମ୍ ବାଳକ ବର୍ଗର କବାଡି ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଚମ୍ପିୟାନ ହୋଇଛି ।ବଲାଙ୍ଗୀର ଜିଲ୍ଲା ସହ ଖେଳ ଆରମ୍ଭ କରିଥିବା ପୁରୀ ବାଳକ କବାଡି ଦଳ ସେମି ଫାଇନାଲରେ ଢେଙ୍କାନାଳ ଜିଲ୍ଲା କୁ ପରାସ୍ତ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଜଗତସିଂହପୁର ଜିଲ୍ଲା କୁ ପରାସ୍ତ କରିଥିଲା। ଫାଇନାଲରେ ପୁରୀ ଜିଲ୍ଲା ଗଞ୍ଜାମ ଜିଲ୍ଲା କୁ ୫୮ -୪୩ ପଏଣ୍ଟ ରେ ପରାସ୍ତ କରିଥିଲା। ଦଳର କୋଚ ଉମେଶ ଚନ୍ଦ୍ର ଶତପଥୀ ଓ ମ୍ୟାନେଜର ରୋଜାଲିନ ପଣ୍ଡା ଦଳଗତ ପ୍ରଦର୍ଶନ ପାଇଁ ସମସ୍ତ ଖେଳାଳୀ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ମେଳଣ ପଡ଼ିଆରେ ଭାଗ ନେଉଥିବା ୪୭ ମେଢ଼

କେନ୍ଦ୍ରାପଡ଼ା, ୦୯/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲା ପ୍ରଶାସନର ଦ୍ୱିତୀୟ ପ୍ରସ୍ତୁତି ବୈଠକ ସୋମବାର କେନ୍ଦ୍ରାପଡ଼ା ପୌରପାଳିକା ଟାଉନହଲ୍ ପରିସରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଆସନ୍ତା ୧୬ତାରିଖରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ମା' ଗଜଲକ୍ଷ୍ମୀ ପୂଜା ପାଇବେ । ୨୨ତାରିଖ ଦିନ ସମସ୍ତ ମେଢଗୁଡିକର ବିସର୍ଜନ ପୂଜା ଅନୁଷ୍ଠିତ ହେବ । ଆସନ୍ତା ୨୩ ତାରିଖରେ ଭସାଣି ଉତ୍ସବ ଆରମ୍ଭ ହୋଇ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ମେଳଣ ଉତ୍ସବ ଅନୁଷ୍ଠିତ ହେବ । ୨୪ ତାରିଖ ଦିନ ସକାଳୁ ସମସ୍ତ ମେଢ ବାଜା ରୋଷଣି କରି ବିସର୍ଜନ ଘାଟକୁ ଯାଇ ବିସର୍ଜିତ ହେବେ । ଏହି ବୈଠକରେ ସମସ୍ତ ପୂଜା କମିଟିର ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳଣ ଉତ୍ସବ ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ଅନୁମତି ପାଇଁ ଦାବି ଜଣାଇଥିଲ । ଏହାକୁ ଜିଲ୍ଲା ପ୍ରଶାସନ ଅନୁମତି ପାଇଁ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା ପ୍ରଶାସନ ସମସ୍ତ କମିଟିମାନଙ୍କୁ ମେଳଣ ଉତ୍ସବରେ ୧୦ଟା ସାଉଣ୍ଡ ବକ୍ସରୁ ଅଧିକ ନ ଲଗାଇବା ପାଇଁ, ୬୫ଡେସିବେଲ୍‌ରୁ ଅଧିକ ସାଉଣ୍ଡ ନ କରିବା ପାଇଁ ଓ ଡିଜେ ।ଉଣ୍ଡ ନ ବଜାଇବା ପାଇଁ ସୂଚନା ଦେଇଥିଲେ । ମେଳଣ ଉତ୍ସବ ପାଇଁ ସହରର ସମସ୍ତ ୪୭ ମେଢର କ୍ରମ ଲଟେରି ମାଧ୍ୟମରେ ଚୟନ କରାଯାଇଥିଲା । କେନ୍ଦ୍ରାପଡା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ମେଳଣ ଉତ୍ସବ ପାଇଁ ପୁରୁଣା ବସଷ୍ଟାଣ୍ଡ ଥାନପତି, ନୂଆ ବସଷ୍ଟାଣ୍ଡ ଥାନପତି, କାକଟ ମଙ୍ଗଳା କ୍ଲବଗୁଡିକର ଲଟେରି ଉତ୍ସବ କରାଯାଇନଥିଲା । ସେମାନେ ନିୟମ ଅନୁସାରେ ପ୍ରଥମେ ଯିବେ । ଏମାନଙ୍କ ସହିତ ଗଣପତି କ୍ଲବ ବଣିଆ ସାହି, ବଣିଆମାଳ ପୂଜା କମିଟି, ସଦଭାବନା କ୍ଲବ୍ ଲ-କଲେଜ, ମହାବୀର କ୍ଲବ୍ ବଡ଼ହାଟ, ସୂର୍ଯ୍ୟ ସାଗରିକା ବଡ଼ହାଟ, ଅନନ୍ତଶୟନ ଶିବସେନା କ୍ଲବ କାକଟ, ଶିବଶକ୍ତି କ୍ଲବ ମାଧପୁର, କାଂଚି ଅଭିଯାନ ମାଛମାର୍କେଟ, ଖଡିଅଙ୍ଗ ପୂଜା କମିଟି, ଜୟଗୁରୁ କ୍ଲବ କାକଟ, ମା' ବୁଢ଼ୀ ବାସୁଳେଇ ପୂଜା କମିଟି, ବିମ୍ବଳାଇ ପୂଜା କମିଟି ଗଣାମାହାଲ, ବଳଗଣ୍ଡି ପୂଜା କମିଟି, ପୌରସଂସ୍ଥା ପୂଜା କମିଟି, ମହିପାଳ ପୂଜା କମିଟି, ଗଜଉଦ୍ଧାରଣ ପୂଜା କମିଟି ବଡ଼ହାଟ, କଜଳା ପୂଜା କମିଟି, ଗୁଲନଗର ମହାଲକ୍ଷ୍ମୀ ପୂଜା କମିଟି, ଗରାପୁର ପୂଜା କମିଟି, ଗଙ୍ଗା ଭାଗୀରଥି ପୂଜା କମିଟି ମଢିଆଳ, ଦ୍ରୌପଦୀ ବସ୍ତ୍ର ହରଣ ପୂଜା କମିଟି ମିରପାଟଣା, ନବଗୁଞ୍ଜର ପୂଜା କମିଟି କାକଟ ଲକ୍, ମା ଅନ୍ନପୂର୍ଣ୍ଣା ପୂଜା କମିଟି ଚାଟରାପାଟଣା, ପୁରୁଣା ବସ୍‌ଷ୍ଟାଣ୍ଡ ପୂଜା କମିଟି ଗୁଡିକ କ୍ରମାନ୍ୱୟରେ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ନୂଆ ବସ୍‌ଷ୍ଟାଣ୍ଡ ବିସର୍ଜନ ଘାଟରେ ବିସର୍ଜିତ ହେବେ । ସେହିପରି ପୁରୁଣା ବସ୍‌ଷ୍ଟାଣ୍ଡଠାରୁ କେଶପୁର ଆଡକୁ ଯିବାକୁ ଥିବା ମେଢଗୁଡିକ ହେଲେ ବ୍ୟାସ ସରୋବର ସାନ୍ତସାହି, କନ୍ଦରାସୁର ପୂଜା କମିଟି ମନକରପୁର, ଶନିଲକ୍ଷ୍ମୀ ପୂଜା କମିଟି ଟାଉନ ବଳରାମପୁର, ବାଣୀମଙ୍ଗଳା ପୂଜା କମିଟି ବଡମଙ୍ଗଳା, ଗଜଲକ୍ଷ୍ମୀ ପୂଜା କମିଟି ଗୋପ, ଗୋପୀନାଥ ପୂଜା କମିଟି ତଳବାରଙ୍ଗ, ଗଜଲକ୍ଷ୍ମୀ ପୂଜା କମିଟି ନସଡିପୁର, ରାଧାକୃଷ୍ଣ ପୂଜା କମିଟି ସାନମଙ୍ଗଳା, ଲକ୍ଷ୍ମୀନାରାୟଣ ପୂଜା କମିଟି ଭଗେଶ୍ୱରପୁର, ନନ୍ଦିଘୋଷ ପୂଜା କମିଟି ଟାଉନ ବଳରାମପୁର, ରାମସୀତା ପୂଜା କମିଟି ସାନ୍ତସାହି, ସୁନେଇଲୋ ପୂଜା କମିଟି, ରୋହିଣୀଗାଇ ପୂଜା କମିଟି ଅଯୋଧ୍ୟାନଗର, କେଶପୁର ଗଜଲକ୍ଷ୍ମୀ ପୂଜା କମିଟି, ଅଭୟା କ୍ଲବ ନସଡିପୁର, କାଂଚି ଅଭିଯାନ ପୂଜା କମିଟି ସୁନ୍ଦରାପାଳ, ମାଳେଶ୍ୱର ପୂଜା କମିଟି ମନକରପୁର, ନେତାଜୀ ୟୁଥ୍ କ୍ଲବ ଟାଉନ ବଳରାମପୁର, ଲକ୍ଷ୍ମୀନାରାୟଣ ପୂଜା କମିଟି ଜୟୀପୁରା, ବୀର ହନୁମାନଜୀଉ ପୂଜା କମିଟି କନ୍ୟାଜୋର ଓ ଶ୍ରେୟା ଚଣ୍ଡାଳୁଣୀ ପୂଜା କମିଟି ଏକଣାଖଣ୍ଡି ପ୍ରମୁଖ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଟାଉନ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ, ସମସ୍ତ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, କେନ୍ଦ୍ରାପଡା ଏସ୍‌ଡିପିଓ ଦେବନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଟାଉନ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ, ତହସିଲଦାର ତାପସ ରଞ୍ଜନ ଦେଉରି, ସମସ୍ତ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# କୁନୁ ଦେହୁରୀର ମୃତ୍ୟୁକୁ ନେଇ ବଢୁଛି ଅଡୁଆ

ସମ୍ବଲପୁର, ୦୯/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନ ଅନ୍ତର୍ଗତ ଟାମ୍ପରସିଂଘା ଗ୍ରାମର ପୂର୍ବତନ କୁଖ୍ୟାତ ମାଓବାଦୀ କୁନୁ ଦେହୁରୀ (୫୦) ଙ୍କ ରବିବାର ରାତିରେ ମୃତ୍ୟୁ ହୋଇଛି । ନାକଟିଦେଉଳ ଥାନା ପୋଲିସ କହିବାନୁସାରେ, ଘରେ ଥିବାବେଳେ ତାଙ୍କର ଅକସ୍ମାତ ମୃତ୍ୟୁ ହୋଇଛି ଓ ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ କି ମୃତ୍ୟୁର କାରଣ ମଧ ସ୍ପଷ୍ଟ ନୁହେଁ ଓ କିନ୍ତୁ, ପୂର୍ବତନ ମାଓବାଦୀ ନେତା କୁନୁ ଦେହେରୀଙ୍କ ରହସ୍ୟଜନକ ମୃତ୍ୟୁ କୁ ନେଇ ନାନାଦି ଚର୍ଚ୍ଚା ଶୁଣିବାକୁ ମିଳୁଛି ଓ ତେବେ କୁନୁର ଅକସ୍ମାତ ମୃତ୍ୟୁ ସ୍ୱାଭାବିକ ନୁହେଁ ବରଂ ବିଦ୍ୟୁତ ଆଘାତରେ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଟୁହିଲାମାଳ ଗ୍ରାମ ପଂଚାୟତ ଦେଉତାଦର ଗ୍ରାମର ଏକ ନଦୀ ପଠାରେ ହୋଇଛି ବୋଲି କୁହାଯାଉଛି ଓ ଏ ସଂକ୍ରାନ୍ତରେ ନାକଟିଦେଉଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୁନୁ ୨୦୧୮ ମସିହା ଏପ୍ରିଲ ମାସରେ ପୋଲିସ ପାଖରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଥିଲେ। ମାଓବାଦୀଙ୍କ ସହ ତାଙ୍କର କୌଣସି ସମ୍ପର୍କ ନଥିବା ପୋଲିସ ସୂଚନା ଦେଇଛି ଓ କୁନୁ ଶ୍ରମିକ ଥିଲେ ଏବଂ ପତ୍ନୀଙ୍କ ସହିତ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ଜରାଗୁଲା ଗ୍ରାମସ୍ଥିତ ନିଜ ଶ୍ୱଶୁରଙ୍କ ଘରେ ରହୁଥିଲେ । ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ମେଘପାଳ ପଂହଚାୟତର ଟାମ୍ପରସିଂହା ଗ୍ରାମର ଆଦିବାସୀ ଯୁବକ କୁନୁ ଦେହେରୀ ପିଲାଦିନରୁ ଥିଲେ ବାପା, ମା' ଛେଉଣ୍ଡ ଓ ସପ୍ତମ ଶ୍ରେଣୀ ଯାଏ ପଢ଼ିବା ପରେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ ଓ ୧୯୯୮ ମସିହାରେ ପଶ୍ଚିମ ଓଡ଼ିଶାରେ ମାଓବାଦୀ ଦଳର ପ୍ରତିଷ୍ଠା ପାଇଁ ଏମ୍‌ସିସିର ରାଜ୍ୟ କମିଟି ସଦସ୍ୟ ଦାମଦେଓ ତାଙ୍କ ପତ୍ନୀ ଏଲିନା ସହିତ ସମ୍ବଲପୁର ଜିଲ୍ଲାର କେଶାପାଲିକୁ ଆସିଥିଲେ । ଏହି ସମୟରେ ୨୧ ବର୍ଷ ବୟସର କୁନୁ ନକ୍ସଲ ସଙ୍ଗଠନରେ ସାମିଲ ହୋଇଥିଲେ। ଘଟଣାଚକ୍ରରେ ୨୦୦୩ ମସିହାରେ ଘଟିଥିବା ମେଘପାଳର ପୂର୍ବତନ ସରପଂଚ କାଦର ସିଂଙ୍କ ହତ୍ୟାକାଣ୍ଡର ଅଭିଯୁକ୍ତ ହୋଇ ଜେଲ ଯାଇଥିଲେ ଓ ତାଙ୍କ ବିରୋଧରେ ୫୧ ଟି ବିଭିନ୍ନ ମାମଲା ରହିଥିଲା ଓ ୨୦୧୮ ମସିହା ଏପ୍ରିଲ ମାସରେ ଆତ୍ମସମର୍ପଣ କରି କିଛି ଦିନ ଜେଲରେ ରହିବା ପରେ ମୁକୁଳିଥିଲେ। ମାଓବାଦୀ ଦଳରେ ଥିବାବେଳେ ହିଁ ସେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଜରାଗୁଳା ଗ୍ରାମର ଅନିତାଙ୍କୁ ବିବାହ କରିଥିଲେ । ରେଢ଼ାଖୋଲ ଠାରେ କୁନୁର ଶବ ବ୍ୟବଚ୍ଛେଦ ହେବା ପରେ ଶଶୁର ଘର ରିଆମାଳ ଥାନା ଟୁହିଲାମାଳ ଗ୍ରାମ ପଂଚାୟତ ଦେଉତାଦର ରେ ମଙ୍ଗଳବାର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି। ବର୍ତମାନ ତାଙ୍କର ଏକ ମାତ୍ର ପୁଅ ପିଂଟୁ ଦେହେରୀ ରହିଛନ୍ତି। ତେବେ କୁନୁଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ହେବା ସହ ଚର୍ଚ୍ଚା ଥମୁନି।

# ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ପ୍ରତିବିଧାନ ପୀଠ

ସମ୍ବଲପୁର, ୦୯/୧୦ (ନି.ପ୍ର): ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲାର ବିଭିନ୍ନ ଅଂଚଳରେ ଚଳିତ ଅକ୍ଟୋବର ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ର ଆୟୋଜନ କରୁଅଛି । ଏଣୁ ଏହି ତିନି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଂଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ । ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ନିମ୍ନଲିଖିତ ତାରିଖ ଅନୁଯାଇ ସମ୍ବଲପୁର, ଝରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲା ସ୍ଥିତ ଟିପିଡବ୍ଲୁଡିଏଲର ବିଭିନ୍ନ ସବ୍-ଡିଭିଜନ୍ ଅଫିସ୍ ଏବଂ ସେକ୍ସନ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ । ଝାରସୁଗୁଡ଼ା ଜିଲ୍ଲାରେ ଆସନ୍ତା ଅକ୍ଟୋବର ୯ ତାରିଖ ଦିନ ଝାରସୁଗୁଡ଼ା ଟାଉନ ସ୍ଥିତ ଏସଡିଓ-୧ ଏବଂ ଏସଡିଓ-୨ ଅଫିସଠାରେ, ଅକ୍ଟୋବର ୧୪ ତାରିଖ ଦିନ ଏସଡିଓ ବେଲପାହାଡ ଏବଂ ଏସଡିଓ ବ୍ରଜରାଜନଗର ଅଫିସଠାରେ, ଅକ୍ଟୋବର ୧୫ ତାରିଖ ଦିନ କୁଚିଣ୍ଡା ଏସଡିଓ ଅଫିସଠାରେ, ଅକ୍ଟୋବର ୨୧ ତାରିଖ ଦିନ ବନ୍ଧବାହଲ ସେକ୍ସନ ଅଫିସ୍ ଏବଂ ବେଲପାହାଡ଼ ଏସଡିଓ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠରେ ଆୟୋଜନ କରାଯାଉଅଛି । ସେହିପରି ସମ୍ବଲପୁର ଜିଲ୍ଲାରେ ଆସନ୍ତା ଅକ୍ଟୋବର ୧୯ ତାରିଖ ଦିନ ଏସଡିଓ ହୀରାକୁଦ ଏବଂ ଏସଡିଓ ଭୂତପଡ଼ା ଅଫିସଠାରେ, ଆସନ୍ତା ୨୨ ତାରିଖ ଦିନ ଟିପିଲିମା ସେକ୍ସନ ଅଫିସଠାରେ, ଆସନ୍ତା ୨୮ ତାରିଖ ଦିନ ଧାମା ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି ଓ ସେହିପରି ଦେଓଗଡ଼ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଆସନ୍ତା ଅକ୍ଟୋବର ୨୩ ତାରିଖ ଦିନ ତିଲେଇବଣୀ ସ୍ଥିତ ସେକ୍ସନ ଅଫିସଠାରେ, ଅକ୍ଟୋବର ୨୪ ତାରିଖ ଦିନ ରିଆମାଳ ସେକ୍ସନ ଅଫିସଠାରେ ଆୟୋଜିତ ହେଉଥିବା ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠରେ ଉପସ୍ଥିତ ରହି ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ବିଭାଗ ମୁଖ୍ୟ ଟିପିଡବ୍ଲୁଓଡିଏଲ୍ କର୍ପୋରେଟ୍ କାର ?ୟ୍ୟାଳୟ ବୁର୍ଲା ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା ହେଲା ପାଳଦା

ସାଲେପୁର, ୦୯/୧୦ (ନି.ପ୍ର): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଂଚାୟତର ପାଳଦା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିବାରୁ ସମଗ୍ର ଅଂଚଳରେ ଆନନ୍ଦ ପ୍ରକାଶ ପାଇଛି । ସୂଚନା ଯୋଗ୍ୟ ଯେ ଏହି ପଂଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର ?ୟ୍ୟନ୍ତ ସମସ୍ତ ଉଦ୍ୟମ ବଳବତର ରଖିବେ ବୋଲି ଆଜି ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଆଦର୍ଶ ଗ୍ରାମ ଘୋଷଣା କରାଯିବା ପରେ ଏହି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ଡ୍ରେନେଜ୍ ବ୍ୟବସ୍ଥା , ଆଲୋକୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଚାଲିବ ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ କଟକ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ଯୋଗଦେଇ କହିଲେ ସରକାରଙ୍କ ପକ୍ଷରୁ ଏହି ଗ୍ରାମର ଉନ୍ନତି କରାଯାଇ ଜିଲ୍ଲା ତଥା ରାଜ୍ୟରେ ୧ ନମ୍ବର କରାଯିବ ବୋଲି ମତଦେବା ସହ ସମସ୍ତଙ୍କର ସହଯୋଗ ଲୋଡିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମାଜମଙ୍ଗଳ ଅଧିକାରିଣୀ ଶିପ୍ରା ପ୍ରିୟଦର୍ଶିନୀ ବଳ, ବରିଷ୍ଠ ଯନ୍ତ୍ରୀ ବିଜୟ ସେଠୀ, ଯନ୍ତ୍ରୀ ମାଧବୀମୟୀ ଜେନା ଯୋଗଦେଇଥିବା ବେଳେ ପୂର୍ବତନ ସମିତି ସଭ୍ୟ ଭାଗବତ ମଲ୍ଲିକ ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ସଭାପତି ରଂଜନ ନନ୍ଦ, ରବି ଦାସ, ପଂଚାୟତ ପ୍ରମୁଖ ବିଚିତ୍ରାନନ୍ଦ ଦାସ, ମିନକେତନ ମହାନ୍ତି, ପ୍ରିୟରଂଜନ ଖୁଂଟିଆ, କ୍ଷେତ୍ରବାସୀ ସାମଲ, ବିଜ୍ଞାନ ମଲ୍ଲିକ, ଶଶୀକାନ୍ତ ମହାନ୍ତିଙ୍କ ସମେତ ପାଳଦା ଗ୍ରାମର ଶତାଧିକ ଜନସାଧାରଣ ଯୋଗଦେଇ ବିଧାୟକଙ୍କର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

# ଆଦିବାସୀ ଗାଁରେ ବୁଲୁଛନ୍ତି ଶ୍ରମିକ ବୀମା କାର୍ଡ ଠକ

ମାଲକାନଗିରି, ୦୯/୧୦ (ନି.ପ୍ର): ଆଦିବାସୀ ଗାଁରେ ବୁଲୁଛନ୍ତି ଶ୍ରମିକ ବୀମା କାର୍ଡ ଠକ । ମାଲକାନଗିରି ମାଥିଲି ସଦର ଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା କୋଷାବାହାଲରେ ବେଧଡକ ଭାବେ ଚାଲିଛି ଅର୍ଥ ଆଦାୟ । ମୁଣ୍ଡ ପିଛା ୧ହଜାର ଟଙ୍କା ଆଦାୟ କରି ନିରୀହ ଆଦିବାସୀଙ୍କୁ ଠକୁଛି ଠକ । ବୀମା କାର୍ଡ ମିଳିବା ଆଶାରେ ଆଦିବାସୀ ଗାଁ ଗଣ୍ଡାରେ ଟଙ୍କା ଦେଉଥିବା ଦେଖିବାକୁ ମିଳୁଛି । ତେବେ ଏଥିରେ ଜିଲ୍ଲା ଶ୍ରମିକ କାର୍ଯ୍ୟାଳୟର ନାଁ କହି ଠକମାନେ ଗାଁକୁ ଗାଁ ଯାଇ ଟଙ୍କା ଆଦାୟ କରୁଛନ୍ତି । ତେବେ ଏନେଇ ଅତିରିକ୍ତ ଜିଲ୍ଲା ଶ୍ରମିକ ଅଧିକାରୀ ପୂର୍ଣ୍ଣିମା ଡୁରୁକା କହିଛନ୍ତି, ସେମିତି କିଛି ଶ୍ରମିକ କାର୍ଡ ପାଇଁ ଅର୍ଥ ଦେବାକୁ ପଡେନାହିଁ । ଦଲାଲମାନେ ଏହାର ଫାଇଦା ନେଇ ଅର୍ଥ ଆଦାୟ କରୁଥିବା ବେଳେ ଏଥିରେ ସଚେତନ ହେବାକୁ କହିଛନ୍ତି ।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର , ୦୯/୧୦ (ନି.ପ୍ର): ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଏକ ସଚେତନତା କାଯ୍ୟକ୍ରମ ଆଜି ଅପରାହ୍ନ ୧ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଛି । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଜୟପୁର ଦ୍ୱାରା ସଚେତନତା କାଯ୍ୟକ୍ରମ ଆୟୋଜିତ ହୋଇଥିଲା । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାରାବେଢାରେ ଏହି ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଏଥିରେ ବିଡିଓ ଶକ୍ତି ମହାପାତ୍ର, ତହିଲଦାର ସବ୍ୟସାଚି ଜେନା, ସିଡିପିଓ କାଂଚନ ପଣ୍ଡାଙ୍କ ସହ ଏସଏଚଜି ମହିଳା, ବିଦ୍ୟାଳୟର ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାଜ୍ୟର ୧୩ଟି ଥାନାରେ ନାହିଁ ସିସିଟିଭି : ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେଲେ ଏଡିଜି

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଭୁବନେଶ୍ୱରର ଭରତପୁର ପୋଲିସ ଷ୍ଟେସନରେ ଜଣେ ଭାରତୀୟ ସେନା ଅଧିକାରୀ ଏବଂ ତାଙ୍କ ମହିଳା ବନ୍ଧୁଙ୍କ ଉପରେ ହୋଇଥିବା କଥିତ ଆକ୍ରମଣକୁ ନେଇ ବିବାଦ ଲାଗି ରହିଥିବା ବେଳେ ଓଡିଶାର ୧୩ ଟି ପୋଲିସ ଷ୍ଟେସନରେ ସିସିଟିଭି କ୍ୟାମେରା ନାହିଁ ବୋଲି ଜଣାପଡିଛି। ଏହି ସୂଚନା ଓଡିଶା ପୋଲିସର ଏଡିଜି ଦୟାଲ ଗାଙ୍ଗୱାର ପ୍ରଦାନ କରିଛନ୍ତି। ମଙ୍ଗଳବାର ଦିନ ଭାରତପୁର ମାମଲା ସହ ଜଡିତ ଶୁଣାଣି ସମୟରେ ଗଙ୍ଗୱାର ଓଡିଶା ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ଆଗାମୀ ୧୫ ଦିନ ମଧ୍ୟରେ ପୋଲିସ ଷ୍ଟେସନରେ ସିସିଟିଭି କ୍ୟାମେରା ଲଗାଇବା କାମ ଶେଷ ହେବ ବୋଲି ଏଡିଜି କହିଛନ୍ତି। ସେହିଭଳି ଭିଡିଓ ମ୍ୟାନେଜମେଂଟ ସିଷ୍ଟମ ମଧ ଏହି ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଭିଏମ୍‌ଏସ୍ ସହିତ ପୋଲିସ୍ ଅଧୀକ୍ଷକ ସମସ୍ତ ପୋଲିସ୍ ଷ୍ଟେସନରୁ ସିସିଟିଭି ଫୁଟେଜ୍ ଉପରେ ନଜର ରଖିପାରିବେ। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଗତ ଶୁଣାଣି ସମୟରେ ଓଡିଶା ସରକାର ରାଜ୍ୟର ପ୍ରାୟ ୫୭ ଟି ପୋଲିସ ଷ୍ଟେସନରେ ସିସିଟିଭି କ୍ୟାମେରା ନ ଥିବା କଥା କହିଥିଲେ । ଏହା ବ୍ୟତୀତ ଖୁବ ଶୀଘ୍ର ପୋଲିସ ଷ୍ଟେସନରେ ସେନା କର୍ମଚାରୀଙ୍କ ପ୍ରତି ଉପଯୁକ୍ତ ଆଚରଣ ସଂପର୍କରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିସର୍ ଜାରି କରାଯିବ ।

# ସଂହିତା

# ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୧୦ ଅକ୍ଟୋବର ୨୦୨୪


## ଧାରାବାହିକ:

ଭାଗ-୨୪

# ସଂକ୍ଷିପ୍ତ ଭାଗବତ କଥାମୃତ




ଡ. ଶ୍ରୀହରି ପଣ୍ଡା




(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୦ମ ଅଧ୍ୟାୟ

### ।। ଜଡ ଭରତଙ୍କ ସହିତ ରାଜା ରହୁଗଣଙ୍କର ସାକ୍ଷାତ ।।

ଥରେ ସିନ୍ଧୁଦେଶର ବିଷ୍ଣୁଭକ୍ତ ରାଜା ରହୁଗଣ ବିମାନ ଆରୋହଣ କରି ଯାଉଥିଲେ । ବିମାନ ବାହକ ୬୧ଜଣ ଥିବା ସତ୍ତ୍ୱେ ଆଉ ଜଣକର ଆବଶ୍ୟକତା କାରଣରୁ ରାଜାଭୃତ୍ୟଗଣ ସୁସ୍ଥସବଳ ଭରତଙ୍କୁ ଧରିନେଇ ବାହକ କର୍ମରେ ଲଗାଇଦେଲେ । ଏ କର୍ମରେ ଅଭ୍ୟସ୍ତ ନଥିବା ପୁଣି କାଳେ ପାଦତଳେ କୌଣସି ଜୀବ ଚାପିହୋଇ ମରିଯିବ କାରଣରୁ ଭରତ ଅନ୍ୟବାହକଙ୍କ ସହିତ ତାଳଦେଇ ଚାଲି ନ ପାରିବାରୁ ବିମାନ ହୋହଲି ହୋହଲି ଚାଲୁଥିଲା ଫଳରେ ରାଜା ଠିକ ଭାବରେ ଚାଲିବାକୁ ନିର୍ଦ୍ଦେଶ ଦେଲେ । ପୂର୍ବ ବାହକମାନେ କହିଲେ, ମଣିମା ଏହି ନୂତନ ବାହକର ଇତସ୍ତତ ପଦଚାଳନା ଓ ବକ୍ରଗତି ପାଇଁ ଏଭଳି ପରିସ୍ଥିତି ହେଉଛି । ରାଜା କହିଲେ, ହେ ବାହକ ତୋରତ ହୃଷ୍ଟପୁଷ୍ଟ ଶରୀର ଅଛି ତଥାପି ତୁ ଏମିତି ଚାଲୁଛୁ କାହିଁକି ? ଭରତ କୌଣସି ଉତ୍ତର ନଦେଇ ବିମାନ ବୋହି ଚାଲିଲେ ମାତ୍ର ପୂର୍ବବତ ଚାଲିବାରୁ ରାଜା ଅତ୍ୟନ୍ତ କ୍ରୋଧିତ ହୋଇ କଠୋର ଦଣ୍ଡଦେବାକୁ ଧମକ ଦେଲେ । ଭରତ ସ୍ମିତହସି ଶାନ୍ତ ସ୍ୱରରେ କହିଲେ, ହେ ରାଜନ ପ୍ରକୃତରେ ମୁଁ ଭାର ବହନ କରିପାରୁନାହିଁ । ଭାର ଶବ୍ଦଟି କେବଳ ବାହକ ପାଇଁ ପ୍ରଯୁଜ୍ୟ ; ମୁଁ ସଂସାରରେ ଦେହବହି ବିଷୟାସକ୍ତ ଭାର ବହନରୁ ମୁକ୍ତ । ମୋର କ୍ଷୁଧା, ପିପାସା, ମାନ, ଅପମାନ, ଭୟ, ଭ୍ରାନ୍ତି, ନିଦ୍ରା, କ୍ରୋଧ, ଲୋଭ କିଛି ନାହିଁ, ମୁଁ ଜଣେ ଜୀବିତ ମୃତ ବ୍ୟକ୍ତି । ତେଣୁ ଏ ସଂସାରରେ କିଏ କାହାର ଭାର ବହନ କରୁଛି, କିଏ ଈଶ୍ୱର କିଏ କିଙ୍କର ଜାଣିପାରୁନାହିଁ । ଜଡ ଶରୀର ବହନ କରିଥିବା ଯୋଗୁଁ ମୁଁ ଜଣେ ଜଡ, ପୂର୍ବରୁ କେବେ ବିମାନ ବହନ କରିନଥିବାରୁ ଏ ତ୍ରୁଟି ତୁମେ ଲକ୍ଷ କଲ । ତୁମ ବିଚାରରେ ଅବଶ୍ୟ ମୁଁ ଦଣ୍ଡନୀୟ, ସେଥିପ୍ରତି ମୋର ଦୁଃଖ ନାହିଁ କାରଣ ସୁଖଦୁଃଖର ପ୍ରଭେଦ ମୋ ପାଖରେ କିଛି ନାହିଁ । ମୋର ହୃଷ୍ଟପୁଷ୍ଟ ଶରୀରକୁ ଦେଖି କହିଲେ ହେଁ ଆତ୍ମାପ୍ରତି ଏହା ପ୍ରଯୁଜ୍ୟ ନୁହେଁ, ଜ୍ଞାନୀମାନେ ଏହା ଉତ୍ତମ ରୂପେ ଜାଣନ୍ତି । ବିଷ୍ଣୁଭକ୍ତ ରହୁଗଣ ବ୍ରାହ୍ମଣ ମୁହଁରୁ ଏଭଳି ତତ୍ତ୍ୱପୂର୍ଣ୍ଣ କଥା ଶୁଣି ବିମାନରୁ ଓହ୍ଲାଇ ପଡି ବ୍ରାହ୍ମଣଙ୍କ ଚରଣ ବନ୍ଦନା କରିବା ସହ କ୍ଷମା ପ୍ରାର୍ଥନା କଲେ । ରାଜା କହିଲେ, ହେ ମହାତ୍ମା ତୁମେ କିଏ ? ବ୍ରାହ୍ମଣ ରୂପଧାରୀ ଜଣେ ଅବଧୂତର ବେଶରେ କିଏ ଦେବତା,ମୋର ଅପରାଧ କ୍ଷମା କର । ମୋ ଦ୍ୱାରା ଅଜ୍ଞାତରେ ହୋଇଥିବା ଏହୁ ଭୁଲକୁ କ୍ଷମାକର । ମୋର ଏହି ଭୃତ୍ୟଗଣଙ୍କୁ ମଧ୍ୟ କ୍ଷମାକର । ରାଜାର ଅଭିମାନ ନେଇ ମୁଁ ତୁମକୁ ଅବଜ୍ଞା କରିଛି ତାକୁ ମାର୍ଜନା କରି ତୁମର ଅମୃତମୟୀ ଉପଦେଶ ପ୍ରଦାନ କରି କୃତାର୍ଥ କର ।

### ୧୧ଶ ଅଧ୍ୟାୟ

### ।। ଭରତଙ୍କ ରହୁଗଣଙ୍କୁ ଧର୍ମୋପଦେଶ ପ୍ରଦାନ ।।

ବ୍ରାହ୍ମଣ ରୂପୀ ଜଡ ଭରତ କହିଲେ, ସଂସାରରେ ମୂର୍ଖ ଓ ପଣ୍ଡିତ ଭାବରେ ଦୁଇ ପ୍ରକାର ବ୍ୟକ୍ତି ଦେଖାଯାଆନ୍ତି । ଉଭୟେ ଭୁଲ କରୁଥିଲେ ହେଁ ପଣ୍ଡିତମାନେ ତାହା ଜାଣିପାରି ସଂଶୋଧନ କରିପକାନ୍ତି ଫଳରେ ଭୁଲ ତାଙ୍କର ବିଶେଷ କ୍ଷତି କରିପାରେନାହିଁ କି ସେ ମଧ୍ୟ ଭୁଲର ପୁନରାବୃତ୍ତି କରନ୍ତି ନାହିଁ । ତତ୍ତ୍ୱ ଜ୍ଞାନଶୂନ୍ୟ ମୂର୍ଖ ବ୍ୟକ୍ତି କ୍ରୋଧର ବଶବର୍ତ୍ତୀ ହୋଇଥାଏ । ଗୃହସ୍ଥାଶ୍ରମର ବିଭିନ୍ନ ଜଞ୍ଜାଳ ମଧ୍ୟରେ ରହି ଯିଏ କ୍ରୋଧ ବର୍ଜନ କରିଥାଏ ସେ ହିଁ ପ୍ରକୃତ ତତ୍ତ୍ୱଜ୍ଞାନୀ ପଣ୍ଡିତ । ଯେଉଁମାନେ ପ୍ରଣୀଙ୍କ ପ୍ରତି ଦୟା ଦେଖାନ୍ତି ସେମାନେ ସାଧୁ ଓ ଦଣ୍ଡଦେବାର ସାମର୍ଥ୍ୟ ସତ୍ତ୍ୱେ କ୍ଷମା କରୁଥିବା ବ୍ୟକ୍ତି ହିଁ ମହାନ ଅଟନ୍ତି । ଯେଉଁ ବ୍ୟକ୍ତି କ୍ଷମାଭଳି ମହତ ଶକ୍ତିର ଅଧିକାରୀ, ସୁଖଦୁଃଖକୁ ସମଦୃଷ୍ଟିରେ ଦେଖନ୍ତି, ପରାଜୟର ଗ୍ଲାନି କିମ୍ବା ବିଜୟର ଉଲ୍ଲସିତ ହୁଅନ୍ତି ନାହିଁ, ଭୃତ୍ୟ କି ମୁନିବର ବିଚାର ଯାହାଙ୍କ ପାଖରେ ନଥାଏ, ପ୍ରତ୍ୟେକ କାର୍ଯ୍ୟକୁ ଭଗବାନଙ୍କ ଇଚ୍ଛା ବୋଲି ଯିଏ ଧରିନିଏ ସେ ହିଁ ସାଧୁଙ୍କ ମଧ୍ୟରେ ଶ୍ରେଷ୍ଠ । ବ୍ୟକ୍ତି ସତ୍ୱ, ରଜ ଓ ତମ ଗୁଣର ପ୍ରଭାବରେ କାର୍ଯ୍ୟ କରିଥାନ୍ତି । ସଂସାରୀ ମନୁଷ୍ୟର ମନ ମାୟାଗ୍ରସ୍ତ ହୋଇ ବାସନାମୟ ଓ ବିଷୟାବିଷ୍ଟ ହୋଇଉଠେ । ତାହା ତ୍ରିଗୁଣ ଦ୍ୱାରା ଚାଳିତ ହୋଇ ଶରୀର ମାଧ୍ୟମରେ ଦେବତା ବା ମନୁଷ୍ୟ ରୂପ ଧାରଣ କରି ଉତ୍ତମ ବା ଅଧମ ଭାବକୁ ପ୍ରକାଶ କରେ । ସଗୁଣ ପ୍ରାଣୀମାନେ ସାଧାରଣତଃ ବିଷୟାସକ୍ତ ହୁଅନ୍ତି ମାତ୍ର ଯେଉଁମାନେ ମନକୁ ଗୁଣର ପ୍ରଭାବରୁ ମୁକ୍ତ କରିନେଇ ନିର୍ଗୁଣ ଭାବକୁ ଧାରଣ କରନ୍ତି ସେମାନେ ଭବ-ଜଳରୁ ପାରପାଇ ମୋକ୍ଷପଦକୁ ପ୍ରାପ୍ତ ହୁଅନ୍ତି । ମାତ୍ର ଯେଉଁ ମନ ଗୁଣ ପ୍ରଭାବରେ ପରିଚାଳିତ ସେହି ମନ ପ୍ରଦୀପସ୍ଥ ଘୃତାକ୍ତ ସଳିତା ପରି ଜଳି ଜଳି ଶେଷରେ ସ୍ୱୟଂ ବି ଜଳିଯିବା ଭଳି ଆସକ୍ତିରେ ଲିପ୍ତ ରହି ଭୋଗଶକ୍ତି ରହିତ ହେଲାପରେ ମଧ୍ୟ ନିଜର ସତ୍ତାକୁ ତହିଁରେ ନିଃଶେଷ କରିଦିଏ । ବାୟୁ ସର୍ବଦା ପ୍ରବାହିତ ହେଉଥିଲେ ହେଁ ଯେପରି ଆଖିକୁ ଦେଖାଯାଏନା ସେହିପରି ପରମାତ୍ମା ସକଳ ଘଟରେ କ୍ଷେତ୍ର ରୂପରେ ରହି ନିଜର ମାୟା ବଳରେ କ୍ରୀଡା କରୁଥାନ୍ତି । ଷଡରିପୁକୁ ଜୟକରି ସେହି ମାୟାକୁ ଖଣ୍ଡନକଲେ ହିଁ ପ୍ରାଣୀ ମୁକ୍ତି ପାଇଥାଏ । ହେ ରାଜା, ତୁମେ ସେହି ଅଖିଳ ବ୍ରହ୍ମାଣ୍ଡ ଗୁରୁ ଭଗବାନଙ୍କର ଚରଣାରବିନ୍ଦରେ ମନୋନିବେଶ କରି ଏହି ମାୟା କପଟ ପୂର୍ଣ୍ଣ ସଂସାରକୁ ଅତିକ୍ରମ କରିଯାଅ ।

### ୧୨ଶ ଅଧ୍ୟାୟ

### ।। ଭରତ ଓ ରାଜା ରହୁରଗଣଙ୍କ ପ୍ରଶ୍ନୋତ୍ତର ।।

ରାଜା କହିଲେ, ହେ ବିପ୍ରଶ୍ରେଷ୍ଠ, ପ୍ରାଣୀଙ୍କ ମଙ୍ଗଳ ନିମନ୍ତେ ଗୁପ୍ତ ରୂପରେ ସ୍ୱ ଇଚ୍ଛାରେ ଭ୍ରମଣ କରୁଥିବା, ମାୟା ବନ୍ଧନରୁ ନିଜକୁ ମୁକ୍ତ କରିଥିବା ପରମ ଜ୍ଞାନୀ ମୁଁ ତୁମକୁ ମୁଁ ପ୍ରଣାମ କରୁଛି । ରୋଗରେ ପଡିଥିବା ପ୍ରାଣୀ ପ୍ରତି ଔଷଧ, ଗ୍ରୀଷ୍ମତାପରେ କ୍ଲିଷ୍ଟ ବ୍ୟକ୍ତି ପ୍ରତି ଜଳ ଯେପରି ହିତକାରକ, ସଂସାର ଦୁଖାଗ୍ନିରେ ପୀଡିତ ମୋ ପରି ବ୍ୟକ୍ତି ପକ୍ଷରେ ତୁମର ଅମୃତମୟୀ ବାଣୀ ସେହିପରି ପରମହିତ କାରକ । ତୁମର ତତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମ ଯୋଗ ଶୁଣି ମୁଁ ଧନ୍ୟ ହେଲି ମାତ୍ର ତୁମେ ଯେ କହିଲ, ମନୁଷ୍ୟର ସ୍ୱକ୍ରିୟାର ଫଳମାନ ପ୍ରତ୍ୟକ୍ଷ ହେଲେ ମଧ୍ୟ ପ୍ରକୃତରେ ସେ ସମସ୍ତ ଈଶ୍ୱରଙ୍କ ଅଧୀନ ଏବଂ ତତ୍ତ୍ୱ ବିଚାର ସମୟରେ ସେ ଫଳମାନଙ୍କର କୌଣସି ଅସ୍ତିତ୍ୱ ନାହିଁ ଏହାର ମର୍ମ ମୁଁ ବୁଝିପାରୁନାହିଁ । ଦୟାକରି ମୋର ସଂଶୟ ଦୂର କର । ବ୍ରାହ୍ମଣ ତହୁଁ କହିଲେ, ରାଜା ! ଏ ଶରୀର ଏକ ପାର୍ଥୀବ ବିକାର ମାତ୍ର । ପୃଥିବୀର ମାଟିରେ ନିର୍ମିତ ହୋଇ ପୁଣି ମାଟିରେ ମିଶିଯାଉଛି,ଏଣୁ ଏହା ମାଟି ବା ପଥର ବ୍ୟତୀତ ଅନ୍ୟକିଛି ନୁହଁ । ଏହି ମାଟି ଶରୀର ଯେତେବେଳେ କାର୍ଯ୍ୟ ନିମନ୍ତେ ଚାଳିତ ହେଉଛି ସେତେବେଳେ ସେ ଭାରବାହୀ ବୋଲି କୁହାଯାଉଛି ଓ ତାର ଶ୍ରମ ଜାତ ହେଉଛି । ପାଦ, ଆଣ୍ଠୁ, ଗଂଘ ଇତ୍ୟାଦି ଉପରେ କାନ୍ଧ ଅଛି, ତା ଉପରେ ଆଉ କିଛି ନାହିଁ ତୁମର ଶିବିକା ଛଡା, ତା ଉପରେ ତୁମେ ବିରାଜମାନ କରିଛ ଯାହା ତୁମର ଅଭିମାନ । ମାତ୍ର ତୁମର ଶରୀର ଓ ବାହକର ଶରୀର ତ ସମାନ ଏକ ପାର୍ଥିବ ବିକାର । ଏଣୁ ତୁମେ କୁହ କିଏ ନୃପ, କିଏ ସେବକ, କିଏ କାହାକୁ ନମସ୍କାର କରୁଛି ? ଏ ସବୁ ମନର ଅହଂକାର ଛଡା କିଛି ନୁହେଁ । ଏହି ଜ୍ଞାନକୁ ତୁମେ କିଁ ଅବଧାରଣା କରିବାରୁ ମୋର ସେବା କଲ । ବିଶୁଦ୍ଧ ଜ୍ଞାନରୂପୀ ଅଦ୍ୱିତୀୟ ପରମାତ୍ମା ସମସ୍ତଙ୍କ ଦେହରେ ବ୍ୟାପି ରହିଛନ୍ତି । ତାଙ୍କରି ସ୍ମରଣ ମାତ୍ରେ ହିଁ ସର୍ବ ପାପ କଟିଯାଏ । ମୁଁ ପୂର୍ବ ଜନ୍ମରେ ଭରତ ରାଜା ଥିଲି ମାତ୍ର ମୃଗସଙ୍ଗରେ ମତିଭୋଳ ହେବାରୁ ମୃଗ ଶରୀର ପାଇ ପୁଣି ପୁଣ୍ୟ ବଳରେ ପ୍ରଭୁ କୃପାରୁ ବ୍ରାହ୍ମଣ ଜନ୍ମ ପାଇ ଜାତିସ୍ମର ହୋଇଛି । କାଳେ ପୁଣି କୌଣସି ସଙ୍ଗ ଦୋଷରେ ପଡିଯିବି ଏହି କାରଣରୁ ମୁଁ ଜଡ ରୂପରେ ବିଚରଣ କରୁଛି, ହେ ରାଜା, ମୋତେ ଉଦାହରଣ ଭାବି ତୁମେ ସାଧୁସଙ୍ଗ କର, ଭଗବାନଙ୍କ ପାଦପଦ୍ମରେ ମନ ଲଗାଅ ।

### ୧୩ଶ ଅଧ୍ୟାୟ

### ।। ଭବାରଣ୍ୟର ବର୍ଣ୍ଣନା ଓ ରହୁଗଣଙ୍କ ସଂଶୟ ନାଶ ।।

ବ୍ରାହ୍ମଣ କହିଲେ, ରାଜନ, ଏ ସଂସାର ଦୁଃଖ ଗହନର ପଥ ଅତ୍ୟନ୍ତ ଦୁର୍ଗମ । ଷଡରିପୁ, ରଜ, ତମୋଗୁଣ ତାକୁ ବିଭ୍ରାନ୍ତ କରୁଥିବାରୁ ସୁଖର ଅନ୍ୱେଷଣ କରିବାକୁ ଯାଇ ମୃଗତୃଷ୍ଣା ପରି ଧାଇଁ ଧାଇଁ ନିରାଶ ହୁଏ । ଅନ୍ଧ ଲୋକ ଯେପରି ଗର୍ତ୍ତରେ ପଡିଯାଇ ଉଦ୍ଧାର ପାଇବାକୁ ଚିତ୍କାର କରେ ସେହିପରି ଦାରା, ଅପତ୍ୟ ସ୍ନେହନେଇ ପଥହୁଡି ଯାଇ ଉଦ୍ଧାର ନିମନ୍ତେ ବିଳାପ କରେ । ସଂସାର ଅନିତ୍ୟ ଜାଣି ସୁଦ୍ଧା ସେ ସୁଖ ପଛରେ ଧାଇଁ ନିରାଶ ହୁଏ । କେବଳ ଶ୍ରୀହରି ନାମ ହିଁ ଆନନ୍ଦର ଉତ୍ସ ଅଟେ । ରାଜା କହିଲେ, ହେ ସ୍ୱାମୀ, ସଂସାରରେ ସାଧୁମାନେ ଧନ୍ୟ । ତୁମର ସଙ୍ଗ ଲାଭ କରି ମୁଁ ଧନ୍ୟହେଲି । ମୋର ସମସ୍ତ ଅବିଦ୍ୟା, ଅବିବେକତା ତୁମରି ପୁଣ୍ୟ ବଳରେ ଧ୍ୱଂସ ହେଲା କହି ବ୍ରାହ୍ମଣଙ୍କ ପଦବନ୍ଦନା କରିବା ପରେ ବ୍ରାହ୍ମଣ ରୂପୀ ଭରତ ପୃଥିବୀ ପର୍ଯ୍ୟଟନରେ ବାହାରି ଗଲେ ।

(କ୍ରମଶଃ)


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


ସମ୍ପର୍କର ରଙ୍ଗ

# ସମ୍ପର୍କରେ ଘୁଣ ପୋକ




ଶ୍ୱେତା ରାଉତ୍


ଯେମିତି ଗୋଟେ କ୍ଷେତରେ ହରିଣ ପଶି ଫସଲ ଖାଇଗଲେ ଲୋକେ ଦେଖନ୍ତି ଓ ହରିଣ ସବୁ ଫସଲ ଖାଇଗଲା ବୋଲି କୁହନ୍ତି, କିନ୍ତୁ ପୋକମାନେ ଫସଲ ଖାଇ ସଫା କରିଦେଲେ ସହଜେ କାହାକୁ ଦେଖାଯାଏ ନାହିଁ। ବିରାଟ କାଠ ଗଣ୍ଡିଟିଏ ଅଗ୍ନିକାଣ୍ଡରେ ଜଳିଯିବା କଥା ଶୁଣିବାକୁ ମିଳେ, କିନ୍ତୁ ଘୁଣ ପୋକ ଦ୍ୱାରା କାଠ ପୋଲା ହୋଇ ଧରାଶାୟୀ ହୋଇଥିବା ଘଟଣାକୁ ଲୋକେ ନଜର ଦିଅନ୍ତିନି। କୌଣସି ଏକ ଅପରାଧରେ କାରାଗାରରେ ଥିବା ଲୋକଙ୍କୁ ଅପରାଧୀ ବିବେଚନା କରି, ଦଣ୍ଡ ଦେଇ ସରକାର ଅପରାଧ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତି,ବର୍ଷ ବର୍ଷ ସେମାନଙ୍କ ପାଇଁ ଖାଦ୍ୟ ଔଷଧ ଖର୍ଚ୍ଚ ସହ ସାମାଜିକ ବାସନ୍ଦ ରଖି ସତରେ କଣ ଅପରାଧ ରୋକି ପାରନ୍ତି ? ବରଂ ସେମାନଙ୍କ ଅପେକ୍ଷା ଅଧିକ କ୍ଷତି କରିଥାନ୍ତି ମାନସିକ ଚାପ ଗ୍ରସ୍ଥ, ବିକାର ଗ୍ରସ୍ଥ ଲୋକମାନେ। ପରିବାର ଭିତରେ ରହି ପରିବାର ପାଇଁ ନକରାତ୍ମକ ବିଚାର ରଖି ଘୁଣ ପୋକ ଭଳି ସମ୍ପର୍କର ଦାରୁକୁ ପୋଲା କରିଦିଅନ୍ତି। କେବଳ ପରିବାର ନୁହେଁ, ଏମାନେ ସମାଜ ପାଇଁ ଅଧିକ କ୍ଷତିକାରକ ହୋଇଥାନ୍ତି ଏବଂ ମୁକ୍ତ ଭାବରେ ରହି ଅନେକଙ୍କ ଜୀବନକୁ ଦୁର୍ବିସହ କରିଦିଅନ୍ତି।

ଦଣ୍ଡ ସମାଧାନର ଏକମାତ୍ର ପନ୍ଥା ନୁହେଁ,ନହେଲେ ଜେଲ୍ ରେ ଥିବା ହଜାର ହଜାର କଏଦୀମାନେ ଦଣ୍ଡିତ ହେବା ପରେ ସାଧୁ ହୋଇ ଯାଆନ୍ତେ,କିନ୍ତୁ ଏହା ହୁଏନାହିଁ ବରଂ ଦେଖାଯାଏ ଜେଲ୍ ଭିତରେ ମଧ୍ୟ ସେମାନେ ଗୁଣ୍ଡାରାଜ କରନ୍ତି, ଅପରାଧ କରିବାର ସାହସ କରନ୍ତି ଓ ଜେଲ୍ ରୁ ଆସିବା ପରେ ମଧ୍ୟ ଅପରାଧ କରିବାକୁ ଭୟ କରନ୍ତି ନାହିଁ।କେହି କେହି ନିର୍ଦ୍ଦୋଷ କଏଦୀ ଦୀର୍ଘଦିନ ବିନା ଦୋଷରେ ଜେଲ୍ ରେ ରହି ମାନସିକ ଭାବେ ଏତେ ଭାଙ୍ଗି ପଡନ୍ତି ଯେ,ତାଙ୍କ ବିଚାର ବାଧାପ୍ରାପ୍ତ ହୁଏ ଓ ସେ ମଧ୍ୟ ଅପରାଧ ପ୍ରବଣ ହୋଇପାରନ୍ତି।

ତେଣୁ ଦଣ୍ଡ ନୁହେଁ ବରଂ ମାନସିକତା ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ନିଜ ମନ ଓ ବିଚାରକୁ ନିୟନ୍ତ୍ରଣ କରିବାର ଶିକ୍ଷା ପ୍ରଥମରୁ ହିଁ ପରିବାରରୁ ମିଳିବା ଜରୁରୀ, ଯଦ୍ୱାରା ବ୍ୟକ୍ତି ଚରିତ୍ରସମ୍ପନ୍ନ ରହି କ୍ରୋଧ, ହିଂସା, ଅପରାଧ ଭଳି ନକରାତ୍ମକ ବିଚାର ଠାରୁ ଦୂରରେ ରହି ପାରିବ।ପରିବାରରେ ପିଲାଠୁ ବଡ ସମସ୍ତଙ୍କ ମନର କଥା, ଅଭିମାନ, ଅଭିଯୋଗକୁ ଗୁରୁତ୍ୱ ଦେଇ ଶୁଣିବା ଉଚିତ୍, କିଛି କହିବାକୁ ଚାହୁଁଥିଲେ ସ୍ୱାଧୀନତା ଦେବା ଉଚିତ୍ ଏବଂ ପରସ୍ପର ସହନଶୀଳତା ରକ୍ଷା କରି, ପରିସ୍ଥିତିକୁ ବୁଝି ସମାଧାନର ବାଟ ବାହାର କରିବା ଉଚିତ୍।ପ୍ରାୟତଃ ଦେଖାଯାଏ ପରିବାରରେ ବଡମାନେ ଯେତେ ଭୁଲ କଲେ ବି ସାନମାନଙ୍କୁ ତାଙ୍କ ଭୁଲ ଧରିବାକୁ ଦିଆଯାଏନାହିଁ। ବାପା ମାଆ ଭୁଲ କଲେ ଯଦି ପିଲାଟି ଉକ୍ଷିପ୍ତ ହୋଇ କିଛି କହିଦିଏ, ବଡମାନଙ୍କ ମୁହଁରେ ଜବାବ ଦେଉଛୁ କହି ମାଡ ମରାଯାଏ ଓ ନୀରବ ରହିବାକୁ ବାଧ କରାଯାଏ। ପିଲାଟି କଣ କହୁଛି ବଡ କଥା ନୁହେଁ, କଣ କହିବାକୁ ଚାହୁଁଛି ଓ ତା ବିଚାରରେ କଣ ଅଛି ତାକୁ ବୁଝିବା, ଜାଣିବା ଓ ବୁଝେଇବା କର୍ତ୍ତବ୍ୟ ଆମର। ଯଦି ଆମେ ଛୋଟ କଥାଟେ ଭାବି ଏଡେଇ ଯିବା,ହୁଏତ ପିଲା ମନରେ ଥିବା ଅଭିମାନ, ଅଭିଯୋଗ ଧୀରେ ଧୀରେ ତାକୁ କ୍ରୋଧୀ, ଜିଦି ଓ କୁବିଚାରସମ୍ପନ୍ନ କରି ଚାଲିବ। ବୟସ ବଢିବା ସହିତ ନକାରାତ୍ମକ ଚିନ୍ତାଧାରାର ବୃଦ୍ଧି ତାକୁ ଅପରାଧ ପ୍ରବଣତା ପ୍ରତି ଆକୃଷ୍ଟ କରିବ। ସେତେବେଳେ ସେ ନିଜକୁ ବିପଥଗାମୀ କରିବା ସହିତ ଜାଣତରେ ବା ଅଜାଣତରେ ସମାଜର କ୍ଷତି କରିବ। ତେଣୁ ଛୋଟ କଥାଟିଏ ବି ବଡ ଅପରାଧର କାରଣ ହୋଇପାରେ। ଅପରାଧୀକୁ ଦଣ୍ଡ ଦେବା ପୂର୍ବରୁ ଅପରାଧ ରୋକିବା ଜରୁରୀ, ନହେଲେ କାଠରେ ଘୁଣ ପୋକ ଲାଗିବା ଭଳି ସମ୍ପର୍କ ବି ପୋଲା ହୋଇଯାଇପାରେ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଶକ୍ତି ରୂପିଣୀ ଦୁର୍ଗା ଦେବୀ


ଅକ୍ଷୟ କୁମାର ରାଉତ


ଭାରତୀୟ ଋତୁ ଚକ୍ରରେ ଶରତର ସ୍ଥାନ ତୃତୀୟ । କାସତଣ୍ଡିର ହସ , ଧବଳ ଜ୍ୟୋସ୍ନାର ପ୍ରକାଶ, ସବୁଜ ଶସ୍ୟଶ୍ରୀର ସରସ ମାଧୁରୀ ଘେନି ବସୁନ୍ଧରା ଯେତେ ବେଳେ ଶରତ ସ୍ୱଚ୍ଛ ଜଳ ଦର୍ପଣ ରେ ନିର୍ମଳ ଚନ୍ଦ୍ର ମଣ୍ଡଳର ବିମଳ ପ୍ରତିବିମ୍ବ ଅବଲୋଚନ କରନ୍ତି, ସେତେ ବେଳେ ସେହି ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଭାରତବର୍ଷର ପ୍ରତି ପୁରପଲ୍ଲି, ନଗର ଓ ଜନପଦରେ ଶାରଦୀୟ ଦଶହରା ଉତ୍ସବ ମହା ସମାରେହରେ ଅନୁଷ୍ଠିତ ହୁଏ। ଆଦ୍ୟାଶକ୍ତି ଦେବୀ ଦୃର୍ଗାଙ୍କର ଆରଧନା ଏହି ତିଥିରେ କରାଯାଉଥିବାରୁ ଏହାର ଅନ୍ୟନାମ ଦୃର୍ଗାପୂଜା । ଆମ୍ଭେ ମାନେ ତିନୋଟି ଦଶହରା ପାଳନ କରୁଥାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଦିନ ଗଙ୍ଗା ଜୟନ୍ତୀ (ଗଙ୍ଗା ଦଶହରା), ବସନ୍ତ ଋତୁରେ ବାସନ୍ତୀୟ ଦୃର୍ଗାପୂଜା ବା ବାସନ୍ତୀ ଦଶହରା , ଏହି ବାସନ୍ତୀୟ ଦୃର୍ଗାପୂଜା ଠାରୁ ଶାରଦୀୟ ଦୁର୍ଗା ପୂଜାର ପ୍ରସାର ଅଧିକ ପରିଲକ୍ଷିତ ହୁଏ । ଆର୍ଯ୍ୟମାନଙ୍କର ଏହି ବିଜୟ ପର୍ବ ଅନାଦିକାଳରୁ ଜନତାଙ୍କ ମଧ୍ୟରେ ଶକ୍ତି ଆରଧନାର ପ୍ରେରଣା ପ୍ରଦାନ କରି ଆସୁଛି । ଏହି ଶକ୍ତି ଆରଧାନରା କେତେ ଗୁଡ଼ିଏ ପୌରାଣିକ କାହାଣୀ ରହିଛି । ମହିଷାସୁର ରାକ୍ଷାସର ଅତ୍ୟାଚାରରେ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେ । ଜଗତର ମଙ୍ଗଳ ନିମନ୍ତେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର କ୍ରୋଧାଗ୍ନିରୁ ଏକ ତେଜସିମିନୀ ଶକ୍ତିର ଆବିର୍ଭାବ ହେଲା । ସେହି ଶକ୍ତି ସ୍ୱରୁପଣି ଦେବୀ ଦେବତାଙ୍କୁ ଦୁର୍ଗତୀରୁ ରକ୍ଷା କରୁଥିବାରୁ ସେ ଦୃର୍ଗା ବୋଲାଇଲେ । ନବ ଦିନ ପର୍ଯ୍ୟନ୍ତ ଦେବୀ ଅସୁର ସହିତ ସଂଘର୍ଷରତ ରହି ଦଶମୀ ଦିନ ମହିଷାସୁରଙ୍କୁ ବିନାଶ କରି ବିଜୟଲାଭ କରିଥିଲେ । ସେହି ଦିନ ଠାରୁ ଇହଲୋକ ଓ ଦେବଲୋକ ମା ଦୃର୍ଗାଙ୍କର ଆରଧନ କରୁଛନ୍ତି।

ଗିରିରାଜ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃଗୃହ କୁ ଆଗମନ କରନ୍ତି । ଜଗଜ୍ଜନନୀଙ୍କର ଆଗମନରେ ପ୍ରକୃତି ହସି ଉଠେ । ଧରାବକ୍ଷରେ ଶରତ । ଦିଗେ ଦିଗେ ଶାରଦୀୟ ଶୁଭ୍ର ଶୋଭା ଶରତ ସ୍ୱଚ୍ଛ ସରୋବରର ଢ଼େଉରେ ହଂସ ଓ କାରଣ୍ଡକ । ମହା ପୂଜା ର ଆୟୋଜନ କରନ୍ତି ଧରାବାସୀ । ଦେବୀ ଜଗତବାସୀଙ୍କ ଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି ।

ରାବଣ ନିଧନ ନିମିତ ରଘୁକୁଳ ତିଳକ ରାମଚନ୍ଦ୍ର ଦୃର୍ଗାଙ୍କର ଆରଧନା କରି ଦଶମୀ ତିଥିରେ ବିଜୟ ଲାଭ କରିଥିଲେ । ଏଣୁ ଆଶ୍ୱିନ ଶୁକ୍ଳ ଦଶମୀ "ବିଜୟା ଦଶମୀ'' ନାମରେ ଖ୍ୟାତ । ଆଶ୍ୱିନ ମାସରେ ରାଜା ସୁରଥ ଦୁର୍ଗାଙ୍କର ଆରଧନା କରି ରାଜ୍ୟ ଲାଭ କରିଥିଲେ । ଏତଦ୍ ବ୍ୟତୀତ ବିଜୟା ଦଶମୀ ପାଳନର ଆଉ ଦୁଇଟି କାହାଣୀ ମହାଭାରତରେ ବର୍ଣ୍ଣିତ , ଅର୍ଜୁନ ବିରାଟ ରାଜାଙ୍କର ଗୋବସାହରଣ କୁ ପ୍ରତିହତ କରିଥିଲେ କୌରବ ମାନଙ୍କୁ ପରାସ୍ତ କରିବା ଦିନ ଥିଲା ଆଶ୍ୱିନ ଶୁକ୍ଳ ଦଶମୀ । ଏହି ବିଜୟର ସ୍ମୃତିରେ ବିରାଟ ରାଜା ବିଜୟୋତ୍ସବର ଆୟୋନ କରିଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶରେ ଅର୍ଜୁନ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଆଶ୍ୱିନ ଶୁକ୍ଳ ଦଶମୀରେ ବିଜୟଲାଭ ନିମିତ ଦୁର୍ଗାଙ୍କର ଆରଧନା କରିଥିଲେ । ବହୁ ପ୍ରାଚିନ କାଳରୁ ଷୋଡ଼ଶଦିନାତ୍ମକ ,ଦୁର୍ଗାପୂଜା ଦେବୀପୀଠ ମାନଙ୍କରେ ହୋଇ ଆସୁଅଛି । ଗାଁ ଗହଳି ତଥା ବିଭିନ୍ନ ସହରରେ ଦେବୀ ମନ୍ଦିରରେ ନବଦିବସ ପଚଂଦିବସ ଓ ତ୍ରିଦିବସୀୟ ଦୁର୍ଗାପୂଜାର ପ୍ରଚଳନ ଅଛି । ଦୁର୍ଗାପୂଜା ଅବସରରେ ଦେବୀଙ୍କ ନିକଟରେ ବଳିର ପ୍ରଥା ପ୍ରଚଳନ ଥିଲା । ଜନସଚେତନତା ଫଳରେ ବଳି ପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି । ନବଦିବସ ପୂଜାରେ ୩ ଦିନ ମହାଲକ୍ଷ୍ମୀ , ୩ ଦିନ ମହାକାଳୀ ଓ ୩ ଦିନ ମହାସରଶ୍ୱତି ରୂପେ ଦୁର୍ଗାଙ୍କର ପୂଜା ହୁଏ , ନବଦିନ "ମା' ନଅଟି ନାମରେ ପୂଜା ହୋଇଥାଆନ୍ତି , ଯଥା- ଶୌଳପୂତ୍ରୀ , ବ୍ରହ୍ମଚାରିଣୀ ,ଚନ୍ଦ୍ରଖଣ୍ଡା , କୁଷ୍ମାଣ୍ଡା , ସ୍କନ୍ଧମାତା , କ୍ୟାନ୍ତାୟନୀ , କାଳରାତ୍ରୀ , ମହା ଗୌରୀ ଓ ସିଦ୍ଧଦାତ୍ରୀ । ଭଗବାନ ଲିଳା ପୁରୁଷ ହୋଇ ଦଶ ଅବତାର ଧାରଣ କରିଥିଲେ । ସେହିପରି ଈଶ୍ୱର ବା ଶିବଙ୍କର ଦଶଟି ସ୍ୱରୂପ ରହିଛି । ଦଶଭୂଜା ଦୁର୍ଗା ଦଶ ମହାବିଦ୍ୟା ରୂପେ ଦଶଟି ଭୌରବୀ ରୂପେ ପୂଜା ପାଆନ୍ତି । ଶିବ ଓ ଶିବାଙ୍କ ଦଶ ରୂପ ଯଥା- ମହାକାଳ-ମହାକାଳୀ, ତାରକ(ତାରେକଶ୍ୱର)-ତାରା ଦେବୀ , ଭୂବନେଶ୍ୱର- ଭୂବନେଶ୍ୱରୀ , ଷୋଡ଼ଶ ଶ୍ରୀବିଦ୍ୟେଷ- ପୋଡ଼ଶୀ, ଭୈରବ-ଭୈରବୀ, ଛିନ୍ନମସ୍ତକ-ଛିନ୍ନମସ୍ତା, ଧୂମବର୍ଣ୍ଣ - ଧୂମାବତୀ , ବଗଳମୁଖ-ବଗଳାମୁଖୀ , ମାତଙ୍ଗ-ମାତଙ୍ଗୀ , କମଳ- କମଳା , ଦଶରୂବରେ ଦଶ ଦୁର୍ଗା ଙ୍କୁ ପୂଜା କଲେ ମନୁଷ୍ୟର ଦଶ ଦୋଷ ବା ଦଶପାପ ହରଣ ହୋଇଥାଏ। ଏହି ପାପ ଗୁଡ଼ିକ ହେଉଛି ଚୌର୍ଯ୍ୟ ,ହିଂସା , ପରଦାରାଗମନ, ମିଥ୍ୟାବାଦିତା , କପଟଚରଣ , ଅପହରଣ ଚିନ୍ତା , ପ୍ରଳାପ , ଲୋଭ , ପରଅନିଷ୍ଟ , ବାକ୍ୟବାଣ ପ୍ର୍ୟୋଗ , ଦଶ ଦୋଷ ହରଣ ହୁଏ ବୋଲି ଏହି ଉତ୍ସବ କୁ "ଦଶହରା'' କହନ୍ତି ।

ରାଜସ୍ଥାନ ରେ ରାଜା, ମହାରାଜା ଓ ଜମିଦାର ମାନେ ସବାରି ପାନିକିରେ ପରି ଭ୍ରମଣ କରନ୍ତି । ଏହି ଦିନ ଶସ୍ତ୍ର ଧାରୀ ମାନେ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି । ଗୁଜୁରାଟରେ ନୃତ୍ୟଗୀତ ସହ ଦେବୀ ପୂଜାର ବ୍ୟବସ୍ଥା ହୋଇଥାଏ , ବହୁସ୍ଥାନରେ ମେଳାର ଅୟୋଜନ ହୋଇଥାଏ । ପଶ୍ଚିମବଙ୍ଗର ଶାରଦୀୟ ଦୁର୍ଗା ପୂଜା ଭାରତ ପ୍ରସିଦ୍ଧ । ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ନଗର କଟକରେ ଦଶହରା ପର୍ବ ମହାସମାରୋହରେ ପାଳିତ ହୁଏ ।ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳବ୍ୟବସାୟର ବିଭିନ୍ନ ଯନ୍ତ୍ରପାତି ଦେବୀଙ୍କ ନିକଟରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ ସଜ ବସାଇବା' କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଏବଂ ଦେବୀ ଙ୍କ ବିସର୍ଜନ ହୁଏ। ଦଶହରାରେ ଅପରାଜିତାଙ୍କ ର ପୂଜା ହେତୁ ଏହି ଦଶମୀକୁ କେହି କେହି ଅପରାଜିତା ଦଶମୀ ବୋଲି କହିଥାଆନ୍ତି । ଏହିଦିନ ମଧ୍ୟ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ବିଜୟାଦଶମୀ ଦିନ ଶମୀବୃକ୍ଷ ପୂଜା ମଧ୍ୟ ହୋଇଥାଏ । ପାଣ୍ଡବମାନେ ବନବାସ ସମୟରେ ଶମୀବୃକ୍ଷ ଗହ୍ୱରରେ ଶସ୍ତ୍ରସମୂହ ରଖିଥିଲେ । ବନବାସ ପୂର୍ଣ୍ଣ ହେବା ପରେ ଶସ୍ତ୍ର ଏହି ବୃକ୍ଷରୁ ବାହାର କରିଥିଲେ । ସେହି ଦିନ ଥିଲା ବିଜୟାଦଶମୀ । ନବରାତ୍ର ଆରମ୍ଭ ହେବା ସହିତ ବିଭିନ୍ନ ସ୍ଥାନରେ ରାମଲୀଳା ସହିତ ରାବଣ ପୋଡ଼ି ଉତ୍ସବ ପାଳନ ହୁଏ।

ଉତ୍କଳରେ ଦଶଭୂଜା ମୃଣ୍ମୟୀ ମୂର୍ତି ବଙ୍ଗୀୟ ମତରେ ପୂଜିତ , ଉତ୍କଳୀୟ ମତରେ , ଦୁର୍ଗାଙ୍କର ମୂର୍ତି ଚତୁଭୁଜା , ଅଷ୍ଟଭୂଜା ଓ ଷୋଡ଼ସଭୂଜା ହେବା ବିଧି ଅଟେ । ପୁରୀର ଗଜପତି ରାଜା ତୃତୀୟ ଦିବ୍ୟସିଂହ ରେ (୧୮୭୬ ସାଲ) ରେ ଚୌତ୍ରଯାତ୍ରା ବା ବାସନ୍ତିୟ ଦୁର୍ଗା ପୂଜା ଅବସରରେ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଏହି ଉତ୍ସବରେ ୨୫ ହଜାର ପାଇକ ଲକ୍ଷ ଲକ୍ଷ ଜନତାଙ୍କ ସମ୍ମୁଖରେ ରଣହୁଙ୍କାର ଦେଇ ଚୌତ୍ରଯାତ୍ର ପାଳନ କରୁଥିଲେ । ଜଣେ ସାଧୁଙ୍କ ମୃତ୍ୟୁ କାରଣରୁ ରାଜଗୁରୁ ହତ୍ୟା ଅପରାଧରେ କଳାପାଣି ପାର ଆଦେଶ ଇଂରେଜ ସରକାର ଦେଇଥିଲେ । ସେହି ଦିନ ଠାରୁ ଉତ୍କଳୟ ଦଶହରା ବା ଚୈତ୍ରଯାତ୍ର ବନ୍ଦ ହୋଇ ଯାଇଥିଲା । କାଳକ୍ରମେ କିଛି ବଙ୍ଗୀୟ ଲୋକ ଆମୋଦ-ପ୍ରମୋଦ ନିମିତ ଦୁର୍ଗାପୂଜା ଆରମ୍ଭ କରିଥିଲେ , ପରେ ତାହା ଉତ୍କଳର ବହୁ ଅଚଂଳ ବ୍ୟାପିଥିଲା । ଉତ୍କଳୀୟ ମତରେ ଦୁର୍ଗାଙ୍କର ଧ୍ୟାନର ମନ୍ତ୍ର ୯ଅକ୍ଷର , କିନ୍ତୁ ବଙ୍ଗୀୟ ବିଧିରେ ଧ୍ୟାନର ମନ୍ତ୍ର ୬ ଅକ୍ଷର । ଉତ୍କଳୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଗବେଷକଗଣ ଅଧିକ ଗବେଷଣା କରିବା ଉଚିତ୍ । ଯାହା ଫଳରେ ଉତ୍କଳୀୟ ସଂସ୍କୃତିର ସ୍ୱାଧିନତା ପୁନରୁଦ୍ଧାର କରା ଯାଇ ପାରବ । ଦେବୀ ଦୁର୍ଗା ଶକ୍ତମୟୀ ,ଶକ୍ତିବିନା ବ୍ୟକ୍ତି ତଥା ସମାଜ ର ପ୍ରଗତି ଅସମ୍ଭବ ଦୁର୍ଗତି ହାରିଣୀ ଦୁର୍ଗା "ମା'ଙ୍କର ଆଶ୍ରିର୍ବାଦରେ ଦାନବୀୟ ପ୍ରବୃତିର ବିନାଶ ଘଟି ଦେବୀ ପ୍ରବୃତିର ବିକାଶ ଘଟୁ ।


+ ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର,
ମୋ-୯୯୩୭୬୯୧୪୭୫.

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ଅକ୍ଟୋବର ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବୈପ୍ଳବିକ ପରିବର୍ତ୍ତନ ଲୋଡ଼ା...

ସମ୍ପ୍ରତି ଭାରତବର୍ଷରେ ନାରୀ ନିର୍ଯାତନା ନିତିଦିନିଆ ଖବର ହୋଇଗଲାଣି। କଲିକତାର ଆରଜି.କର ମେଡିକାଲ କଲେଜରେ ଡାକ୍ତରୀ ଛାତ୍ର ଓ ହତ୍ୟା ମାମଲା ହେଉ କିମ୍ବା ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ସାତମାସ ଧରି ଯୌନ ନିର୍ଯାତନାର ଶିକାର ହେଇଥିବା ଝିଅ। ଏହିସବୁ ଘଟଣା ନାରୀକୁ ଆମ ସମାଜରେ ଏକ ସୁସ୍ଥ ଜୀବନଯାପନ କରିବାରୁ ବଞ୍ଚିତ କରିବା ସହ ତା'କୁ ନିତିଦିନିଆ ଜୀବନରେ ମାନସିକ ଓ ସାମାଜିକସ୍ତରରେ ଆତଙ୍କିତ ଜୀବନ ଅତିବାହିତ କରିବାକୁ ବାଧ କରୁଛି। ବିବାହ ସହିତ ଯୌତୁକ ପ୍ରଥା ବହୁକାଳରୁ ଜଡ଼ିତ। ପୁରାତନ କାଳରେ ଯୌତୁକ ସୁସ୍ଥ, ଶୃଙ୍ଖଳିତ ତଥା ଆନନ୍ଦଦାୟକ ପରମ୍ପରା ଭାବେ ବିବେଚିତ ହେଉଥିଲା। ବିବାହ ସମୟରେ ଝିଅ ଘର ଲୋକ ବରକୁ ଆନନ୍ଦରେ ସ୍ୱେଚ୍ଛାକୃତ ଉପହାର ସ୍ୱରୂପ କିଛି ଅର୍ଥ, ଅଳଙ୍କାର, ଗାଈ, ବଳଦ, ଘୋଡ଼ା, ଭୂସମ୍ପତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଦେଉଥିଲେ। ସମୟ ବଦଳିବା ସହିତ ଯୌତୁକର ସଂଜ୍ଞା, ସ୍ୱରୂପ ଓ ଚରିତ୍ର ମଧ୍ୟ ପରିବର୍ତ୍ତିତ ହୋଇଛି। ବର ଘର ଲୋକ ପାଲଟି ଯାଇଛନ୍ତି ଯୌତୁକ ଆଳରେ ଅର୍ଥପିପାସୁ ରାକ୍ଷସ। ଯାହା ଏକଦା ମଙ୍ଗଳମୟ ଓ ଆର୍ଶୀବାଦ ବ୍ୟବସ୍ଥା ଥିଲା, ତାହାକୁ ଏହି ଅର୍ଥପିପାସୁମାନେ ନର୍କରେ ପରିଣତ କରିଛନ୍ତି। ପ୍ରେମ, ପ୍ରୀତି ଓ ପବିତ୍ର ଭଳି ପାରମ୍ପରିକ ସାମାଜିକ ଅନୁଷ୍ଠାନ ବିବାହକୁ ଆଜି ସମୟରେ ଏହି ଯୌତୁକ କଳଙ୍କିତ କରିଦେଇଛି। ଆଧୁନିକୀକରଣ ଓ ଶିଳ୍ପକରଣ ବିବାହର ସଂଜ୍ଞା ଓ ରୂପରେଖ ବଦଳାଇ ଦେଇଛି। କନ୍ୟାର ରୂପ ଓ ଗୁଣର ବିବେଚନା ତୁଳନାରେ କନ୍ୟାପିତାର ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ଉପରେ ପ୍ରଥମେ ନଜର କରୁଛନ୍ତି ବର ଘର ଲୋକ। ଯୌତୁକ ବିନା କନ୍ୟା ସାରା ଜୀବନ ପାଇଁ ଚିରକୁମାରୀ ହୋଇ ବିକଳରେ ଲୁହ ଢାଳିବାର ବି ଉଦାହରଣ ଅଛି। ପିତା ଗୃହ ପରିତ୍ୟାଗ କରି ତୀର୍ଥଭୂମିକୁ ଯାଉଥିବା କନ୍ୟାମାନେ ବରଘରର ଅର୍ଥପିପାସୁ ଲୋକଙ୍କ ଅସହ୍ୟ ଗଞ୍ଜଣାର ଶିକାର ହେଉଛନ୍ତି। ଶାଶୂ ଘରେ ନବବଧୂର ସମସ୍ତ ଆଶା ଓ ଆକାଂକ୍ଷା ଉଭେଇ ଯାଉଛି। ଅସହ୍ୟ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟରେ ସେ ନାରୀ ଜନ୍ମ ଓ ଜୀବନର ପ୍ରାସଙ୍ଗିକତାକୁ ତୁଳନା କରୁଛି। ବିବାହର ମଙ୍ଗଳ ଆରତି ମଳିନ ନ ପଡୁନୁ ଦେହସାରା ଲାଗୁଛି ରକ୍ତର ଛିଟା। ଅକାଳରେ ଲିଭିଯାଉଛି ଅନେକ ଅଲିଅଳି ସରଳ ଝିଅଙ୍କର ଜୀବନର ଦୀପାଳି। ଯେଉଁ ଗଳାରେ ସ୍ୱାମୀ ଓ ଶ୍ୱଶୁର ଅଳଙ୍କାର ପିନ୍ଧାଇବା କଥା ସେଥିରେ ସେମାନେ ରଶି ପିନ୍ଧାଇ ଟାଙ୍ଗୀ ଦେବାକୁ ତିଳେ ମାତ୍ରେ କୁଣ୍ଠାବୋଧ କରୁନାହାନ୍ତି। ଏହିସବୁ କୁପରମ୍ପରା ପାଇଁ ଯେ ଖାଲି ଆଧୁନିକତା ଦାୟୀ, ତାହା ନୁହଁ। ବରଂ ଆମ ଦୈନନ୍ଦିନ ଜୀବନରେ ସମାଜର ନିର୍ଦ୍ଧାରିତ କିଛି ନୀତିନିୟମ, ଯାହା ଏକ ପିତୃକୈନ୍ଦ୍ରିକ ସମାଜ ଗଠନ ଦିଗରେ ଅବସ୍ଥାପିତ ହୋଇଆସିଛି, ତାହା ମଧ୍ୟ ଅନେକାଂଶରେ ଦାୟୀ। ଉଦାହରଣ ସ୍ୱରୂପ ଯଦି କୌଣସି ଘରେ ଝିଅ ଜନ୍ମ ହୁଏ ସେଠି ଶାଶୂଠାରୁ ଶ୍ୱଶୁର ପର୍ଯ୍ୟନ୍ତ ଅସୁଖୀ ହୁଅନ୍ତି; ବେଳେ ବେଳେ ଜନ୍ମଦାତା ପିତା ମଧ୍ୟ। ସମାଜରେ ଥିବା କିଛି ପ୍ରଥା ଓ ପରମ୍ପରା ତାଙ୍କୁ ଝିଅ ଜନମ ବୋଝ ପରି କରିଦେଇଥାଏ, ଯାହା ମଧ୍ୟରୁ ଯୌତୁକ ପ୍ରଥା ଅନ୍ୟତମ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ୨୦୨୨ ତଥ୍ୟ ଅନୁସାରେ, ଯୌତୁକ ପ୍ରଥା ନିବାରଣ ଆଇନ ୧୯୬୧ ରେ ପାଖାପାଖି ୬୪୦୦ ମାମଲା ରୁଜୁ ହେଉଛି। ଯୌତୁକ ଜନିତ ମୃତ୍ୟୁ ମାମଲାରେ ଉତ୍ତର ପ୍ରଦେଶ (୨୧୩୮) ପ୍ରଥମ ସ୍ଥାନରେ ଥିଲା ବେଳେ ବିହାର (୧୦୫୭) ଓ ମଧ୍ୟପ୍ରଦେଶ (୫୧୮) ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଓଡ଼ିଶା (୨୬୩) ର ସ୍ଥାନ ହେଉଛି ଷଷ୍ଠ। ୨୦୨୨ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ, ପ୍ରତି ୯୦ ମିନିଟ୍‌ରେ ଜଣେ ନାରୀର ଯୌତୁକ ଜନିତ ମୃତ୍ୟୁ ଘଟୁଛି। ଯୌତୁକ ପ୍ରଥା ଦ୍ୱାରା ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଉତ୍ପୀଡ଼ନ, ନିର୍ଯାତନା ଓ ମୃତ୍ୟୁ ହେଉଛି ଏକ ଦୁଃଖଦ ଘଟଣା; ଯାହା ଏକ ସଭ୍ୟ ଓ ଗଣତାନ୍ତ୍ରିକ ମାନବ ସମାଜ ପ୍ରତି ଲଜ୍ଜାଜନକ ଓ ଅପମାନ। ଏପରି ପ୍ରଥାକୁ ନିବାରଣ କରିବା ପାଇଁ ଭାରତ ସରକାର ୧୯୬୧ ମହିହାରେ ଯୌତୁକ ପ୍ରଥା ନିବାରଣ ଆଇନ ପ୍ରଣୟନ କରିଥିଲେ ମଧ୍ୟ ଯୌତୁକ ଜନିତ ନିର୍ଯାତନା ଓ ମୃତ୍ୟୁକୁ ରୋକିବାରେ ଅକ୍ଷମ ହୋଇଛି। ଏହାର ପ୍ରକୃତ ନିଦାନ ପାଇଁ ବ୍ୟକ୍ତିର ମନବୃତ୍ତି ପରିବର୍ତ୍ତନ ସହ ସାମାଜିକ ସଚେତନତାର ଆବଶ୍ୟକତା ରହିଛି। ତା' ସହିତ ଆଇନକୁ କଠୋର ସହ ସରଳ ଭାଷାରେ ଉଲ୍ଲେଖ କରିବା, ନାରୀକୁ ଏକ ତୁଚ୍ଛ ପଣ୍ୟ ଦ୍ରବ୍ୟ ରୂପେ ବିବେଚିତ ନ କରିବା, ଝିଅର ଇଚ୍ଛା ବିରୁଦ୍ଧରେ ବିବାହ ନ କରିବା, ଅର୍ଥନୈତିକ କ୍ଷେତ୍ରରେ ସ୍ୱାଧୀନତା, ବିଭିନ୍ନ ଗଣମାଧ୍ୟମ, ଲୋକଗୀତ ଓ ଲୋକନାଟ ମାଧ୍ୟମରେ ଯୌତୁକ ପ୍ରଥାର କ୍ରୂର ଓ ନିଷ୍ଠୁର ରୂପକୁ ଜନସାଧାରଣଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା, ନିଜ ସମକକ୍ଷ ଶ୍ରେଣୀରେ ବିବାହ ଦେବା, ବରପାତ୍ରଟି ସରଳ ଓ ଦୟାଳୁ ହୋଇଥିବା, ଉଚ୍ଚ ଜାତି ବା ଶ୍ରେଣୀର ଲୋକମାନଙ୍କ ବିବାହ ପଦ୍ଧତିକୁ ଅନୁକରଣ ନ କରି ନିଜର ଦକ୍ଷତା ଓ ସାମର୍ଥ୍ୟ ଅନୁସାରେ ବିବାହର ଖର୍ଚ୍ଚ କରିବା ଆଦି ଅବଲମ୍ବନ କରିବା ଆବଶ୍ୟକ। ଏହିସବୁ କରିପାରିଲେ ଦିନକୁ ଦିନ ବଢୁଥିବା ଯୌତୁକ କ୍ଷୁଧା ଓ ତଦ୍‌ଜନିତ ମୃତ୍ୟୁ ହାରକୁ ହୁଏତ ନିୟନ୍ତ୍ରଣ କରାଯାଇପାରିବ। ଏଥିପାଇଁ ଆମ ସମସ୍ତଙ୍କୁ ଏକଜୁଟ ହେଇ ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ସ୍ତରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପଡ଼ିବ।

## 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ

### ଯଶସ୍ୱିନୀ ପଟ୍ଟନାୟକ



'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା। ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି। ସେ ଆଦ୍ୟା ମହାଶକ୍ତି। ତାଙ୍କର ସ୍ୱରୂପ ବିବିଧ। ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା। ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ। ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି।

ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ। ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ। ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର। ସେମାନେ ହେଲେ - ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ। ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ମାତା ଶୈଳପୁତ୍ରୀ। 'ଶୈଳ' ଅର୍ଥ ପାହାଡ଼ ଓ 'ପୁତ୍ରୀ' ଅର୍ଥ କନ୍ୟା। ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ। ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ। ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ। ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର। ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା'ବ୍ରହ୍ମଚାରିଣୀ। ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ। ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ। ତୃତୀୟ ଦିନରେ ଆରାଧନା କରାଯାଏ ମା'ଚନ୍ଦ୍ରଘଣ୍ଟାଙ୍କୁ। ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଣ୍ଟା। ଚତୁର୍ଥ ଦିନରେ ଆବାହନ କରାଯାଏ ମା'କୁଷ୍ମାଣ୍ଡାଙ୍କୁ। ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ରୀ। ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା। ପଞ୍ଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା। ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା। ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ। ଷଷ୍ଠ ଦିବସରେ ପୂଜା ପାଆନ୍ତି ମା'କାତ୍ୟାୟାନୀ। କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ। ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ। ସ୍ନେହ ଶ୍ରଦ୍ଧାର ପ୍ରତୀକ।

ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ। ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ। କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ।



ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା। ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ। ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ। ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ। ଏହା ଏ ଜଗତର ଏକ ପ୍ରଚଳିତ ଧାରା। କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି। ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି। 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ। ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ।'


ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ


## ଭାରତୀୟ ସଂସ୍କୃତିରେ ଜନନୀ ଦଶଭୁଜା

### ଭବାଶିଷ ଦାଶ



ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ। ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ଚୀର ପ୍ରବହମାନ ଜହ୍ନାବୀ ଧାରା। ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ। ଭାରତୀୟ ଜନଜୀବନର ସାମଗ୍ରିକ ରୂପ ତାର ଲୋକ - ସଂସ୍କୃତିରେ ପ୍ରତିଫଳିତ। ତେଣୁ ସାମାଜିକ ଆଧାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଢ଼ି ଉଠିଥାଏ। ସେଥିପାଇଁ ଭାରତ ବର୍ଷ ସର୍ବୋପରି ବହୁ ସଂପ୍ରଦାୟ ଓ ବହୁ ଭାବନାର ସମନ୍ୱିତ ଭୂମି ଏବଂ ମହନୀୟ ଚେତନାର ସମନ୍ୱିତ ତୀର୍ଥ। ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି। ଆର୍ଯ୍ୟ ଓ ଅର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା। ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ ଦେବୀ ରୂପେ ପୂଜା ପାଆନ୍ତି। ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ, ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ। ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି।

ଭାରତୀୟ ସଂସ୍କୃତିର ଏକ ମୁଖ୍ୟ ବିଭାବ ହେଉଛି ସମନ୍ୱୟ ପ୍ରତିଷ୍ଠା। ଏଠାରେ ବିଷ୍ଣୁ, ଶିବ, ଆଦିତ୍ୟ, ଗଣପତି ଏବଂ ଦୁର୍ଗା ପଞ୍ଚ ଦେବତା ରୂପେ ପୂଜା ପାଇ ଆସୁଛନ୍ତି। ବିଶେଷତଃ ଭାରତୀୟ ଧର୍ମୀୟ ପରମ୍ପରାରେ ଅନେକ ଧାର୍ମିକ ଚିନ୍ତାଧାରାର ଉତ୍ଥାନ ଓ ପତନ ସତ୍ତ୍ୱେ ଏହି ପଞ୍ଚୋପାସନା ମଧ୍ୟରେ ଶକ୍ତି ଉପାସନା ବିଶେଷ ଆଦୃତି ଲାଭ କରିଛି। ଭାରତର ବିଭିନ୍ନ ସ୍ଥାନରେ ବରାହୀ ଭୈରବିମନସା, ପନ୍ନଶବରୀ, ତାରା, ଅମ୍ବା ଅମ୍ବାଳିକା ପ୍ରଭୃତି ଶାକ ଦେବୀ ମାନଙ୍କ ସହ ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା, ଷୋଡ଼ସଭୁଜା, ମହିଷାମର୍ଦ୍ଦିନୀ ଦୁର୍ଗା ଉପାସିତା ହୋଇ ଆସୁଛନ୍ତି। ବିଭିନ୍ନ ବୈଦିକ ଶାସ୍ତ୍ର ମାନଙ୍କରେ ଶକ୍ତି ଉପାସନାର ବିପୁଳ ବର୍ଣ୍ଣନା ଦେଖିବାକୁ ମିଳେ। ରାମାୟଣରେ - ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, ନାଗମାତା, କାଳରାତ୍ରି ପ୍ରଭୃତି ଦେବୀ ମାନଙ୍କର ନାମ ଉଲ୍ଲେଖ କରାଯାଇଛି। ମହାଭାରତ ବିରାଟ ପର୍ବରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ, ଭୀଷ୍ମ ପର୍ବରେ ଅର୍ଜୁନଙ୍କ ଦୁର୍ଗାସ୍ତୋତ୍ର ଏବଂ ହରିବଂଶର ଆର୍ଯ୍ୟସ୍ତବରେ ମଧ ଶକ୍ତି ଉପାସନାର ଯଥେଷ୍ଟ ପ୍ରମାଣ ଦର୍ଶିତ ହୋଇଛି। ପ୍ରାଚୀନ କାଳରୁ ଭାରତୀୟ ଜନଜୀବନରେ ବିଭିନ୍ନ ପରିବେଶ, କିମ୍ବଦନ୍ତୀ, ଧର୍ମୀୟ, ମତାମତ ଓ ଚିନ୍ତା ଧାରାକୁ ଭିତ୍ତି କରି ବହୁମୁଖୀ ଆଭିମୁଖ୍ୟ ସହ ଶକ୍ତି ଉପାସନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହି ଆସିଛି। ଆନନ୍ଦ ଉପଭୋଗ କରିବା ସଙ୍ଗେ ସଙ୍ଗେ ସୁସଂଯତ ଓ ସୁସଂହତ ସାମାଜିକ ଜୀବନ ଯାପନ କରି ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ଋଦ୍ଧିମନ୍ତ କରିବା ସମସ୍ତ ଓଷାବ୍ରତ ପାଳନ ଓ ଦେବ ଦେବୀ ଉପାସନାର ମୂଳ ଉଦ୍ଦେଶ୍ୟ। କିନ୍ତୁ ଆଜି ଏ ବସ୍ତୁବାଦୀ ଦୁନିଆରେ ସଂସ୍କୃତି, ସଭ୍ୟତା ଓ ସମୟର ବିବର୍ତ୍ତନ ଫଳରେ ସବୁକିଛି ଓଲଟ ପାଲଟ ହୋଇଗଲାଣି।

ମହାମାୟା ଜଗଧାତ୍ରୀ ଦେବୀ, ପଞ୍ଚମ ଶ୍ଳୋକରେ କହିଛନ୍ତି ସଂହାର କର୍ତ୍ତା ରୁଦ୍ର ଯେତେବେଳେ ସ୍ତୋତ୍ର-ବିଦ୍ୱେଷୀକୁ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତି, ମୁଁ ସେତେବେଳେ ତାଙ୍କର ଧନୁକୁ ବିସ୍ତାରିତ କରିଦିଏ ଏବଂ ଜନ ସମାଜରେ ସତ୍ୟ, ଧର୍ମ, ନ୍ୟାୟର ପ୍ରତିଷ୍ଠା କରିବା ପାଇଁ ମୁଁ ଅନ୍ୟାୟ ଅସତ୍ୟ ଓ ଅଧର୍ମ ବିରୁଦ୍ଧରେ ଯୁଦ୍ଧକରେ। ସୃଷ୍ଟି ବିଧ୍ୱଂଶକାରୀ ମହିଷାସୁର ବିରୁଦ୍ଧରେ ମଙ୍ଗଳମୟୀ ଦେବୀଙ୍କର ସେ ଦିନର ରୋମାଞ୍ଚକାରୀ ଯୁଦ୍ଧ ଅଭିଯାନ ଏବେ ମଧ୍ୟ ଜନ ମାନସକୁ ଆଲୋଡ଼ିତ କରେ। ହେ ଅମୃତର ସନ୍ତାନଗଣ ଥରେ ଚିନ୍ତାକରି ଦେଖନ୍ତୁ ଗୋଟିଏ ମହିଷାସୁରକୁ ନିହତ କରିବା ପାଇଁ ସୃଷ୍ଟିର ସମସ୍ତ ଦେବ ଦେବୀ, ମଙ୍ଗଳମୟୀ ଜନନୀ ଦଶଭୁଜାଙ୍କୁ ସେମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ଅର୍ପଣ କରିଥିଲେ। କିନ୍ତୁ ଆଜିର ବସ୍ତୁବାଦୀ ଦୁନିଆରେ ଯେଉଁ ସହଶ୍ର ସହଶ୍ର ମହିଷାସୁର ଜନ୍ମନେଇ ସମଗ୍ର ଜନଜୀବନରେ ଆତଙ୍କର ଛାୟା ଖେଳାଇ ଦେଲେଣି ସେମାନଙ୍କୁ ସଂହାର କରିବା ପାଇଁ କେଉଁ ଅସ୍ତ୍ରର ପ୍ରୟୋଜନ ଅଛି। ଏବେ ମଧ୍ୟ ସମୟ ଅଛି ଦୁର୍ଗତି ନାସିନୀ ଜଗଜ୍ଜନନୀଙ୍କ ଶୁଭାଗମନରେ ପଶୁବଳୀ ପରି ନାରକୀୟ କାଣ୍ଡ ପରିବର୍ତ୍ତେ ନିଜ ଭିତରେ ସ୍ଥାନ ଦେଇଥିବା ଈର୍ଷା, ଅସୂୟା, ପରଶ୍ରୀକାତରତା, ଅହମିକା ତଥା ନାନାଦି ସଂକୀର୍ଣ୍ଣତା ରୂପକ ମହିଷାସୁରକୁ, କଲ୍ୟାଣମୟୀ ଜନନୀ ଦଶଭୁଜାଙ୍କ ପଦାର ବିନ୍ଦରେ ବଳୀ ଦେଇ ଚୀର ପ୍ରବହମାନ ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ମାର୍ଜିତ ଓ ସୁସହନ୍ତ କରିପାରିଲେ ସାରା ଜଗତରୁ ଦୁଃଖର ଦାବାନଳ ନିର୍ବାପିତ ହୋଇଯିବ।


ଆଇନଜୀବୀ, ପୂର୍ବତନ ଆବାହକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ମୋ: ୯୮୬୧୧୧୮୬୭୩


## ଦାଣ୍ଡିଆ ନୃତ୍ୟର ଐତିହ୍ୟ ଓ ପରମ୍ପରା

### ପଣ୍ଡିତ ଦୈତ୍ୟାରୀ ମହାପାତ୍ର

ଦାଣ୍ଡିଆ ନୃତ୍ୟ ସାଧାରଣତଃ ଗୁଜୁରାଟୀଙ୍କ ପରମ୍ପରା। ଗୁଜୁରାଟରେ ଏହାକୁ 'ରାସଗର୍ବା' ଅର୍ଥାତ୍ ଦାଣ୍ଡିଆ ବୋଲି କୁହାଯାଏ। ସେଠାରେ ନବରାତ୍ର ସମୟରେ ମା' ଦୁର୍ଗାଙ୍କ ଗୀତରେ ଓ ଭଜନ, କୀର୍ତ୍ତନରେ ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ଦାଣ୍ଡିଆ ପରିବେଷଣ କରାଯାଏ। ଏହି ପରମ୍ପରା ପ୍ରାଚୀନ ସମୟରୁ ହୋଇ ଆସୁଥିଲେ ହେଁ, ସମୟକ୍ରମେ ତାହା ବିଭିନ୍ନ ଅଞ୍ଚଳକୁ ବ୍ୟାପିଯାଇଛି। ବର୍ତ୍ତମାନ ଆଧୁନିକ ଗୀତର ତାଳେତାଳେ ଦାଣ୍ଡିଆ ନୃତ୍ୟ ଅନୁଷ୍ଠିତ ହେଉଅଛି। ସାଧାରଣତଃ ମା'ଙ୍କୁ ସମର୍ପିତ ହୋଇଥାଏ ଏହି ଦାଣ୍ଡିଆ ନୃତ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ମାହାରୀ' ନୃତ୍ୟ ପରି ମା' ଦୁର୍ଗାଙ୍କର ଦାଣ୍ଡିଆ ନୃତ୍ୟ ଅତ୍ୟନ୍ତ ପ୍ରିୟ। ଦୁଇ ହାତରେ ଦୁଇଟି ବାଡ଼ି ଧରି ନବରାତ୍ରରେ ନୃତ୍ୟ ପ୍ରଦର୍ଶନ ଭାରତୀୟ ସଂସ୍କୃତି ସହିତ ବେଶ୍ ଜଡ଼ିତ। ପୂର୍ବରୁ ଓଡ଼ିଶାର ଗୋପାଳମାନେ ଦୁଇଟି ବାଡ଼ି ଧରି ନଉଡ଼ି ଖେଳ ବା ନାଚ କରୁଥିଲେ। ତାହାକୁ 'ଲଉଡ଼ି' ବା 'ବାଡ଼ିଖେଳ' କୁହାଯାଏ। କାଳକ୍ରମେ ଅନ୍ୟ ରାଜ୍ୟରେ ଏହା ଦାଣ୍ଡିଆ ନୃତ୍ୟ ଭାବେ ସାମ୍ନାକୁ ଆସିଲା। ଯୁବପିଢ଼ିଙ୍କୁ ଲୋକସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ କରାଇ ଭାବଭକ୍ତି ଓ ଉତ୍ସାହର ସହିତ ଦେବୀ ଉପାସନା ରୀତିନୀତି ଅନୁସାରେ ପାଳନ କରିବା ପାଇଁ ଏହି ବ୍ରତ ଅନୁଷ୍ଠିତ ହେଉଅଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦାଣ୍ଡିଆ ନୃତ୍ୟର ଆୟୋଜନ କରାଯାଇଥାଏ।


ଦାଣ୍ଡିଆ ବା ଗରବା ନୃତ୍ୟ ମା'ଙ୍କର ଅତ୍ୟନ୍ତ ପ୍ରିୟ ହୋଇଥିବାରୁ ନବରାତ୍ର ସମୟରେ ଏହି ନୃତ୍ୟ ବିଶେଷ ଭାବେ ସମଗ୍ର ଭାରତବର୍ଷରେ ଆୟୋଜିତ ହୋଇଥାଏ। ତେଣୁ ମା' ଦୁର୍ଗାଙ୍କ ନିକଟରେ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ଦାଣ୍ଡିଆ ନୃତ୍ୟ ପରିବେଷଣ ହୋଇଥାଏ। ମା'ଙ୍କ ନିକଟରେ ଆରତି ଅର୍ପଣ ପରେ ମହାସମାରୋହରେ ଦାଣ୍ଡିଆ ନୃତ୍ୟ ପରିବେଷଣ ହୋଇଥାଏ। ଦାଣ୍ଡିଆ ବା ଗରବାର ଆକ୍ଷରିକ ଅର୍ଥ ହେଉଛି 'ଗର୍ଭଦୀପ'। ନବରାତ୍ରର ପ୍ରଥମ ଦିନ ଛିଦ୍ର ନ ଥିବା ଏକ ମାଟି ଘଡ଼ିକୁ ପ୍ରଥମେ ମା'ଙ୍କ ନିକଟରେ ସ୍ଥାପନ କରାଯାଏ, ଯାହା ଭିତରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଏ। ଏଥିସହିତ ଏକ ରୁପାର ମୁଦ୍ରା ରଖାଯାଏ। ଏହି ଦୀପକୁ ଦୀପଗର୍ଭ କୁହାଯାଏ। ଦୀପ ଗର୍ଭରେ ସ୍ଥାପିତ ହେବାପରେ ମହିଳା ଓ ଯୁବତୀମାନେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ମା'ଶକ୍ତିଙ୍କ ସମ୍ମୁଖରେ ନୃତ୍ୟଗୀତର ତାଳେତାଳେ ମା'ଙ୍କୁ ପ୍ରସନ୍ନ କରିଥାନ୍ତି।

ଗର୍ଭଦୀପ ହେଉଛି ନାରୀ ବା ସ୍ତ୍ରୀ'ମାନଙ୍କର ସୃଜନଶକ୍ତିର ପ୍ରତୀକ। ଏହି ଦୀପ ଗର୍ଭର ଅପଭ୍ରଂଶ ରୂପ ହେଉଛି ଗରବା ନୃତ୍ୟ। ଏହି ଗରବା ବା ଦାଣ୍ଡିଆ ନୃତ୍ୟରେ ମା'ମାନେ, ଶକ୍ତି ସ୍ୱରୂପିଣୀ ନାରୀମାନେ ତାଳିଚୁଟକି, ଦାଣ୍ଡିଆ ଓ ମଞ୍ଜୋରୀର ପ୍ରୟୋଗ କରିଥାନ୍ତି। ଦୁଇ ବା ଚାରିଜଣଙ୍କ ସମ୍ମୁଖରେ ମହିଳାମାନେ ବିଭିନ୍ନ ପ୍ରକାରର ତାଳି ପ୍ରଦର୍ଶନ କରିଥାନ୍ତି। ଏହି ସମୟରେ ଦେବୀଶକ୍ତି ଓ ଭଗବାନ ଶ୍ରୀକୃଷ୍ଣଙ୍କ ରାସଲୀଳା ସମ୍ବନ୍ଧୀୟ ଗୀତ ଗାନ କରାଯାଇଥାଏ।

ନବରାତ୍ର ପୂଜାର ପ୍ରଥମ ଦିନରେ କୁମାରୀ ବା ବାଳିକାମାନଙ୍କୁ ପୂଜା କରାଯାଏ। ଦ୍ୱିତୀୟ ଦିନରେ ଯୁବତୀଙ୍କୁ ପୂଜା କରାଯାଏ ଏବଂ ତୃତୀୟ ଦିନ ମହିଳା ବା ମା'ମାନଙ୍କୁ ପୂଜା କରାଯାଏ। ଏହି ପୂଜା କରିବା ଫଳରେ ଦେବୀ ଦୁର୍ଗାଙ୍କ ଆଶୀର୍ବାଦରୁ ସଂସାରରେ ଥିବା ସମସ୍ତ ନକରାତ୍ମକ ଶକ୍ତିର ବିନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା' ହେଉଛନ୍ତି ସକଳ ଶକ୍ତିର ଅଧିକାରିଣୀ। ସୃଷ୍ଟିର ଆଦ୍ୟରୁ ମାତୃପୂଜାର ପରମ୍ପରା ଆମ ସଂସ୍କୃତିରେ ପ୍ରଚଳିତ ହୋଇଆସୁଅଛି। କୁମାରୀମାନେ ହେଉଛନ୍ତି ଦେବୀ ସ୍ୱରୂପା, ଯୁବତୀମାନେ ହେଉଛନ୍ତି ନାଗକନ୍ୟା ସ୍ୱରୂପା, ଯାହା ଅନ୍ୟ ଅର୍ଥରେ କହିବାକୁ ଗଲେ 'ନାଗ ନିଶ୍ୱାସୀ' ଏବଂ ମା'ମାନେ ହେଉଛନ୍ତି ଶକ୍ତି ସ୍ୱରୂପିଣୀ। ନାରୀଟିଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂସାରରେ ପୂଜା ପାଇବାକୁ ଯୋଗ୍ୟା ବୋଲି ଆମ ଭାରତୀୟ ସଂସ୍କୃତିରେ କୁହାଯାଇଛି। ତେଣୁ ମାତୃପୂଜା ହେଉଛି ଶ୍ରେଷ୍ଠ ପୂଜା।

ଦୁର୍ଗାପୂଜାର ନବରାତ୍ରକୁ ଆମ ସଂସ୍କୃତିରେ ଏକ ଶ୍ରେଷ୍ଠ ବ୍ରତର ଆଖ୍ୟା ଦିଆଯାଇଛି। ଉଚ୍ଚନୀଚ, ଛୁଆଅଛୁଆଁ, ଧନୀଗରିବ ଭେଦଭାବ ଭୁଲିଯାଇ ସମାଜର ମଙ୍ଗଳ ପାଇଁ ମହିଳାମାନେ ଏକାଠି ହୋଇ ଗରବା ଖେଳିଥାନ୍ତି ଏବଂ ତିନି ତାଳିର ପ୍ରୟୋଗ କରିଥାନ୍ତି। ଏହା ପଛରେ ଏକ ସ୍ୱତନ୍ତ୍ର ପୌରାଣିକ କିମ୍ବଦନ୍ତୀ ରହିଛି; ଯାହାର ମହତ୍ୱ ହେଉଛି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଆଦି ତ୍ରିଦେବଙ୍କ ପାଖରେ ସମଗ୍ର ବ୍ରହ୍ମାଣ୍ଡ ସର୍ବଦା ଘୁରୁଛି। ଏହି ତିନିଦେବଙ୍କର କଳାକୁ ଏକାଠି କରି ଶକ୍ତିଙ୍କର ଆବାହନ କରାଯାଏ। ତେଣୁ ନବରାତ୍ରରେ ଦାଣ୍ଡିଆ ନୃତ୍ୟଗୀତର ପ୍ରଥା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସୁଅଛି।


ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା, ମୋ: ୮୭୬୩୫୪୮୨୦୨


### ଆସ ଆସ ଦେବୀ ମହିଷାମର୍ଦ୍ଦିନୀ

#### ନିରଞ୍ଜନ ସାହୁ

ପାର୍ବଣ ସମୟ ବଡ଼ ଶୋଭାମୟ
ସହଜେ ଶରତ କାଳ
ଆସ ଆସ ଦେବୀ ମହିଷାମର୍ଦ୍ଦିନୀ
ସମସ୍ତ ସଙ୍କଟ ଟାଳ।

ଭକତ ଡାକୁଛି ତ୍ରାହି ତ୍ରାହି ମାତ
ରକ୍ଷାକର ଦଶଭୁଜା
ଶକ୍ତିପୀଠ ଅବା ପୂଜା ମଣ୍ଡପରେ
ଚାଲିଛି ତୋହରି ପୂଜା
ନର ରାକ୍ଷସୀୟ ମହିଷା ବିନାଶି
ସଂସାର ଶାନ୍ତିରେ ପାଳ।

ତବ ଆଗମନ ଜାଣିଛି ପ୍ରକୃତି
ବଢ଼ାଇଛି ନିଜ ଶୋଭା
ସୁଷମା ପଣରେ ହୃଦୟ ଜିତିଛି
ସାଜିଅଛି ମନଲୋଭା
ସିଂହବାହନରେ ଆସ ମହାଦେବୀ
କରୁଣା ବରଷା ଢାଳ।

ଜାଗ ଜାଗ ମାତ ଜାଗ୍ରତ ତୁରିତ
ଅଧର୍ମର ହେଉ ଅନ୍ତ
ଅନ୍ୟାୟ, ଅନୀତି ବିଲୋପ କରି ମା'
ପାଳୁଥାଅ ସାଧୁସନ୍ଥ
ଅଜ୍ଞାନତା ଦୂର କରି ଏ ସଂସାରୁ
ଜ୍ଞାନର ପ୍ରଦୀପ ଜାଳ।


+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଆସ ମାତା ଦୁର୍ଗା ଦେବୀ

#### ପୀତାମ୍ବର ଦାସ



ଆସ ମାତା ଦୁର୍ଗା ଦେବୀ
ତୁମକୁ ସ୍ୱାଗତ,
ଦୁଷ୍ଟ ନାଶ କରି ମାତା
ଉଦ୍ଧାର ଜଗତ।

ବାଲେଶ୍ୱର ସହରରେ
ହେବ ଆବିର୍ଭାବ,
ବଢ଼ିଲାଣି ପ୍ରାଦୁର୍ଭାବ
ଲୋକଙ୍କ ସ୍ୱଭାବ।

ବିଶେଷ କରି ସହିତ୍ୟେ
ବଢେ ଆବିଳତା,
ଗୀତ ସଙ୍ଗୀତ ରେ ଦେବୀ
ଏପରି ଅବସ୍ଥା।

ହୀନ ମନ ପୋଷଣରେ
ସାହିତ୍ୟ ଜର୍ଜ୍ଜିତ,
ଭୋଗୁ ଅଛି ବହୁ କଷ୍ଟ
ହୋଇ ସେ ବ୍ୟଥିତ।

ନିଜର ବଡ଼ିମା ପଣ
ଗଲାଣି ତ ବଢ଼ି,
ଅହଂକାର ମନୋଭାବ
ଶୀର୍ଷ ଯାଏ ଚଢ଼ି।

ଆସ ଦେବୀ ବାଲେଶ୍ୱର
କରୁ ନିବେଦନ,
ଅସହିଷ୍ଣୁତାର ଭାବ
କରହେ ନିଧନ।

ତୁମେ ମାତେ ଏହିବେଳେ
ନ ହେଲେ ସହାୟ,
ଏ ସହର ସାହିତ୍ୟରେ
ହୋଇବ ବିଲୟ।

ସାହିତ୍ୟ ସଂସ୍କୃତିର ମାଟି
ସାରସ୍ୱତ ସ୍ରଷ୍ଟା,
ପବିତ୍ରତା ପଥଧାରେ
ରଖୁଥାନ୍ତୁ ନିଷ୍ଠା।

ସାହିତ୍ୟ ଓ କଳା କ୍ଷେତ୍ର
ହୁଏ ନିଷ୍ପେସିତ,
ଧର୍ମ ଯୁଦ୍ଧେ ହରିଯାଏ
ସଚ୍ଚା ସାହିତ୍ୟିକ।

ତତେ ମାତା ଦୁର୍ଗା ଦେବୀ
ଏତିକି ପ୍ରାର୍ଥନା।
ଭରିଦେବୁ ସବୁ ପ୍ରାଣେ
ଅମୃତ ଭାବନା।


+ ବାଲେଶ୍ୱର


### ଦେବୀ ମାଆ ବନାମ କୁଆଁରୀ ମାଆ

#### ଜଗଦୀଶ ସାହୁ




ସରଗ ଦେଶରୁ ମାଆ ଆସୁଛନ୍ତି
ସିଂହ ପୃଷ୍ଠେ ବିଜେକରି
କୁଆଁରୀ ମାଆଟି ନିରବେ କାନ୍ଦୁଛି
ଲୋତକ ଯାଉଛି ଝରି।

ଉପରକୁ ମୁହଁ ଟେକି କାନ୍ଦିବାକୁ
ମନରେ ନାହିଁ ତା' ବଳ
କେଉଁ ରାକ୍ଷସର ପୁରୁଷ ପଣିଆ
କଲା ତାକୁ ଦୁରୁବଳ।

ତା' ଆଶା ଆକାଶେ ପୁନେଇଁ ବଦଳେ
ଘୋଟିଗଲା ଅମାରାତି
ମଣ୍ଡପରେ ପୂଜା ପାଇବୁ ମାଆଲୋ
ହାତେ ଧରି ଖଣ୍ଡାକାତି।

ରାକ୍ଷସର ମୁଣ୍ଡ ହାଣି ଦଶଭୁଜା
ଯେବେ ତୁ' ପାରିବୁ ମାରି
କୁଆଁରୀ ମାଆଟି ନ୍ୟାୟ ପାଇବ ତୋ
ପଣତକୁ ଆଶ୍ରାକରି।


+ ସଂଜପଡା, ହିନ୍ଦୋଳ



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୩୭




ଡ.ସିନ୍ଧୁ ସେନ୍


ଆଉ ସେଦିନ ରାଜପଦବିରେ ଥାଇ ଭିଣୋଇଙ୍କ ଔଦ୍ଧତ୍ୟତାକୁ ସହ୍ୟ କରିପାରିବି ନାହିଁ । ପରିସ୍ଥିତି ଏମିତି ହେବ, ଯେମିତି କି ମୁଁ ତାକୁ ଦଣ୍ଡ ଦେବାକୁ ମଧ ପଛଘୁଞ୍ଚା ଦେବିନି ।

ଏମିତି ନାନା ଚିନ୍ତାରେ ମୁଁ ବିବ୍ରତ ହୋଇ ପଡୁଥିବାବେଳେ ମନ୍ଦୋଦରୀ ପଚାରିଲେ, କ'ଣ ଏମିତି ଭାବୁଛନ୍ତି ରାଜନ । ସୂର୍ପଣଖା ପାଇଁ ଚିନ୍ତା କରୁଛନ୍ତି ନା ।

ମୁଁ ଲକ୍ଷ୍ୟକରେ ମନ୍ଦୋଦରୀ ମୋ ମନ କଥା ବେଶ୍ ବୁଝିପାରେ । ମୋର ଚିନ୍ତାଗ୍ରସ୍ତ ମୁଖମଣ୍ଡଳକୁ ଦେଖି ମୁଁ କାହିଁକି ଚିନ୍ତିତ, ସେସବୁ ଜାଣିପାରି ମୋତେ ଉଚିତ ପରାମର୍ଶ ଦିଏ । ତାର ଯୁକ୍ତିକୁ ତାରିଫ୍ କରି ମୁଁ ତାର ପରାମର୍ଶକୁ ମାନି ନେଇଥାଏ । ଭାବେ, ଦେବୀ ମନ୍ଦୋଦରୀ ହିଁ ମୋର ଯୋଗ୍ୟା ପତ୍ନୀ । କେବଳ ମୋ ପରିବାରରେ ନୁହେଁ । ମୋର ଶାସନ କାର୍ଯ୍ୟରେ ମଧ ସେ ଉଚିତ ପରାମର୍ଶ ଦେଇଆସିଛି ।

ଦେବୀ ମନ୍ଦୋଦରୀ କହୁଥିଲେ ଦେଖନ୍ତୁ, ଦୁହେଁ ଦୁହିଁଙ୍କୁ ଭଲପାଇ ବସିଛନ୍ତି । ଏସବୁ କ୍ଷେତ୍ରରେ ଆମର ବାଧାଦେବା ଠିକ୍ ହେବନି। ବରଂ ଯେତେ ଶୀଘ୍ର ପାରିବା ଆମେ ସେ ଦୁହିଁଙ୍କୁ ଏକତ୍ରିତ କରିଦେବା । ମୋର ଦୃଢ଼ ବିଶ୍ୱାସ ମୋର ନଣନ୍ଦ ବିଦ୍ୟୁଜିହ୍ୱଙ୍କ ସହ ସୁଖରେ ସଂସାର କରିବ ।

ମନ୍ଦୋଦରୀଙ୍କ କଥାକୁ ବିରୋଧ କରିବା ଠିକ୍ ହେବନି । ସେ ଯାହା କହନ୍ତି, ବହୁତ ଭାବିଚିନ୍ତି କହନ୍ତି ତାଛଡ଼ା ସୂର୍ପଣଖା ଯେଉଁଠି ରହୁଁଛି ସେଠି ତାର ବିବାହ ନକରି ଅନ୍ୟପାତ୍ରରେ ତାକୁ ଟେକିଦେଇ ତା ମନରେ କଷ୍ଟ ଦେଇ ମୋର ଲାଭ କ'ଣ ? ବରଂ ତା ସୁଖରେ ଆମେ ସୁଖୀ ହେବା ଉଚିତ୍ । ମନ୍ଦୋଦରୀ ବୋଧହୁଏ ଭାବିନଥିଲେ, ମୁଁ ଏତେଶୀଘ୍ର ତା ପ୍ରସ୍ତାବରେ ରାଜି ହୋଇଯିବି ବୋଲି। ତେଣୁ ମୋ ମୁହଁରୁ ସମ୍ମତି ସୂଚକ କଥା ଶୁଣି ସେ ଆଶ୍ୱସ୍ତ ହେଲେ ।

ଆମ ରଥ ଆଗକୁ ଗଡ଼ି ଚାଲିଥିଲା । ସୂର୍ପଣଖା କଥା ଭାବି ଭାବି ମୁଁ ଏମିତି ଅନ୍ୟମନସ୍କ ହୋଇ ପଡ଼ିଥିଲି ଯେ, ମୋର ଆଉ ଅନ୍ୟକୌଣସି ଦିଗ ପ୍ରତି ନଜର ନଥିଲା । ମୁଁ ଶୀଘ୍ରଶୀଘ୍ର ନଗର ଭ୍ରମଣ ସାରି ରାଜପୁରୀକୁ ଫେରିବାକୁ ଉଦ୍ୟତ ହେଉଥିଲି। ଆଉ ଦେବୀ ମନ୍ଦୋଦରୀ ସୂର୍ପଣଖାର ବିବାହକୁ ନେଇ କିଛିଟା ଉତ୍ଫୁଲ୍ଲିତ ଥିଲେ । ଯାହା ତାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଖୁବ୍ ଆଡ଼ମ୍ବର ସହକାରେ ସୂର୍ପଣଖାଙ୍କର ବିଦ୍ୟୁଜିହ୍ୱଙ୍କ ସହ ବିବାହ କରାଇଦେଲି । ପିତାଙ୍କ ଅନୁପସ୍ଥିତିରେ ମାତାମହଙ୍କୁ କନ୍ୟାଦାନ କରିବାକୁ ଅନୁରୋଧ କରିଥିଲି । ମାତ୍ର ମାତାମହ କହିଲେ ଜ୍ୟେଷ୍ଠଭାଇ ହିଁ କନ୍ୟାଦାନ କରିବା ଉଚିତ ହେବ । ତେଣୁ ମୋତେ ହିଁ ସୂର୍ପଣଖାର ବିବାହବେଦୀରେ କର୍ତ୍ତା ହେବାକୁ ପଡ଼ିଲା । ସୂର୍ପଣଖା ମୋର ଅତି ଆଦରର ଭଉଣୀ । ସେ ବି ମଧ ବଡ଼ଭାଇ ଭାବେ ଭକ୍ତି କରେ । ବିବାହ ଉତ୍ସବର ଘନଘଟା ମଧରେ ମୁଁ ତାଙ୍କ ସହ ଭଲରେ କଥା ହେବାକୁ ସିନା ସମୟ ପାଇ ନଥିଲି । ହେଲେ କନ୍ୟା ବିଦାକୀ ବେଳେ ସେ ଯେବେ ମୋ ପାଦସ୍ପର୍ଶ କରି ଆଶୀର୍ବାଦ ନେବାକୁ ଆସିଲା ନିଜକୁ ମୁଁ ସମ୍ଭାଳି ପାରି ନଥିଲି। ସୌଭାଗ୍ୟବତୀର ଆଶୀର୍ବାଦ ଦେଇ ତାକୁ ଆଲିଙ୍ଗନ କରି ଅନେକ କାନ୍ଦିଥିଲି ମୋ ରୁକ୍ଷ ହୃଦୟ ମହମ ଭଳି ତରଳି ଯାଇଥିଲା । ବିଦ୍ୟୁଜିହ୍ୱ ସହ ସେ ସୁଖରେ ରହିବ କି ଦୁଃଖରେ, ସେସବୁ ଚିନ୍ତା ନକରି ସୂର୍ପଣଖା ଯେ ଆମ ଘରୁ ବିଦାୟ ନେଇ ଶାଶୁ ଘରକୁ ଚାଲିଯାଉଛି । ସେହି ଦୁଃଖରେ ମୁଁ ଭାଂଗି ପଡ଼ିଥିଲି । ଦେବୀ ମନ୍ଦୋଦରୀଙ୍କ ଅବସ୍ଥା ମଧ ତଦ୍‌ରୂପ ଥିଲା । ନଣନ୍ଦ ବାହାଘର ଉତ୍ସବକୁ ସେ ବେଶ୍ ଧୁମ୍‌ଧାମ୍‌ରେ ମନାଇଥିଲେ ଆଉ ପରେ ଆଖିର ଲୁହରେ ବିଦାୟ ମଧ ଦେଲେ। ବାସ୍ତବରେ ଦେବୀ ମନ୍ଦୋଦରୀ ଥିଲେ ଏକାଧାରରେ ପତିବ୍ରତା ସ୍ତ୍ରୀ ପୁଣି ସଚ୍ଚାଗୃହିଣୀ । ମୋର ପାଟରାଣୀ ହୋଇ ବି ନଣନ୍ଦ ବାହାଘରର ସବୁ କାମକୁ ସେ ତଦାରଖ କରୁଥିଲେ । ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ସର୍ବୋପରି ଲଙ୍କାରାଜ୍ୟର ପ୍ରଜାମାନଙ୍କୁ ସେ ହିଁ ଆପ୍ୟାୟିତ କରିଥିଲେ । ତାଙ୍କରି ପାଇଁ ମୋତେ ବିଶେଷ ଦାୟିତ୍ୱ ତୁଲାଇବାକୁ ପଡ଼ି ନଥିଲା ।

ସୂର୍ପଣଖାର ବିବାହ ପରେ ଆମ ପରିବାରରେ ଏକ ଶୂନ୍ୟସ୍ଥାନ ହୋଇ ଯାଇଥିଲା । ଖାଁ ଖାଁ ଲାଗୁଥିଲା ପରିବେଶ । କନ୍ୟା ଜନ୍ମ ତ ପରଘରକୁ । ପ୍ରତ୍ୟେକେ ହିଁ ଚାହାଁନ୍ତି ଝିଅଟିଏ ଶାଶୁଘରକୁ ଯାଉ, ସୁଖରେ ଥାଉ । ହେଲେ ବିଦାକୀ ପର୍ବ ଆସେ ଦୁଃଖରେ, ଲୁହରେ । ଆମ ପରିବାରର ଏକମାତ୍ର କନ୍ୟାକୁ ଆମକୁ ଛାଡ଼ି ସ୍ୱାମୀ ସହ ତା ଶାଶୁଘରକୁ ଚାଲିଯାଇଛି । ତେଣୁ ଆମ ପରିବାରରେ କିଛି ଶୂନ୍ୟତା ଆମେ ସମସ୍ତେ ଉପଲବ୍ଧି କରୁଛୁ ନିଶ୍ଚିତ । ଦେବୀ ମନ୍ଦୋଦରୀ ସେଦିନ କହୁଥିଲେ ରାଜନ, ସୂର୍ପଣଖାର ବିବାହ ସରିଗଲା ପରେ ଆପଣଙ୍କ କର୍ତ୍ତବ୍ୟ ସମାପ୍ତ ହୋଇଗଲା ବୋଲି ଭାବନ୍ତୁ ନାହିଁ । ଆହୁରି ଦୁଇଦୁଇଟି ସାନଭାଇର ଦାୟିତ୍ୱ ମଧ ରହିଛି । ମୋତେ ତେଣୁ କୁମ୍ଭକର୍ଣ୍ଣ ଆଉ ବିଭୀଷଣର ବିବାହ କରିବାକୁ ପଡ଼ିବ । କୁମ୍ଭକର୍ଣ୍ଣ କଥା ଭାବିଲେ କ୍ଷୋଭ ଜାଗେ ମୋ ମନରେ । ସେ କିଛି କମ୍ ନଥିଲା । ବଡ଼ ଦୁର୍ଦ୍ଧର୍ଷ ବୀର ଥିଲା ଭାଇ କୁମ୍ଭକର୍ଣ୍ଣ । ହେଲେ ଦୁର୍ଭାଗ୍ୟ, ବ୍ରହ୍ମଦେବଙ୍କ ନିଦ୍ରାସନରେ ବରପ୍ରାପ୍ତ ପରେ ସେ ତ ଅଚେତ । ବଞ୍ଚିଥାଇ ବି ଜୀଅନ୍ତା ଶବପରି ପଡ଼ିରହିଛି ଯାହା । ତାକୁ ବିବାହ କରି କେଉଁ ନାରୀ କେମିତି ସୁଖୀ ହୋଇ ପାରିବ । ତଥାପି, ମୋତ ମୋର କର୍ତ୍ତବ୍ୟ କରିବାକୁ ପଡ଼ିବ । ଆଉ ବିଭୀଷଣ ସେ ତ ପୂରାପୂରି ବିଷ୍ଣୁଭକ୍ତ । ଅଧିକାଂଶ ସମୟ ତାଙ୍କର ପୂଜାରେ ବିତିଯାଏ । ଧର୍ମାଲୋଚନାରେ ବିଭୋର ତାର ପ୍ରାଣ । ଆର୍ଯ୍ୟସଂସ୍କୃତି ଓ ଆର୍ଯ୍ୟଧର୍ମର ପ୍ରଭାବ ତାଙ୍କ ଉପରେ ବିଶେଷ ଭାବେ ପଡ଼ିଥିଲା । ଅତି ଆବଶ୍ୟକ ପଡ଼ିଲେ ସେ ମୋତେ ରାଜକାର୍ଯ୍ୟରେ ସାହାଯ୍ୟ କରନ୍ତି । ନହେଲେ ବାସ୍ତବରେ ଆମେ ଦୁହେଁ ପରସ୍ପର ବିପରୀତଧର୍ମୀ । ତାଛଡ଼ା ତାଙ୍କର ଆଉ ଏକ ବିଶେଷ ଗୁଣ ଥିଲା ଯେ ଅନ୍ୟମାନଙ୍କୁ ସେ ତାଙ୍କର ଧର୍ମ, ସଂସ୍କୃତି ପ୍ରତି ଆକୃଷ୍ଟ କରାଇ ସେମାନଙ୍କୁ ମଧ ତାହା ଗ୍ରହଣ କରିବାକୁ ପ୍ରବର୍ତ୍ତାଉଥିଲେ । ତାହାହିଁ ଥିଲା ମୋ ପାଇ ଚିନ୍ତାର କାରଣ । ତାଙ୍କ ମତରେ, ଆର୍ଯ୍ୟଧର୍ମ ହିଁ ଶ୍ରେଷ୍ଠ ଧର୍ମ । ସମଗ୍ର ମାନବଜାତିର ଧର୍ମ, ଆଉ ଏହି ଧର୍ମଦ୍ୱାରା ପରିପୁଷ୍ଟ ଆର୍ଯ୍ୟ ସଂସ୍କୃତି ତେଣୁ ସର୍ବଶ୍ରେଷ୍ଠ । ସମସ୍ତଙ୍କ ପାଇଁ ତେଣୁ ଆର୍ଯ୍ୟଧର୍ମ ଗ୍ରହଣ କରିବା ଉଚିତ୍ । ବିଭୀଷଣଙ୍କ ପାଇଁ ଯାହା ଉଚିତ ମୋ ପାଇଁ ତାହା ଅନୁଚିତ । ମୁଁ ତ ରାକ୍ଷସ ସଂସ୍କୃତିକୁ ପ୍ରାଧାନ୍ୟ ଦେଉଥିଲି । ତେଣୁ ବିଭୀଷଣଙ୍କ ଧାର୍ମିକ ଉପଦେଶକୁ ମୁଁ ଗ୍ରହଣ କରିପାରୁ ନଥବଲି । ଭାଇ ହିସାବରେ ତାକୁ ମୋ ପକ୍ଷକୁ ସମର୍ଥକ କରିବାପାଇଁ ଅନେକ ବୁଝାଇଥିଲି । ହେଲେ ସେ ତା ନିଷ୍ପତ୍ତିରେ ଅଟଳ, ରାକ୍ଷସ ସମାଜରେ ରହି ରକ୍ଷସଂସ୍କୃତିର ବିରୁଦ୍ଧାଚରଣ କରୁଥିବା ଭାଇକୁ ବାରମ୍ବାର ମତ ପରିବର୍ତ୍ତନ ପାଇଁ ଅନୁରୋଧ କରିଥିଲି । ହେଲେ ସେ କେବେବି ମୋ ସହ ଏକମତ ହୋଇ ପାରୁ ନଥିଲା ।

ମାନୁଛି, ସେଦିନ ବିଭୀଷଣ ମୋତେ ଯାହା ବି କହୁଥିଲେ ତାହା କିଛି ଖରାପ ନଥିଲା। ହେଲେ ବିଶ୍ୱବିଜୟୀ ହେବା ଚିନ୍ତା ଯାହା ମୁଣ୍ଡକୁ ପଶିଥିଲା ସେ କ'ଣ କେବେ ଧର୍ମ, ଅହିଂସା ନୀତିକୁ ଆଦରି ନେଇପାରେ। ପିତାଙ୍କ ଆଶ୍ରମରେ ରହଣୀ ସମୟରେ ତାଙ୍କଠାରୁ ଯାଇଥିଲି ଅନେକ ଧର୍ମତତ୍ତ୍ୱର ଜ୍ଞାନ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




# ଦୁର୍ଗା ଦେବୀଂ ଶରଣମହଂ...


ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ


ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି। ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧରେ ମୁଖ୍ୟସ୍ଥାନ ଅଧିକାର କରିଥାଏ। ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଦୁଷ୍ଟାମ୍, ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ'। ଅର୍ଥାତ୍ 'ମୁଁ ଅଗ୍ନିବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି। ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧରେ ପାର କରାଅ। ଆମେ ତୁମକୁ ପ୍ରଣାମ କରୁଛୁ।'

ମା' ସୃଷ୍ଟି ସ୍ଥିତି ବିନାଶର ଆଧାର। ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି। ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୁରି ରହିଛି। ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବରାତ୍ରି ପାଳନ କରାଯାଏ। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରନ୍ତି। ତାହା ହେଲା 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଂ ସ୍କନ୍ଦମାତେ ତି, ଷଷ୍ଠ କାତ୍ୟାୟନୀତି ଚ, ସପ୍ତମଂ କାଳରାତ୍ରିତି ମହାଗୌରୀ ଚାଷ୍ଟକମ୍, ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି ବ୍ରାହ୍ମଣୈବ ମହାତ୍ମନୀ।'


 ମହାଶକ୍ତିକୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ ପୂଜା କରନ୍ତି। ମହାକାଳୀ ତମଗୁଣର ପ୍ରତୀକ। ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ। ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ। ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ। ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା। ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ। ମହାସରସ୍ୱତୀ ସତ୍ତ୍ୱଗୁଣର ପ୍ରତୀକ। ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି। ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧରୁ ଭଲଟିକୁ ବାଛିନେବା।

ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ। ସେ ସବୁକ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ଚେତନାରେ ଜଡ଼ିତ। ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା। ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ। ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା। ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ। ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ। ଦେବୀ ଦୁର୍ଗାଙ୍କ ମଧରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କୁ ପୂଜା କରୁ। ଏହି ସମୟରେ ମା'ଦୁର୍ଗା ମହିଷାସୁରକୁ ବଦ୍ଧ କରି ଦେବତା ତଥା ମନୁଷ୍ୟମାନଙ୍କୁ ତାର ଅତ୍ୟାଚାରରୁ ରକ୍ଷା କରିଥିଲେ। ତେଣୁ ଆମେ ମା'ଦୁର୍ଗାଙ୍କୁ ଅସୁରଶକ୍ତିର ବିନାଶ କରି ପୃଥିବୀକୁ ଶାନ୍ତି ତଥା ଆନନ୍ଦ ପ୍ରଦାନ କରିବା ପାଇଁ ଏହି ବିଜୟର ପର୍ବ ପାଳନ କରୁ। ଆଉ ମଧ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ। ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ।

ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ। କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ। ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ। ସହସ୍ର ଇଲେକ୍ଟ୍ରିକ୍ ବଲବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ। ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା। ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ। ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ। କିନ୍ତୁ ପାତ୍ରତା ପ୍ରସ୍ତୁତ କରିବା ଆମର କାମ। ଶଙ୍କରାଚାର୍ଯ୍ୟ ଅଦ୍ୱୈତବାଦୀ ଥିଲେ। ସେ ଭାବିଲେ ମା'ଙ୍କୁ ଭକ୍ତି ନକଲେ ଶକ୍ତି ମିଳିବ ନାହିଁ। ତେଣୁ ସେ 'ଭବାନୀ ଅଷ୍ଟକମ୍'ରଚନା କଲେ। ମା' ମୁଁ କୁସଙ୍ଗୀ, ମୋର କୁଦୃଷ୍ଟି ରହିଛି। ମୁଁ କୁଳାଚାର, ମୁଁ କୁପୁତ୍ର, ମାତ୍ର ମା'ତ କେବେ କୁମାତା ନୁହେଁ। କୁପୁତ୍ର ଜାୟତେ କ୍ୱଚିଦପି କୁମାତା ନ ଭବତି। ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା। ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ। 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟକୁମାରି ଧୀମହି, ତନ୍ନୋ ଦୁର୍ଗଃ ପ୍ରଚୋଦୟାତ୍'। ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା। ଆମେ କନ୍ୟାକୁମାରୀଙ୍କର ଧ୍ୟାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ।


ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର,
ସିଡିଏ, ସେକ୍ଟର-୬, କଟକ,
ମୋ : ୯୮୬୧୩୫୫୬୨୮





# ତ୍ରିପାଦମେଦିନୀ


ଜ୍ୟୋତ୍ସ୍ନାମୟୀ ପଣ୍ଡା




॥ ଭାଗ-୬୨ ॥

ପୂର୍ବ ପୃଷ୍ଠାରେ ବର୍ଣ୍ଣିତ ରାଜା ବଂଶ ଗୁଡ଼ିକର ନାମ ବାସ୍ତବରେ ସେହିପରି ନଥିଲା।

କିନ୍ତୁ ସେମାନେ ତାଙ୍କ ପୂର୍ବଜ ଥିଲେ ଓ ପ୍ରିୟବ୍ରତଙ୍କ ସନ୍ତାନ ମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ।

ଏହିପରି ମଧ ହୋଇପାରେ ଯେ, ମଧ ପାଷାଣ ଯୁଗରେ ପ୍ରାୟ ଚାଳିଶ ହଜାର ବର୍ଷ ତଳେ ଆଫ୍ରିକାରୁ ଆସିଥିବା ଏହି ମାନବ ଦଳ ଭାଗ, ଭାଗ ହୋଇ ଦଳେ ଉତ୍ତର, ପଶ୍ଚିମ ଏବଂ ଅନ୍ୟଦଳ ଦକ୍ଷିଣ ଭାରତ, ସିଂହଳ, ପୂର୍ବ ଭାରତୀୟ ଦ୍ୱିପପୁଞ୍ଜ ଓ ଅଷ୍ଟ୍ରେଲିଆ ଅଞ୍ଚଳରେ ବାସ କରୁଥିଲେ। ଏମାନେ କ୍ରମେ ଦ୍ରାବିଡ଼ ମାନଙ୍କ ଦଳପତି ଥିଲେ। ଏମାନେ ପ୍ରଥମେ ଶ୍ୟାମଳ ରଙ୍ଗ ଥିଲେ। ବ୍ରହ୍ମା ଏମାନଙ୍କ ସହିତ ନିଜ ଜୀବ କୋଷକୁ ମିଳିତ କରି ସତ୍ୟ ରୂପା ଓ ସ୍ୱୟଂ ଭୁବଙ୍କୁ ସୃଷ୍ଟିକଲେ। ପରେ ସେ ଏହି ଦୁର୍ଦ୍ଦାନ୍ତ ଦଳକୁ ଦ୍ୱିପମାନଙ୍କ ଆଡ଼କୁ ନିର୍ବାସିତ କରିଥିଲେ। ମରିଚୀ ସେହି ବଂଶର ଜଣେ ବାଳକ ଥିଲେ, ଯେ ବ୍ରହ୍ମାଙ୍କ ଛାତ୍ର ବା ମାନସ ପୁତ୍ର ଥିଲେ। ତାଙ୍କ ପିତା, ମାତା,ବାସ ସ୍ଥାନର କୌଣସି ପରିଚୟ ନଥିଲା। ତାମିଲ ନାଡୁରେ ଜନ୍ମ ହୋଇଥିବା ପାତଞ୍ଜଳିଙ୍କ ମତରେ କଶ୍ୟପ ଜଣେ ଆୟୁର୍ବିଜ୍ଞାନୀ ଥିଲେ। ମଧ ପ୍ରଦେଶର ଖଜୁରାହୋଠାରେ ଏକ ପ୍ରାଚୀନ ବାମନ ମନ୍ଦିର ଅଛି। କର୍ଣ୍ଣାଟକରେ ମହାବଳୀ ପୂର୍ବ ଗୁଜୁରାଟରେ ଭୃଗୁ କଚ୍ଛ ଅଛି ଓ ଦକ୍ଷ ବିନ୍ଧ୍ୟ ତଥା ହିରଣ୍ୟ କଶିପୁ ମନ୍ଦର ପର୍ବତରେ ତପସ୍ୟା କରିଥିଲେ। ତେଣୁ ମରିଚୀ ତଥା କଶ୍ୟପ ମଧ ଭାରତରେ ଜନ୍ମ ହୋଇ ପରେ ଉତ୍ତର ପ୍ରଦେଶକୁ ଯାଇଥିବା ସଂଭବ।

ଭାଗବତ ଅନୁସାରେ ଭାରତରେ ହଜାର ହଜାର ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଏହି ରାଜ ବଂଶ ଗୁଡ଼ିକର କ୍ରମ ଓ ଘଟିଥିବା ଘଟଣା କୌଣସି ସାଧାରଣ ମାନବ ପକ୍ଷରେ ଜାଣିବା ବା ମୁଖରେ କହିବା ସଂଭବ ନଥିଲା। କେବଳ ଯୋଗ ବଳରେ ଶୁକ ମୁନି ଏହା ଜ୍ଞାତ ଥିଲେ। ଏହି ରାଜବଂଶ ଗୁଡ଼ିକର ବଂଶାନୁ କ୍ରମରେ ମଧ ବାରମ୍ବାର ପରିବର୍ତ୍ତନ ହୋଇଥିଲା। କାହିଁକି ?

ସାତ ହଜାର ବର୍ଷ ପୂର୍ବେ କେତେକ ଦ୍ରାବିଡ଼ ଏବଂ ଉତ୍ତର ଭାରତ ଓ ତାର ଆଖ ପାଖ ଅଞ୍ଚଳର କେତେକ ସତ୍ୟାନ୍ୱେଷୀ ସୁବର୍ଣ୍ଣ ଗିରି ଓ ହିମାଳୟ ରେ କଠୋର ଯୋଗ ସାଧନା କରିଥିଲେ।ଏହି ଯୋଗ ମାର୍ଗ ଅତି ଦୁର୍ଗମ ଥିଲା। ଅନେକ ପ୍ରତି ବନ୍ଧକ ଶକ୍ତି ମାନଙ୍କୁ ଅତିକ୍ରମ କରି ବର୍ଷ, ବର୍ଷ ଧରି ଏକ ଅନ୍ୟ ଜଗତ ରେ ସେମାନେ ସମାଧିସ୍ଥ ହେଉଥିଲେ। ଏହି ମାନଙ୍କ ଆତ୍ମ ଶକ୍ତି ଏତେ ପ୍ରବଳ ଥିଲା ଯେ, ଜୀବନ, ମୃତ୍ୟୁର ମଧ ପାର୍ଥକ୍ୟ ନଥିଲା। ଅପର ପକ୍ଷରେ ପ୍ରାଚୀନ କ୍ଷତ୍ରିୟ ମାନେ ଦୁର୍ଦ୍ଦାନ୍ତ ଶିକାରୀ ଜାତି ଥିଲେ ଓ ନିର୍ବିଚାର ଭାବେ ଜୀବ ଓ ମାନବ ମାନଙ୍କୁ ହତ୍ୟା କରି ସେମାନଙ୍କ ବଂଶ ଲୋପ କରୁଥିଲେ। ଏହି ସମୟରେ ବ୍ରହ୍ମା ଦଶ ଜଣ ଜ୍ଞାନୀ ମୁନି, ଋଷିଙ୍କ ଉତ୍ପତ୍ତି କଲେ। ଏମାନେ ଗୃହସ୍ଥ ହୋଇ ମଧ ସଂଯମୀ, ନୀତି, ନିୟମ , ଶୃଙ୍ଖଳା ଅନୁସାରେ ଜୀବନ, ଯାପନ କରୁଥିଲେ ଓ ବେଦ, ଉପନିଷଦ ଆଦି ସୃଷ୍ଟି କଲେ। ସ୍ୱୟଂ ଭୁବ ବ୍ରହ୍ମାଙ୍କ ପରେ ଏହି ବ୍ରହ୍ମାଙ୍କ ପୁତ୍ର ମାନେ ବ୍ରାହ୍ମଣ ମାନଂକ ପ୍ରତିନିଧି ରୂପେ ନୂତନ ସୃଷ୍ଟି ସର୍ଜନା କଲେ ଓ ନିଜର ଜୀବକୋଷ ସହିତ କ୍ଷତ୍ରିୟ ମାନଙ୍କୁ ଯୁକ୍ତ କରି ସଭ୍ୟ କରିବାରେ ଲାଗିଲେ।

ଏହିଭଳି ବ୍ରହ୍ମା ସତ୍ୟ ରୂପା ଓ ସ୍ୱୟଂ ଭୁବଙ୍କ ସର୍ଜନା କଲେ।

ଏହାପରେ ବ୍ରହ୍ମା କଶ୍ୟପଙ୍କ ସମୟରେ ପୁଣି ବଂଶ କ୍ରମ ପରିବର୍ତ୍ତନ କଲେ। ଶୁକ୍ର ଦୈତ୍ୟ ଗୁରୁ ଥିଲେ ମଧ ବ୍ରାହ୍ମଣ ଥିଲେ। ତାଙ୍କର କନ୍ୟା ଦେବ ଯାନୀଙ୍କଠାରୁ ହିଁ ଯଦୁ ବଂଶ ଆରମ୍ଭ ହୋଇ ଥିଲା। ତାଙ୍କର ପିତା ଭୃଗୁ ସମ୍ଭବତଃ ଓଡ଼ିଶାର ଭାଗର୍ବୀ ନଦୀ କୂଳରେ ବାସ କରୁଥିଲେ। ଶୁକ୍ର ତାରା ପୂର୍ବ ଦିଗରେ ଉଦିତ ହୁଅନ୍ତି। ୧୯୮୨ମସିହାରେ ବନ୍ୟାରେ ବାଙ୍କୀ ଚର୍ଚ୍ଚିକାଙ୍କ ନିକଟରେ ରେଣୁକା ନଦୀ ଉତ୍ପତ୍ତି ହୋଇଥିଲା। ବଶିଷ୍ଠଙ୍କ ଔରସରେ ହିଁ ଶ୍ରୀରାମ ଚନ୍ଦ୍ରଙ୍କ ବଂଶ ସୃଷ୍ଟି ହୋଇ ଥିଲା। ପୁଣି ଦ୍ୱାପରରେ ବ୍ୟାସ ଦେବଙ୍କ ଔରସରେ ପାଣ୍ଡବ ଓ କୌରବମାନେ ଜନ୍ମ ହେଲେ। ଏହାପରେ କୁନ୍ତୀ ଦେବତାମାନଙ୍କ ଦ୍ୱାରା ବଂଶ କ୍ରମ ପରିବର୍ତ୍ତନ କରିଥିଲେ। ଭରଦ୍ୱାଜ ବଂଶ ଭାଇବୋହୁଙ୍କଠାରୁ ଉତ୍ପତ୍ତି ହେଲା। ପରାଶର ଙ୍କ ପୁତ୍ର ବ୍ୟାସ କୈବର୍ତ୍ତ ମାତା ସତ୍ୟବତୀଙ୍କ ସନ୍ତାନ ଥିଲେ, ଯେ ଶାନ୍ତନୁଙ୍କ ପତ୍ନୀ ହେଲେ।

ଏହି ବଂଶ ଗଠନ ସେମାନେ ବୈଜ୍ଞାନିକ ପଦ୍ଧତିରେ ହିଁ ପ୍ରାୟ କରିଥିଲେ। ନୂତନ ବଂଶ ଯେପରି ସୃଷ୍ଟି ହୋଇ ଥିଲା, ବିଭିନ୍ନ ସମୟରେ ବଂଶ ଗୁଡ଼ିକ ସେହିପରି ଲୋପ ମଧ ହୋଇଥିଲା। ସତ୍ୟ ଓ ତ୍ରେତୟା ଯୁଗରେ ଅନେକ ଦାନବ ବଂଶ ଲୋପ ହୋଇଥିଲା। ଦ୍ୱାପର ଯୁଗରେ ମହାଭାରତ ଯୁଦ୍ଧରେ କୌରବଙ୍କ ସହିତ ଅନେକ ଦାନବ ଓ ରାଜା ବଂଶ ନିହତ ହୋଇଗଲେ। ଯଦୁ ବଂଶ ସହ ଦ୍ୱାରକାର ପତନ ହେଲା। କେତେ ସଭ୍ୟତା ମାଟିରେ ମିଶିଗଲା। ପୁଣି ଯୁଗ ବଦଳିଲା ଓ ନୂତନ ଯୁଗ ସୃଷ୍ଟି ହେଲା ।

ପୂର୍ବ ବର୍ଣ୍ଣିତ ପ୍ରଜାପତି ନିହାରିକାଠାରୁ ପୃଥିବୀ ଗ୍ରହ କୋଟି କୋଟି ଆଲୋକ ବର୍ଷ ଦୂରରେ ରହିଥଲା। ଏହି ଦୁର୍ଗମ ପଥକୁ ଜୀବନ୍ତ ଦେହରେ ଅତିକ୍ରମ କରିବା ସମ୍ଭବ ନ ଥିଲା। ତେଣୁ କ୍ଟସେମାନେ ପୁନର୍ଜନ୍ମ ପଦ୍ଧତିରେ ପିତା ମାତାଙ୍କ ସଂଯୋଗରୁ ସୃଷ୍ଟ ହୋଇଥିବା ଏକ ଭୌତିକ ଦେହରେ ନିଜ ନିଜର ଆତ୍ମାକୁ ପ୍ରବେଶ କରାଇବା ପାଇଁ ସ୍ଥିର କଲେ। କିନ୍ତୁ ସେମାନଙ୍କର ଐଶ୍ୱରୀୟ ଶକ୍ତି ବଳରେ ସେମାନଙ୍କର ସୃଜନ ପ୍ରତିଭା, ଜାତିସ୍ମର ରୂପେ ପୁନର୍ଜନ୍ମରେ ମଧ ସ୍ମରଣ ରହିଥିଲା।

ପ୍ରଜାପତି ଗ୍ରହର ବୈଜ୍ଞାନିକ ମାନେ ନିଜର ସାମଗ୍ରିକ ପୂର୍ଣ୍ଣ ଜୀବନରୁ ପ୍ରାଣୀ ତଥା ଉଦ୍ଭିଦ ଓ ପଦାର୍ଥ ମାନଙ୍କୁ ସ୍ୱତନ୍ତ୍ର କରିବା ପାଇଁ ନିଜ ମଧରୁ ଏକ ସୁବର୍ଣ୍ଣ ଅଣ୍ଡର ସୃଷ୍ଟି କଲେ। ଏହାକୁ ବିସ୍ଫୋରିତ କଲେ ଓ ଦଶ ଜଣ ଆଦିତ୍ୟଙ୍କୁ ସୃଷ୍ଟି କଲେ। ତାହା ପରେ ସେମାନେ ନବଧା ପ୍ରଜାପତି ତଥା ଦିଗ, ବାତାଳ, ସୁରପତି, ବହ୍ନି, ଉପେନ୍ଦ୍ର, ପ୍ରଜାପତି, ଅଶ୍ୱିନୀ, ମିତ୍ର ଏବଂ ବରୁଣଙ୍କ ସାହାଯ୍ୟରେ ପୃଥିବୀର ପ୍ରସାରଣ କଲେ। ଉପେନ୍ଦ୍ର ଅଣୁ ସଂରଚନା, ଦିଗ ଜ୍ୟୋତି, ମିତ୍ର ସାର, ଅଶ୍ୱିନୀ ରୋଗ ପ୍ରତି ରୋଧକ ଶକ୍ତି, ବାତାଳ ଆକର୍ଷଣ, ବରୁଣ ଜଳ, ରକ୍ତ ପ୍ରଜାପତି ଅଣ୍ଡ ଆଦି ସୃଷ୍ଟି କଲେ। ଧୀରେ, ଧୀରେ ବିଭିନ୍ନ ଜୀବ, ଜନ୍ତୁ ନିଜଠାରୁ ପୃଥକ୍ କଲେ। ନୃବାନରକୁ ଭିନ୍ନ କଲେ,ତାକୁ ସଭ୍ୟ ମାନବରେ ପରିଣତ କଲେ। ତାହାପରେ ସେମାନେ ପୁନର୍ଜନ୍ମ ପଦ୍ଧତିରେ ପୃଥିବୀରେ ଜନ୍ମ ଗ୍ରହଣ କଲେ।

ପୂର୍ବରୁ ସେମାନେ ନକ୍ଷତ୍ର ମାନଙ୍କ ମଧ ରେ ଦେବ ଦାନବ ଓ ମାନବ ଜାତି ସୃଷ୍ଟି କରିଥିଲେ। ଦଶ ଆଦିତ୍ୟ ସୃଷ୍ଟି କରିଥିଲେ। ଏହି ଦେବ, ଦାନବ, ରକ୍ଷ, ଭକ୍ଷ ମଧରେ ଆକାଶ, ପୃଥିବୀ ଓ ପାତାଳରେ ସଂଗ୍ରାମ କରି ବଞ୍ଚି ରହିଛି ସୃଷ୍ଟି । ବଞ୍ଚି ରହିଛି ମାନବ। ଦେବ, ଦାନବଙ୍କ ବଳରେ ଘୁରୁଛି ଭାଗ୍ୟଚକ୍ର। ଆକାଶଠାରୁ ପୃଥିବୀ ପର୍ଯ୍ୟନ୍ତ ଖାଦ୍ୟ, ଖାଦକ୍, ରକ୍ଷକ ଭକ୍ଷକ ଏହିପରି ସନ୍ତୁଳନ ମଧରେ ମାନବକୁ, ସଂଗ୍ରାମ କରି ବଞ୍ଚି ରହିବାକୁ ହୋଇଛି। ଏହାହିଁ ସନାତନ ଧର୍ମ !!

ପ୍ରଜାପତି ଗ୍ରହର ଅନ୍ୟମାନେ ବିଭିନ୍ନ ଛାୟା ପଥରେ ଥିବା ଗ୍ରହମାନଙ୍କୁ ନିଜ, ନିଜ ସୃଷ୍ଟି ପ୍ରସାରଣ ପାଇଁ ଚାଲିଗଲେ। କିନ୍ତୁ ପ୍ରାଣୀମାନଙ୍କୁ ଧାରଣ କରୁଥିବା ଅବୟବରୁ ସେମାନଙ୍କୁ ପୃଥକ କରି ସ୍ୱତନ୍ତ୍ର ହେବା ପାଇଁ ପୃଥିବୀକୁ ହିଁ ଉପଯୁକ୍ତ ମନେକଲେ ଏବଂ ନିଜର ନବ ସୃଷ୍ଟି ର ସଂରଚନା ପାଇଁ ସେମାନେ ଯଥା କଶ୍ୟପ ପ୍ରଜାପତି, ତ୍ୱଷ୍ଟା ପ୍ରଜାପତି, ତାର୍କ୍ଷ୍ୟ ପ୍ରଜାପତି ଓ କ୍ରୁଶାଶ୍ୱ ପ୍ରଜାପତି ଗଣ ପୃଥିବୀ ଅଭିମୁଖେ ଆଗମନ କଲେ।

କିଏ କହିବ ଯେ ଏହି ପ୍ରଜାପତି ମାନେ ନିର୍ଜୀବ ଥିଲେ ? ଚେତନା ହୀନ ଥିଲେ ? ଯେଉଁ ମାନେ ଆପେ, ଆପେ ବିଶ୍ୱକୁ ସୃଷ୍ଟି କରି ଏହି ବୁଦ୍ଧିମାନ, ଚେତନା ଶୀଳ ମାନବ ମାନଙ୍କୁ ସୃଷ୍ଟି କରି ପାରିଥିଲେ, ସେମାନେ ଜଡ ପଦାର୍ଥ ହେବେ କିପରି ? ସେମାନେ ଯେ ପରମ ଚେତନ ଶୀଳ ବ୍ରହ୍ମ !

ଭାରତ ବର୍ଷରେ କିମ୍ବା କଶ୍ୟପପୁରଠାରେ ଏକ ଶୁଭ ଲଗ୍ନରେ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ମରିଚୀ ଋଷିଙ୍କ ଆଶ୍ରମରେ କଳାଙ୍କ କୋଳରେ ପୁନର୍ଜନ୍ମ ଗ୍ରହଣ କଲେ ପ୍ରଜାପତି କଶ୍ୟପ। ସେହି ଯୁଗଜନ୍ମା ଓ ଜାତିସ୍ମର ଅସାଧାରଣ ପ୍ରତିଭା ବାନ କଶ୍ୟପ ଏକ ପ୍ରସ୍ଫୁଟିତ କମଳ ସଦୃଶ ରୂପବାନ ଓ ବଳିଷ୍ଠ ଅଙ୍ଗର ନବଜାତ ଶିଶୁ ରୂପେ କୁଆଁ କୁଆଁ କ୍ରନ୍ଦନ କରିବାରେ ଲାଗିଲେ। ମାତାପିତା ବିମାତା ଉର୍ଣ୍ଣା , ଧର୍ମା ଓ ଆଶ୍ରମର ଅନ୍ତେବାସୀ ମାନେ ସେହି ଶିଶୁଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହି ଶିଶୁର ଅବୟବ ପୂର୍ବପରି ବିଷମ ନହୋଇ ପ୍ରତିସମ ଥିଲା ସତ୍ୟ, କିନ୍ତୁ ତାହାର ନାଭି କେନ୍ଦ୍ରରୁ ଉଜ୍ଜ୍ୱଳ ଏକ ଜ୍ୟୋତିର ଆଲୋକ ବିଚ୍ଛୁରିତ ହେଉଥିଲା। କିନ୍ତୁ ସେତେବେଳେ ସେହି ଜ୍ୟୋତିର ଅର୍ଥ କେହି ଅବଗତ ନଥିଲେ। ତେଣୁ ସେମାନେ ବ୍ରହ୍ମାଙ୍କ ସହିତ ଏ ବିଷୟରେ ପରାମର୍ଶ କଲେ।

ବ୍ରହ୍ମାଙ୍କର ଚତୁର୍ମୁଖରେ ଉଛୁଳି ଉଠିଲା ତୃପ୍ତିର ହସ। ସେ କହିଲେ,' ପ୍ରଳୟାନ୍ତ ସୃଷ୍ଟିର ନବ ସୃଜନ ପାଇଁ ଯେଉଁ ମହାପ୍ରଜାପତି ଙ୍କର ଆବଶ୍ୟକ ଥିଲା ସେ ଏବେ ପୃଥିବୀ ପୃଷ୍ଠରେ ଅବତରଣ କରିଛନ୍ତି। ଭାରତର ଅରିଷ୍ଟ ନାଶ କରିବାକୁ ଜନ୍ମ ହୋଇଥିବାରୁ ଏହାଙ୍କ ନାମ ଅରିଷ୍ଟ ନେମି। ତାଙ୍କ ନାଭି କେନ୍ଦ୍ରରେ ପୂର୍ବ ସ୍ୱୟଂଭୂ ବ୍ରହ୍ମାଙ୍କର ବ୍ରହ୍ମ ରହିଅଛି। ଖୁବ ଅଳ୍ପ ଦିନ ମଧରେ ପୃଥିବୀରେ ମହାପ୍ରଳୟ ସୃଷ୍ଟି ହେବ। କିନ୍ତୁ ସେହି ପ୍ରଳୟ ମଧରୁ ସପ୍ତ ଋଷି,ନାରୀ ,ଆୟୁର୍ବେଦ ସହିତ ଏହି

ସଂସାରର ସମସ୍ତ ବୀଜ ସୁରକ୍ଷିତ ରଖିବା ପାଇଁ ଏବେ ତୁମେ କୌଣସି ଉଚ୍ଚ ନିରାପଦ ସ୍ଥାନରେ ଏକ କାଷ୍ଠ ଗୃହ ନିର୍ମାଣ କରି ପ୍ରଳୟ ଶେଷ ହେବା

ପର୍ଯ୍ୟନ୍ତ ଏହି ଶିଶୁର କଟା ଜ୍ୟୋତିର୍ମୟ ନାଭିକୁ ସୁରକ୍ଷିତ ରଖ ।' କାହିଁକି ?


+ବାଲିଝରି, କାନପୁର, ବଡ଼ମ୍ବା, କଟକ

## କଟକ ଦଶହରାକୁ ମାନ୍ୟତା କେବେ ?

**ସତ୍ୟ ମହାପାତ୍ର**





୩୨ଟି ସଂପୂର୍ଣ୍ଣ ଚାନ୍ଦି ମେଢ଼, ୧୦ଟି ମେଢ଼ରେ ସୁନାର ସାଜସଜ୍ଜା, ଗୋଟିଏ ସଂପୂର୍ଣ୍ଣ କାଚ ଓ ଗୋଟିଏ ସଂପୂର୍ଣ୍ଣ ପିତଳ ମେଢ଼। ନିଆରା ପରମ୍ପରା ଓ ଆଉ ସ୍ୱତନ୍ତ୍ର ସାଜସଜ୍ଜାକୁ ନେଇ ସାରା ବିଶ୍ୱରେ ଅନନ୍ୟ କଟକର ଗଣପର୍ବ ଦଶହରା ଆରମ୍ଭ ହୋଇଛି। କଟକ ଦଶହରା ଇତିହାସ ଅନୁଯାୟୀ ପାରମ୍ପରିକ କରି ମେଢ଼ରୁ ଦୂରେଇ ଯାଇ ପ୍ରଥମେ ୧୯୫୬ ମସିହାରେ ଚୌଧୁରୀ ବଜାର ପୂଜା କମିଟି ପ୍ରଥମ ଚାନ୍ଦି ମେଢ଼ ତିଆରି କରିଥିଲେ। ତା ପରକୁ ୧୯୯୧ରେ ଦ୍ୱିତୀୟ ଚାନ୍ଦିମେଢ଼ ପ୍ରସ୍ତୁତ ହେଇଥିଲା ଶେଖ ବଜାରରେ। କଟକ ଦଶହରା ପ୍ରାୟ ୫ଶହ ବର୍ଷର ପୂଜା ପରମ୍ପରାର ପ୍ରତୀକ। ଏହାର ଅନେକ ପ୍ରମାଣ ବହନ କରୁଛି ଐତିହ୍ୟସଂପନ୍ନ କଟକ ଦଶହରା। ଉଭୟ ଉତ୍କଳୀୟ ଓ ବଙ୍ଗୀୟ ପରମ୍ପରାରେ ପାଳିତ ହେଉଥିବା କଟକ ଦଶହରା ପୂର୍ବ ଭାରତର ଅନ୍ୟତମ ଆକର୍ଷଣୀୟ ଉତ୍ସବ। କଟକ ପ୍ରସିଦ୍ଧ ତାରକସିର ନିଖୁଣ କାରିଗରୀ ଓ ସୁନା ଗହଣାର ଚମକରେ ଝଲକେ ପୂଜା ମଣ୍ଡପ ସବୁ। ଯେଉଁଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ କଟକ ଦଶହରା ବୁଲି ଦେଖନ୍ତି। ଲୋକପ୍ରିୟତା କାରଣରୁ କଟକ ଦଶହରାର ସ୍ୱତନ୍ତ୍ରତା ବହନ କରୁଥିବା ଚାନ୍ଦି ମେଢ଼ ସଂଖ୍ୟା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ କଟକ ଦଶହରାକୁ ହେରିଟେଜ ବା ଐତିହ୍ୟ ମାନ୍ୟତା କାହିଁକି ମିଳିବନାହିଁ। ତାହା ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି।


କୋଲକାତା ଦୁର୍ଗାପୂଜାକୁ ଗତ ୨୦୨୧ ଡିସେମ୍ବର ମାସରୁ ୟୁନେସ୍କୋ ତରଫରୁ ହେରିଟେଜ ମାନ୍ୟତା ମିଳିସାରିଛି। ଏ ନେଇ ଆଜି କୋଲକାତା ସହରରେ ଏକ ବିଶାଳ ରାଲି ଦେଖିବାକୁ ମିଳିଛି। ଏହି ଦୃଶ୍ୟ ଦେଖିବା ପରେ କଟକ ଦଶହରାକୁ କାହିଁକି ଐତିହ୍ୟ ମାନ୍ୟତା ମିଳିବ ନାହିଁ ବୋଲି ଅନେକ ପ୍ରଶ୍ନ କରିଛନ୍ତି। କଟକ ଦଶହରା ମଧ୍ୟ ଐତିହ୍ୟ ମାନ୍ୟତା ଅନ୍ୟତମ ପ୍ରମୁଖ ଦାବିଦାର ବୋଲି କୁହାଯାଇପାରେ। ଐତିହ୍ୟ ଓ ପରମ୍ପରା ଦୃଷ୍ଟିରୁ କଟକ ଦଶହରାର ଇତିହାସ ବେଶ ସମୃଦ୍ଧ। କୁହାଯାଏ ଷୋଡଶ ଶତାବ୍ଦୀରୁ କଟକରେ ଦୁର୍ଗାପୂଜାର ପରମ୍ପରା ପ୍ରଚଳିତ ହୋଇଆସିଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ଶ୍ରୀଚୈତନ୍ୟ ଦେବ ଓଡ଼ିଶା ଆସିଥିଲେ। ଏହି ଅବସରରେ ଚୈତନ୍ୟ ଦେବଙ୍କ ପୌରହିତ୍ୟରେ ପ୍ରଥମଥର ପାଇଁ ଘଟ ସ୍ଥାପନ ସହ ଦେବୀ ଉପାସନା କରାଯାଇଥିଲା। ୧୮୯୦ ମସିହାରେ କଟକରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା ବୋଲି କୁହାଯାଉଛି। ଏବେ କଟକରେ ପ୍ରାୟ ୧୬୦ରୁ ଅଧିକ ମଣ୍ଡପରେ ଜଗତଜନନୀଙ୍କୁ ପୂଜା କରାଯାଉଛି। ଅନ୍ୟପକ୍ଷରେ ୫୦ ବର୍ଷରୁ ଅଧିକ ବର୍ଷ ତଳେ କଟକରେ ଚାନ୍ଦିମେଢ଼ ପରମ୍ପରା ଆରମ୍ଭ ହୋଇଥିଲା। ୧୯୫୬ ମସିହାରେ ଚୌଧୁରୀ ବଜାର ପୂଜା ମଣ୍ଡପରେ ପ୍ରଥମଥର ପାଇଁ ଚାନ୍ଦିମେଢ଼ ଶୋଭା ପାଇଥିଲା। ପ୍ରାୟ ୫୦ କେଜି ଓଜନରେ ସେତେବେଳେ ନିର୍ମିତ ଚୌଧୁରୀ ବଜାର ମେଢ଼କୁ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟୁଥିଲା। ଧୀରେ ଧୀରେ ଅନ୍ୟ ପୂଜା ମଣ୍ଡପରେ ଚାନ୍ଦି ମେଢ଼ ମଧ୍ୟ ନିର୍ମାଣ କରାଯାଇଥିଲା। ଏବେ ସୁଦ୍ଧା ଚାନ୍ଦି ମେଢ଼ ସଂଖ୍ୟାରେ ୨୮ରେ ପହଞ୍ଚିଛି। ସେହିପରି ସୁନା ମୁକୁଟ ଓ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କଟକ ଦଶହରା କାରଣରୁ କୋଟି କୋଟି ଟଙ୍କାର ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ ହୋଇଥାଏ। ତେଣୁ ବ୍ୟବସାୟକୁ ପ୍ରୋତ୍ସାହନ ଦେବାରେ କଟକ ଦଶହରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଐତିହାସିକ ଗୁରୁତ୍ୱ, ସ୍ୱତନ୍ତ୍ରତା ଓ ଲୋକପ୍ରିୟତା କାରଣରୁ କଟକ ଦୁର୍ଗାପୂଜାକୁ ଐତିହ୍ୟ ମାନ୍ୟତା ଦେବାରେ ବିଶେଷ କିଛି ଅସୁବିଧା ହେବନାହିଁ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ପ୍ରଶାସନିକ ତଥା ସରକାରୀ ସ୍ତରରେ ଏ ନେଇ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ। ଦଶହରା ଐତିହ୍ୟରୁ ପ୍ରମାଣ କରିବା ଭଳି ଦସ୍ତାବିଜ ଉପସ୍ଥାପନା କରି ଆବେଦନ କରିବା ଜରୁରୀ।


+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬,
କଟକ


## ପୂଜା ପାଇଁ....ପ୍ରସ୍ତୁତି ହେଲେଣି ତ...

**ନିରୁପମା ଭୂୟାଁ**





ଦଶହରା ପାଇଁ ସ୍କୁଲ କଲେଜ ସବୁ ଛୁଟି ରହିଥାଏ। ତା ସାଙ୍ଗକୁ ଘରକୁ ବନ୍ଧୁବାନ୍ଧବ ବି ଆସିଥାନ୍ତି। ତେଣୁ ଖିଆପିଆ ସାଙ୍ଗକୁ ବୁଲାବୁଲି ତ ନିଶ୍ଚୟ କରିବାକୁ ହେବ। ତେବେ ସେ ଶପିଂ ହେଉ କି ମେଢ଼ ଦେଖା, ଯେଉଁଠିକୁ ଗଲେ ବି ପ୍ରସ୍ତୁତ ହୋଇ ଯିବାକୁ ହେବ। ନଚେତ ହସଖୁସିର ପରିବେଶ ଟେନସନରେ ବଦଳି ଯିବାକୁ ବେଶି ସମୟ ଲାଗିବ ନାହିଁ। ତେଣୁ ବୁଲିବାକୁ ଯିବା ସମୟରେ କେଉଁ ସବୁ ଦିଗ ପ୍ରତି ନିହାତି ଦୃଷ୍ଟି ଦେବାକୁ ହେବ ସେ ସବୁ ନେଇ ଆଗୁଆ ପ୍ରସ୍ତୁତି କରିବାକୁ ହେବ।

ଭିଡ଼ ନଥିବା ବେଳେ : ଦଶହରା ପାଇଁ ଯଦି ବୁଲିବାକୁ ବାହାରିଛନ୍ତି ତେବେ ବେଶି ଗହଳି ହେଉଥିବା ସମୟରେ ଯାଆନ୍ତୁ ନାହିଁ। ପ୍ରାୟତଃ ସନ୍ଧ୍ୟା ସମୟରେ ହିଁ ଅଧିକ ଭିଡ଼ ହୋଇଥାଏ। ତେଣୁ ସନ୍ଧ୍ୟା ହେବା ପୂର୍ବରୁ କିମ୍ବା ପରେ ବୁଲିବାକୁ ଯିବା ହିଁ ବୁଦ୍ଧିମାନର ବିଷୟ ହେବ। ଅତ୍ୟଧିକ ଭିଡ଼ ଥିବା ସମୟରେ ବୁଲିବାକୁ ଗଣେ ବୁଲିବାର ମଜା ନେଇ ହେବନାହିଁ। ବରଂ ଭିଡ଼ ଭିତରୁ କିଭଳି ଶୀଘ୍ର ବାହାରକୁ ଯିବେ ସେଥିପାଇଁ ଉପାୟ ଚିନ୍ତା କରିବାରେ ଅଧିକ ସମୟ ଚାଲିଯିବ। ତେଣୁ ବାହାରର ସ୍ଥିତିକୁ ଲକ୍ଷ୍ୟକରି କମ ଗହଳି ହେଉଥିବା ସମୟରେ ହିଁ ବୁଲିବାକୁ ଯାଆନ୍ତୁ। ଏହା ବ୍ୟତୀତ ଗହଳି ସ୍ଥାନକୁ କାର ନେଇ ଯିବା ବଦଳରେ ଦୁଇ ଚକିଆ ଯାନରେ ଯିବା ହିଁ ଅଧିକ ସୁବିଧା ହୋଇଥାଏ। ତେଣୁ ପରିସ୍ଥିତିକୁ ଦେଖି କେଉଁଥିରେ ଯିବେ ନିଷ୍ପତ୍ତି ନିଅନ୍ତୁ। ଟ୍ରାଫିକ ପୋଲିସର ଭିଡ଼ ନିୟନ୍ତ୍ରଣ ନେଇ ସଚେତନତାକୁ ମାନନ୍ତୁ ଓ ନିଜ ମୋବାଇଲ ଫୋନରେ ରୁଟ ଚାଟକୁ ଡାଉନଲୋଡ଼ କରି ସେହି ଅନୁସାରେ ଗନ୍ତବ୍ୟସ୍ଥଳ ନିର୍ଦ୍ଧାରିତ କରନ୍ତୁ।

ଖାଇବା ନିଷ୍ପତ୍ତି : ବୁଲା ବୁଲି କରିବାକୁ ଯିବାବେଳେ ଘରେ ଖାଇବା ପ୍ରସ୍ତୁତ କରିବେ କି ବାହାରେ ଖାଇବେ ସେନେଇ ପୂର୍ବରୁ ବିଚାର କରି ନିଅନ୍ତୁ। ସେହି ଅନୁସାରେ ବୁଲିବାକୁ ଯିବା ପୂର୍ବରୁ ଘରେ ଖାଇବା ପ୍ରସ୍ତୁତ କରି ରଖି ଦିଅନ୍ତୁ। ନଚେତ ବୁଲିବା ପରେ ଘରକୁ ଫେରି ହାଲିଆ ହୋଇ ହୁଏତ ସମସ୍ତଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିପାରିବେ ନାହିଁ। ଏହା ବ୍ୟତୀତ ଘରେ ଯଦି ଅନ୍ୟ ବୟସ୍କ ବ୍ୟକ୍ତି ଥାନ୍ତି ତେବେ ସେମାନଙ୍କ ଭୋଜନ ପାଇଁ ବି ବ୍ୟବସ୍ଥା କରିଯାଆନ୍ତୁ। ଖାଇବାରେ ତ କମ୍ପ୍ରମାଇଜ କରିବା କଥା ନୁହେଁ ବୋଲି ଅନେକ କୁହନ୍ତି କିନ୍ତୁ ବାହାରେ ବୁଲିବାର ଅଛି ମାନେ ନିଜ ଶାରୀରିକ ସାମର୍ଥ୍ୟକୁ ଦେଖି ଖାଇବା ନିଷ୍ପତ୍ତି ନିଅନ୍ତୁ। ବାଶୀଖାଦ୍ୟ, ରଙ୍ଗ ଓ ରସାୟନିକ ଜାତୀୟ ଖାଦ୍ୟ ଠାରୁ ଯଥାସମ୍ଭବ ଦୂରେଇବା ନିଶ୍ଚିନ୍ତ ଭଲ।

କମ ଜିନିଷ : ପାର୍ବଣ ସମୟରେ ବୁଲିବାକୁ ଯାଉଥିଲେ ସାଙ୍ଗରେ କମ ଜିନିଷ ନେଇ ଯାଆନ୍ତୁ। ନିଜର ସୁରକ୍ଷା ଦୃଷ୍ଟିରୁ ସୁନାଗହଣା ପିନ୍ଧି ବାହାରନ୍ତୁ ନାହିଁ। ଏହା ସହ ସାଙ୍ଗରେ ପିଲାମାନଙ୍କୁ ନେଇ ଯାଉଥିଲେ ସେମାନଙ୍କ ପାଇଁ ନିହାତି ଆବଶ୍ୟକ ଜିନିଷ ନିଅନ୍ତୁ। ଯଦି ଦୂର ସ୍ଥାନକୁ ବୁଲିବାକୁ ଯାଉଥାନ୍ତି ତେବେ ସବୁ ଜିନିଷ ଦାୟିତ୍ୱରେ ରଖିବାର ବ୍ୟବସ୍ଥା କରନ୍ତୁ। ଏହା ବ୍ୟତୀତ କେଉଁଠି ରହିବେ ଓ କେଉଁ ସ୍ଥାନକୁ ଯିବେ ସେ ନେ ଆଗରୁ ସବୁକିଛି ସ୍ଥିର କରନ୍ତୁ। ନଚେତ ଶେଷ ମୁହୂର୍ତ୍ତରେ ହୁଏତ ଠକାମିର ଶିକାର ହୋଇପାରନ୍ତି।


ପୂଜା ଗହଳି ଭିତରେ ନିଜକୁ ସତର୍କ ରଖି ଆଧ୍ୟାତ୍ମିକ ଭାବଧାରାରେ ବିତାଇବା ପାଇଁ ଚେଷ୍ଟା କରନ୍ତୁ। ଗହଳି ଭିତରକୁ ଯାଉଥିଲେ ନିଜ ମୂଲ୍ୟବାନ ଜିନିଷ ପ୍ରତି ସତର୍କ ରୁହନ୍ତୁ। ବାହାର ଖାଦ୍ୟରେ ରଙ୍ଗ ଓ ରାସାୟନିକ ଜିନିଷର ସମ୍ମିଶ୍ରଣ ପ୍ରାୟତଃ ରହୁଥିବାରୁ ଏ ଖାଦ୍ୟ କମ ଖାଇବା ଭଲ। ଅସୁସ୍ଥତା ବା ଦେହ ଖରାପ ଲାଗୁଥିଲେ ଗହଳି ଭିତରକୁ ଯିବାକୁ ଚେଷ୍ଟା କରନ୍ତୁନାହିଁ। ନିଜର ସବିଶେଷ ତଥ୍ୟ ମୋବାଇଲରେ ରଖନ୍ତୁ ଓ ଘରଲୋକଙ୍କୁ ବୁଲିବା ପାଇଁ ଯାଉଥିବା ଜାଗା ସମ୍ପର୍କରେ ଜଣାଇଥାନ୍ତୁ। ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ରହିବା ସହଜେ ତ ସ୍ୱାସ୍ଥ୍ୟ ପ୍ରତି ଖରାପ ସେହିପରି ଏହାମଧ୍ୟ ଘର ଲୋକଙ୍କର ଚିନ୍ତାର କାରଣ ହୋଇପାରେ। ଦଶହରାରେ ବନ୍ଧୁବାନ୍ଧବ ମାନଙ୍କ ଗହଳି ଭିତରେ ଆନନ୍ଦରେ ସମୟ ବିତାନ୍ତୁ ଓ ନିଜ ସୀମିତ ସାଧ ଭିତରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଭୁଲନ୍ତୁ ନାହିଁ। ମା'ଦୁର୍ଗାଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ପଡୁ ଏହା ହିଁ ଦଶହରା ପାଇଁ ମା'ଦେବୀ ଦୁର୍ଗାଙ୍କ ପାଖରେ ପ୍ରାର୍ଥନା।


ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,
ପଲାଇ ବାଲିଚନ୍ଦ୍ରପୁର,
ଯାଜପୁର,
ମୋ : ୯୯୩୭୪୭୦୯୮୦


## 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ ...'

**ଅଲେଖ ଚନ୍ଦ୍ର ସାମଲ**





'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି। ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଥାଏ। ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଦୁଷ୍ଟାମ୍, ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ'। ଅର୍ଥାତ୍ 'ମୁଁ ଅଗ୍ନିବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି। ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧ୍ୟରେ ପାର କରାଅ। ଆମେ ତୁମକୁ ପ୍ରଣାମ କରୁଛୁ।'

ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି। ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୁରି ରହିଛି। ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବରାତ୍ରି ପାଳନ କରାଯାଏ। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରନ୍ତି। ତାହା ହେଲା 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଂ ସ୍କନ୍ଦମାତେ ତି, ଷଷ୍ଠ କାତ୍ୟାୟନୀତି ଚ, ସପ୍ତମଂ କାଳରାତ୍ରିତି ମହାଗୌରୀ ଚାଷ୍ଟକମ୍, ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି ବ୍ରାହ୍ମଣୈବ ମହାତ୍ମନୀ।' ମହାଶକ୍ତିକୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ୍ୟ ପୂଜା କରନ୍ତି। ମହାକାଳୀ ତମଗୁଣର ପ୍ରତୀକ। ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ। ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ। ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ। ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା। ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ। ମହାସରସ୍ୱତୀ ସତ୍ତ୍ୱ ଗୁଣର ପ୍ରତୀକ। ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି। ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧ୍ୟରୁ ଭଲଟିକୁ ବାଛିନେବା।

ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ। ସେ ସବୁକ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ଚେତନାରେ ଜଡ଼ିତ। ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା। ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ। ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା। ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ। ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ। ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କୁ ପୂଜା କରୁ। ଏହି ସମୟରେ ମା'ଦୁର୍ଗା ମହିଷାସୁରକୁ ବଦ୍ଧ କରି ଦେବତା ତଥା ମନୁଷ୍ୟମାନଙ୍କୁ ତାର ଅତ୍ୟାଚାରରୁ ରକ୍ଷା କରିଥିଲେ। ତେଣୁ ଆମେ ମା'ଦୁର୍ଗାଙ୍କୁ ଅସୁରଶକ୍ତିର ବିନାଶ କରି ପୃଥିବୀକୁ ଶାନ୍ତି ତଥା ଆନନ୍ଦ ପ୍ରଦାନ କରିବା ପାଇଁ ଏହି ବିଜୟର ପର୍ବ ପାଳନ କରୁ। ଆଉ ମଧ୍ୟ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ। ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ। ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ। କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ। ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ। ସହସ୍ର ଇଲେକ୍ଟ୍ରିକ୍ ବଲବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ। ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା। ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ। ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ। ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା। ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ। 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟକୁମାରି ଧୀମହି, ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍'। ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା। ଆମେ କନ୍ୟାକୁମାରୀଙ୍କର ଧ୍ୟାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ। ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'


ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


## ନବରାତ୍ରି



**ଗଙ୍ଗାଧର ସମାଲ**

ହିନ୍ଦୁ ପରମ୍ପରା ଅନୁଯାୟୀ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦ ତିଥିରୁ ବିଜୟା ଏକାଦଶୀ ବା ଦଶହରା ପର୍ଯ୍ୟନ୍ତ ପାଳନ କରାଯାଏ ନବରାତ୍ରି । ନଅଦିନରେ ଦେବୀ ଦୁର୍ଗାଙ୍କୁ ନଅଟି ରୂପରେ ଭକ୍ତ ପୂଜା କରିଥାନ୍ତି । ପ୍ରଥମ ଦିନ ଶୈଳପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୁଷ୍ମାଣ୍ଡ, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟିନୀ, ସପ୍ତମରେ କାଳରାତ୍ରି, ଅଷ୍ଟମରେ ମହାଗୌରୀ ଓ ଶେଷ ଦିନ ସିଦ୍ଧିଦାତ୍ରୀ ରୂପେ ମା' ପୂଜିତ ହୋଇଥାନ୍ତି । ଏହି ଅବସରରେ ନବରାତ୍ରି ଉପବାସ ପାଳନ କରାଯାଇଥାଏ । ନବରାତ୍ରି ଗ୍ରୀଷ୍ମ ଆରମ୍ଭରେ ବାସନ୍ତିକ ଦୁର୍ଗାପୂଜା ପୂର୍ବରୁ ଏବଂ ଶୀତର ଆରମ୍ଭରେ ଶାରଦୀୟ ଦୁର୍ଗାପୂଜାର ନଅ ଦିନ ପୂର୍ବରୁ ପାଳନ କରାଯାଏ । ସେହି ସମୟରେ ପାଗ ଓ ସୂର୍ଯ୍ୟଙ୍କ ପ୍ରଭାବର ପରିବର୍ତ୍ତନ ଘଟୁଥିବାରୁ ଶକ୍ତିର ପ୍ରତୀକ ମା'ଦୁର୍ଗାଙ୍କୁ ଆରାଧନା କରାଯାଏ । ନବରାତ୍ରିର ପ୍ରଥମ ତିନି ଦିନ ଅସୀମ ଶକ୍ତିର ଅଧିକାରିଣୀ ମା'ଦୁର୍ଗାଙ୍କୁ ଦୁଷ୍ଟ ବିନାଶିନୀ ଭାବେ ପୂଜା କରାଯାଏ, ଯିଏକି ଆମ ଭିତରେ ଥିବା ସମସ୍ତ କଲୁଷର ବିନାଶ କରନ୍ତି । ପରବର୍ତ୍ତୀ ତିନି ଦିନରେ ମା'ଙ୍କୁ ଆଧ୍ୟାତ୍ମିକ ସମ୍ପଦ ପ୍ରଦାୟିନୀ ମା ଲକ୍ଷ୍ମୀ ରୂପରେ ଆରାଧନା କରାଯାଏ । ଶେଷ ତିନି ଦିନ ପ୍ରଜ୍ଞା ଓ ଜ୍ଞାନର ଅଧିକାରିଣୀ ମା' ସରସ୍ୱତୀ ରୂପେ ଭକ୍ତ ପୂଜିଥାଏ । ଜୀବନରେ ସଂପୂର୍ଣ୍ଣ ସଫଳତା ନିମନ୍ତେ ମା'ଙ୍କର ଏହି ତିନିଟି ରୂପର ଆଶୀର୍ବାଦ ଆମର ଦରକାର । ତେଣୁ ନବରାତ୍ରି ପାଳୁଥିବା ବ୍ୟକ୍ତି ଦିନରେ ଥାରେ ମାତ୍ର ସାତ୍ତ୍ୱିକ ଭୋଜନ କରିଥାନ୍ତି । ବିଶ୍ୱାସ ରହିଛି ନବରାତ୍ରି ପାଳନ ଦ୍ୱାରା ନିଜ ଭିତରେ ଥିବା ଐଶ୍ୱରିକ୍ ଶକ୍ତିର ସନ୍ଧାନରେ ମଣିଷ ବ୍ରତୀ ହୋଇଥାଏ । ସମସ୍ତ ଆସୁରିକ ଶକ୍ତିର ବିନାଶ ସହ ମନ ଭିତରେ ବିଶ୍ୱନିୟନ୍ତାଙ୍କ ପ୍ରତି ସମର୍ପଣ ଭାବ ସୃଷ୍ଟି ହୁଏ । ମା'ଦୁର୍ଗା ହେଲେ ଦୁର୍ଗତିନାଶିନୀ ଯାହାଙ୍କର ଆବିର୍ଭାବରେ ଦୁଃଖ, ପାପ, ତାପ ନାଶନ ହୋଇଥାଏ । ଦୁଷ୍ଟ ଶକ୍ତିଙ୍କ କବଳରୁ ଭକ୍ତଙ୍କୁ ସେ ସୁରକ୍ଷା ଓ ଅଭୟ ପ୍ରଦାନ କରନ୍ତି । କାରଣ ସବୁ ଐଶ୍ୱରିକ ଶକ୍ତିର ସମାହାର ହେଉଛନ୍ତି ମା'ଦୁର୍ଗା ।


+ମାଣିକପାଟଣା, ଆଳି,
କେନ୍ଦ୍ରାପଡ଼ା,
ମୋ: ୯୪୩୭୨୨୬୬୪୭

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ



ଭଦ୍ରକ, ୦୯/୧୦ (ନି.ପ୍ର): ନାରୀ ଓ ପୁରୁଷ ସମାଜର ପରସ୍ପର ପରିପୂରକ ହେଲେ ବି ନାରୀ ଠାରୁ ହିଁ ଆମ ସମସ୍ତଙ୍କର ସୃଷ୍ଟି। ନାରୀ ହିଁ ସକଳ ଶକ୍ତିର ଆଧାର। ପୁରୁଷ ଶାରୀରିକ ଭାବେ ନାରୀଠାରୁ ଅଧିକ ଶକ୍ତିଶାଳୀ ହେଲେ ବି ନାରୀ ପୁରୁଷ ଠାରୁ ସଦା ସର୍ବଦା ଅଧିକ କାର୍ଯ୍ୟକ୍ଷମ। ପୁରୁଷମାନେ ଶୈଶବରେ ମା' ଉପରେ, ଯୌବନରେ ସ୍ତ୍ରୀ ଉପରେ, ବାର୍ଦ୍ଧକ୍ୟରେ ପୁତ୍ରବଧୂ, କନ୍ୟା ଉପରେ ଏହିପରି ସାରାଜୀବନ ମହିଳା ଉପରେ ନିର୍ଭରଶୀଳ। ତଥାପି ଶିଶୁ କନ୍ୟାର ସୁରକ୍ଷା ଆଜି ଚିନ୍ତାଜନକ। ଶିଶୁ କନ୍ୟାଟିଏ ଜନ୍ମନେଲେ ପରିବାର ର ସମସ୍ତେ ମନ ଦୁଃଖ କରୁଛନ୍ତି। କିନ୍ତୁ ଆଜିର ଦିନରେ ଝିଅଟିଏ ସବୁ କ୍ଷେତ୍ରରେ ପୁଅଠାରୁ ଆଗୁଆ ପ୍ରମାଣିତ କରିପାରିଛି। ଏହି ପରିପ୍ରେକ୍ଷୀରେ ଝିଅ ପୁଅ ମଧ୍ୟରେ ଆମେ ପାତର ଅନ୍ତର ରଖିବା ନାହିଁ। ଆମେ ସମସ୍ତେ ଆଜିର ସମାଜରେ ଯାହା ଦେଖୁଛୁ ପୁଅ ସ୍ତ୍ରୀ ପାଇଲା ପର୍ଯ୍ୟନ୍ତ ମାତ୍ର ଝିଅ ଆମ ଜୀବନ ଶେଷ ହେଲା ପର୍ଯ୍ୟନ୍ତ। ତେଣୁ ନାରୀର ହକ୍ ତାକୁ ଦେବା ଆମର ପରମ କର୍ତ୍ତବ୍ୟ ବୋଲି ସଂସ୍କୃତି ଭବନରେ ଆୟୋଜିତ ଭଦ୍ରକ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ।

ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଚାନ୍ଦବାଲି ଏନ୍.ଏ.ସି. ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଡି.ଏସ୍.ଡବ୍ଲୁ.ଓ. ପୁଷ୍ପଲତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟକି ମିଳିତ ଜାତି ସଂଘର ଅନୁମୋଦନ କ୍ରମେ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ରୂପେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଅକ୍ଟୋବର ଦୁଇ ରୁ ୧୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ଦିବସକୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରରେ ଅକ୍ଟୋବର ୯ରେ ପାଳନ କରାଗଲା। ଶିଶୁ କନ୍ୟା ମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ମୌଳିକ ଅଧିକାର ନେଇ ସମୃଦ୍ଧ ଜୀବନ ଗଠନ ପାଇଁ ପ୍ରତ୍ୟେକ ପରିବାରକୁ ସଚେତନ କରିବା ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ମଧ୍ୟ ଅତିଥିମାନେ ଆଲୋକପାତ କରିଥିଲେ। ଭ୍ରୁଣହତ୍ୟା ନିଷେଧ ନେଇ ସମସ୍ତ ବାପା, ମା' ସଚେତନ ହେବା ଆବଶ୍ୟକ। ଶିଶୁ କନ୍ୟା ପ୍ରତି ନିର୍ଯ୍ୟାତନା କି ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ପ୍ରତ୍ୟେକ ନାରୀ ମଧ୍ୟ ନିଜକୁ କେବେ ଛୋଟ ନ ମଣି ନିଜ ଅଧିକାର ସାବ୍ୟସ୍ତ ପାଇଁ ସଚେତନ ହେବା ଜରୁରୀ ବୋଲି ମଧ୍ୟ ଆଲୋଚନା କରାଯାଇଥିଲା।

ନାରୀକ୍ଷେତ୍ରରେ ବିଶେଷ ସଫଳତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ଅଧ୍ୟାପିକା ସାହିତ୍ୟିକା ରାଧାରାଣୀ ମହାପାତ୍ର, ସମାଜସେବୀ, ମୁକ୍ତାଶୟ ଶିଶୁ ଯତ୍ନ ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ଯମୁନାଲାଲ ବଜାଜ୍ ପୁରସ୍କାର ପୁରସ୍କାର ପ୍ରାପ୍ତା ସେଖ୍ ସୋଫିଆ, ଉଦ୍ୟୋଗ ପତି ଏମ୍.ବି.କେ. ମହିଳା କମଳା ମିତ୍ର, ସ୍ୱର୍ଣ୍ଣପଦକ ବିଜେତା କ୍ରୀଡ଼ାବିତ୍ ସ୍ମୃତିରେଖା ସେଠୀ, ଅର୍ଦ୍ଧିକା ସ୍ୱେଚ୍ଛାସେବୀ ଦିପ୍ତୀମୟୀ ମହାନ୍ତି ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଶିଶୁ କନ୍ୟା ସୁରକ୍ଷା ନେଇ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଶପଥ ପାଠ କରାଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ସେକ୍ ଶିରାଜ ଅକତର, ଜିଲ୍ଲା ବାଲ୍ୟ ବିବାହ ନିଷେଧ ସଂଯୋଜକ ପ୍ରଦ୍ୟୁତରଞ୍ଜନ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସଂପୃକ୍ତ ପ୍ରଶାସନିକ ଅଧିକାରୀ ସମସ୍ତ ସି.ଡ଼ି.ପି.ଓ, ସୁପରଭାଇଜର, ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ସେବା ଦିବସ ପାଳିତ



ଉଦଳା , ୦୯/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ, ଉଦଳା ତରଫରୁ ମିଳିତ ଭାବରେ ଆଜି ଅକ୍ଟୋବର ୯ ତାରିଖ ବୁଧବାର ଦିନ ପୂଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତି (ସେବା ଦିବସ) ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ସହର ମଧ୍ୟରେ ବସ୍‌ଷ୍ଟାଣ୍ଡକୁ ଲାଗି କରିଥିବା ଗୋପବନ୍ଧୁଙ୍କ ଆସ୍ଥାନ ଓ ପ୍ରତିମୂର୍ତ୍ତିକୁ ସଫା କରାଯାଇଥିଲା । ପରେ ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ବେଦମନ୍ତ୍ର ଉଚାରଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଟ୍ରଷ୍ଟର ସଂପାଦକ ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଦୈନିକ 'ସମାଜ'ର ଉଦଳା ପ୍ରତିନିଧି ଅରୁଣ କୁମାର ମହାନ୍ତି, ଆଇନଜୀବି ସତ୍ୟବ୍ରତ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର, ସାମ୍ବାଦିକ ଗୋଲକ ମହାରଣା, ହିମାଦ୍ରି ଶେଖର ପାଲ, ଆନନ୍ଦ ଦାସ, ସୁରେଶ୍ୱର ଜେନା, ଅଟୋମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର, କବି କରୁଣାକର ଦାସ, ଭଂଜ ସେନାର ରବିନ ମହାନ୍ତି, ଏକଲ ଅଭିଯାନର ବେଣୁଧର କଂଟାବାଉଁଶିଆ, ବସ୍ ମାଲିକ ସଂଘର ସରୋଜ ସାମଲ ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁଙ୍କର ତ୍ୟାଗମୟ ଜୀବନ ଓ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢ଼ି ତୋଲିବାରେ ଅବଦାନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶେଷରେ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଏମସିଏଏମ କଲେଜ ଶିକ୍ଷା ବିଭାଗର ଆଲୋଚନାଚକ୍ର

ବାରିପଦା , ୦୯/୧୦ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ଶିକ୍ଷା ବିଭାଗ ତରଫରୁ ନୂତନ ଚାରି ବର୍ଷିଆ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଶୀର୍ଷକ ଉପରେ ଏକ ଦିବସୀୟ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଏବଂ ବିଭାଗୀୟ ଅଧ୍ୟାପିକା ସୁଜାତା ପାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏଥିରେ ବାଇଗଣ ବାଡିଆ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଅଳକା ମଞ୍ଜରୀ ଭୂୟାଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆଲୋଚନା ଚକ୍ରର ଅର୍ଥ ଏବଂ ଏହାର ଗୁରୁତ୍ୱ ଉପରେ ମତାମତ ଦେଇଥିଲେ। ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ .ପୁଷ୍ପା ରାଣୀ ପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହିତ ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କୁ ନୂତନ ଚାରିବର୍ଷିଆ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମ ଓ ଜାତୀୟ ଶିକ୍ଷାନୀତି ୨୦୨୦ ର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ସ୍ନାତକୋତ୍ତର ବିଭାଗର ଶେଷ ବର୍ଷର ଛାତ୍ର ଅଭିଷେକ ଘୋଡାଇ , ଲୋକନାଥ ଦାସ ଓ ସ୍ନାତକ ବିଭାଗ ର ଶେଷ ବର୍ଷର ଛାତ୍ରୀ ନମିତା ଧୀର ଏବଂ ସିମ୍ରନ୍ ଶର୍ମା ଆଲୋଚନାରେ ଅଂଶ ଗ୍ରହଣ କରି ବିଷୟ ବସ୍ତୁ ଉପରେ ନିଜର ମତାମତ ରଖିଥିଲେ। ବିଭାଗୀୟ ଅଧ୍ୟାପିକା ଅଙ୍କିତା ସିଂ ଅତିଥି ପରିଚୟ ଓ ଆଲୋଚନା ର ବିଷୟ ବସ୍ତୁ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିବା ବେଳେ ବିଭାଗୀୟ ଅଧ୍ୟାପିକା ସସ୍ମିତା ସି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଏସ.କେ. ଆଜାଦ, ସୁମନ ରଣା,ଏମ. ଡି. ସାହିଲ, ତନ୍ମୟ ଜେନା, ଛାତ୍ରୀ ପାର୍ବତୀ ହେମ୍ବ୍ରମ, ରଶ୍ମିତା ରାଉତ, ଜ୍ୟୋସ୍ନା ରାଣୀ ହେମ୍ବ୍ରମ ପ୍ରମୁଖ ଆଲୋଚନା ଚକ୍ର ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# କୁଚିଣ୍ଡା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉଦ୍‌ଘାଟିତ

ସମ୍ବଲପୁର, ୦୯/୧୦ (ନି.ପ୍ର): ରାଜ୍ୟ ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ କୁଚିଣ୍ଡା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଉଦଘାଟନ କରିବା ପରିପ୍ରେକ୍ଷୀରେ ଅର୍ଦ୍ଧକ୍ଷ ବାହାଲ ସ୍ଥିତ ବାଳିକା ଉଚ୍ଚ ମାଧ୍ୟମିକ ସ୍କୁଲର ପରିବର୍ଦ୍ଧିତ ଗୃହକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଛାତ୍ରୀ ମାନେ ଏକ ଦାବିପତ୍ର ପ୍ରଦାନ କରି ଏକ ଦୁଇ ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ସ୍ଥାପନ ପାଇଁ ଦାବି କରିଥିଲେ । ସେହିପରି ଭାବରେ ସ୍କୁଲ କର୍ତ୍ତୃପକ୍ଷ ଭିନ୍ନ ଏକ ଦାବିପତ୍ର ମାଧ୍ୟମରେ ସ୍କୁଲ ପରିସରରେ ସମସ୍ତ ଷ୍ଟାଫଙ୍କ କ୍ୱାଟର ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି । ଅନୁରୂପ ଭାବରେ ଅଂଚଳ ବାସୀଙ୍କ ପକ୍ଷରୁ ଏହି ଅନୁଷ୍ଠାନ ଓ ଷଣ୍ଢ ପଥର ସ୍ଥିତ ଉଚ୍ଚ ମାଧ୍ୟମିକ ସ୍କୁଲ ରେ ଖାଲି ଥିବା ଅଧ୍ୟାପକ ଓ ଲେବୋରେଟାରୀ ପଦବୀ ପୂରଣ, ପ୍ରସ୍ତାବିତ ବାମରା ଓ ଜମନକିରା ଏକଲବ୍ୟ ସ୍କୁଲ କୁ ଆସନ୍ତା ବର୍ଷରୁ ହିଁ ଆରମ୍ଭ କରିବା, କୁଚିଣ୍ଡାରେ କେନ୍ଦ୍ରୀୟ ସ୍କୁଲ ସ୍ଥାପନ କରିବାକୁ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଦାବିପତ୍ର ପ୍ରଦାନ କରି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥଲେ।

# ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ଖୋର୍ଦ୍ଧା, ୦୯/୧୦ (ନି.ପ୍ର): ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ପୋଷଣ ଖୋର୍ଦ୍ଧାର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଅରକ୍ଷୀ ଅଧିକ୍ଷିକା ସାଗରିକା ନାଥ ଯୋଗ ଦେଇ ଆଜିର ସମାଜରେ ଶିଶୁ କନ୍ୟା ଭବିଷ୍ୟତର ନାରୀ ଏବଂ ଆଜିର ଶିଶୁ କନ୍ୟାମାନଙ୍କୁ ଆମ୍ଭେମାନେ ସୁଚାରୁ ରୂପେ ଦାୟିତ୍ୱ ନେବା ଉଚିତ ଫଳରେ କି ଭବିଷ୍ୟତରେ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତ ରଖିଥିଲେ। କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢାଓ ଯୋଜନା ମାଧ୍ୟମରେ ଶିଶୁ କନ୍ୟା ମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରାଯାଇଥିବା ଅରକ୍ଷୀ ଅଧିକ୍ଷିକା ସାଗରିକା ନାଥ ସୁଚନା ଦେଇଥିଲେ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ପଂଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧତା, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ନାରାୟଣ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣି ବାଣୀଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶିଶୁ କନ୍ୟା ଦିବସ ର ଗୁରୁତ୍ୱ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ତେବେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ଶିଶୁ କନ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର, ପୋଷଣ ଜିଲା ସଂଯୋଜିକା ଅଭିଲିପ୍ସା, ଅର୍ଚ୍ଚନା ରାୟ, ରିତାଞ୍ଜଳୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରେପୋ ରେଟ୍ ଅପରିବର୍ତ୍ତିତ...

ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୭ % ହେବ ବୋଲି ଆକଳନ କରାଯାଇଛି। ଏହାଫଳରେ ଗ୍ରାହକଙ୍କ ଉପରେ ଋଣ ବୋଝ ପଡିବିନି। ଲୋନ ନେଇ ଇଏମଆଇ ଦେଉଥିଲେ ଏହା ବୃଦ୍ଧି ପାଇବନି। ତେବେ ୨୦୨୩ ମସିହାରେ ଶେଷ ଥର ପାଇଁ ରେପୋ ରେଟ୍ ?ରେ ପରିବର୍ତ୍ତନ କରାଯାଇଥିଲା। ଏହା ପରଠାରୁ ଦଶମ ଥର ପାଇଁ ଏହା ସ୍ଥିର ରହିଛି। ଏଥର ମଧ୍ୟ ମିଟିଂ ଆରମ୍ଭ ହେବା ପୂର୍ବରୁ ରେପୋ ରେଟ୍ ଅପରିବର୍ତ୍ତିତ ରହିବା ନେଇ ପୂର୍ବାନୁମାନ କରାଯାଉଥିଲା । ଆଉ ଅନୁମାନ ମୁତାବକ ମଧ୍ୟ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି ।

## ସରକାରଙ୍କ ବଡ଼ ଘୋଷଣା...

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମାଗଣା ପୋଷଣଯୁକ୍ତ ଚାଉଳ ପାଇଁ ମୋଟ ୧୭,୦୮୨ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ସରକାର ଏଥିପାଇଁ ପୂରା ପାଣ୍ଠି ଯୋଗାଇ ଦେବେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ସମେତ ସରକାରଙ୍କ ସବୁ ଯୋଜନା ଅଧୀନରେ ଏହି ଚାଉଳ ଲୋକମାନେ ପାଇ ପାରିବେ। ୨୦୨୪ ଜୁଲାଇରୁ ୨୦୨୮ ଡିସେମ୍ବର ଯାଏ ପୋଷଣଯୁକ୍ତ ମାଗଣା ଚାଉଳ ମିଳିବ ବୋଲି ସେ କହିଛନ୍ତି। ୨୦୨୨ ଏପ୍ରିଲ ମାସରେ ସରକାର ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଦେଶରେ ପୋଷଣଯୁକ୍ତ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦୨୪ ମାର୍ଚ୍ଚ ସୁଦ୍ଧା ପର୍ଯ୍ୟାୟକ୍ରମେ ଏହି ଯୋଜନା ଦେଶର ସବୁ ପ୍ରାନ୍ତରେ ଲାଗୁ ହେବ ବୋଲି କୁହାଯାଇଥିଲା। ସରକାର ମଧ୍ୟ ଏହାକୁ ସଫଳତାର ସହ ଲାଗୁ କରିଥିବା କହିଛନ୍ତି। ସବୁ ସରକାରୀ ଯୋଜନା ଅଧୀନରେ ଲୋକଙ୍କୁ ପୋଷଣଯୁକ୍ତ ମାଗଣା ଚାଉଳ ୨୦୨୪ ମାର୍ଚ୍ଚ ସୁଦ୍ଧା ଯୋଗାଇ ଦିଆଯାଇଛି। ଏବେ ଏହି ଯୋଜନାକୁ ୨୦୨୮ ଡିସେମ୍ବର ମାସ ଯାଏ ବୃଦ୍ଧି କରାଯାଇଛି।

## ଚିଲିକା ମଝିରେ ବିପଦଜନକ ଯାତ୍ରା:...

ଛାତିକୁ ପଥର କରି, ମାଆ କାଳୀଜାଇଙ୍କୁ ସ୍ମରଣ କରି ଯାଆନ୍ତି । ବିସ୍ତିର୍ଣ୍ଣ ଚିଲିକାର ବୁକୁରେ ଯାଉଥିବା ବୋଟ୍ ଓ ଡଙ୍ଗାରେ ନା ଅଛି କୌଣସି ସୁରକ୍ଷା ବ୍ୟବସ୍ଥା ନା ବିପଦ ହେଲେ ସେଥୁ ମୁକାବିଲା କରିବାକୁ ଯୋଜନା। ଡଙ୍ଗାରେ ଯାଉଥିବା କାହାରି ପାଖରେ ଲାଇଫ୍ ଜାକେଟ୍ ନାହିଁ, ସେମିତି ଖୋଲା ବୋଟରେ ମଧ୍ୟ। ଆଉ ବୋଟର ଅବସ୍ଥା ହୋସ୍ ଉଡ଼ାଇ ଦେବ। କେଉଁଠି କଳଙ୍କି ଲାଗିଛି, କେଉଁଠି ପାଣି ଜମିଲାଣି। ପୁରୁଣା ଯନ୍ତ୍ରାଂସକୁ ଧରି ଜୀବନକୁ ବାଜି ଲଗାଇ ଯିବା ବେଳେ ଅନେକ ସମୟରେ ଚିଲିକା ମଝିରେ ବୋଟ୍ ଅଟକିବା ଘଟଣା ସାମ୍ନାକୁ ଆସିଛି। ଖାଲି ଏତିକି ନୁହେଁ କ୍ଷମତାରୁ ଅଧିକ ବି ଲୋକେ ଯାଆସ କରୁଥିବା ଅଭିଯୋଗ ରହିଛି। ସ୍ଥିତି ଏମିତି ହେଉଛି ଚିଲିକା ମଝି ଦେଇ ଯିବା ବେଳେ ଏମିତି ଗୋଟେ ପଟୁ ଢଳି ଯାଉଛି ବୋଟ୍। ୧୬ ଜୁନ ୨୦୧୮ରେ ଚିଲିକାରେ ଡଙ୍ଗା ପଲଟି ୧୬ ଜଣଙ୍କ ଜୀବନ ଯାଇଥିଲା, ୨ ଫେବ୍ରୁଆରୀ ୨୦୨୦ରେ ସମାନ ଢଙ୍ଗରେ ବୁଡ଼ିଥିଲା ଡଙ୍ଗା। ତଥାପି ଚେତିନି ପ୍ରଶାସନ, ସୁଧୁରୁନି ପରିସ୍ଥିତି।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ବାରିପଦାରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା...

ହେଲେ ପୂର୍ବ ସରକାର ଚୁକ୍ତିର ସର୍ତ୍ତ ଖିଲାପ କରୁଥିଲେ। ଯାହା ଆମ ସରକାରରେ ହେବ ନାହିଁ। ଆମ ସରକାର ଉତ୍ତର ଓଡ଼ିଶାର ବିକାଶ ପାଇଁ ଉତ୍ତରାଞ୍ଚଳ ବିକାଶ ପରିଷଦ ଗଠନ ପାଇଁ ପ୍ରୟାସ ଆରମ୍ଭ ହୋଇ ଯାଇଛି। ଏଣୁ କେବଳ ମୟୁରଭଞ୍ଜ ର ନୁହେଁ ସମଗ୍ର ଉତ୍ତର ଓଡ଼ିଶାର ବିକାଶ ପାଇଁ ଧ୍ୟାନ ଦିଆଯିବ। ବାରିପଦା ରେ ବୁଢା ବଳଙ୍ଗ ଅଡିବନ୍ଧ, ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ପରିସମାପ୍ତି କରାଯିବ, ଶିମିଳିପାଳରେ କଳା ବାଘ ସଫାରୀ ନିର୍ମାଣ, ସାନ୍ତାଳୀ ଭାଷାର ଅଗ୍ରଗତି, ମୟୁରଭଞ୍ଜର ଛଉ ନାଚର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସର ରେ ସୁଭଦ୍ରା ଯୋଜନାର ପ୍ରଥମ ହିତାଧିକାରୀ ଖୋର୍ଦ୍ଧା ଜିଲ୍ଲାର ଉମାରାଣୀ ମହାନ୍ତି ଏବଂ ଏକ କୋଟି ତମ ଆବେଦନକାରୀ ସୁନ୍ଦରଗଡ଼ ଜିଲ୍ଲାର ଦୟାମଣୀ କୁଜୁର ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବା ସହ ଚଳିତ ଥରର ହିତାଧିକାରୀ ମମତା ମୁଖି, ସରୋଜିନୀ ସହୁ, ରଶ୍ମିରେଖା ନାୟକ, ଗୀତାରାଣୀ ବେହେରା, ଦୁଲାରୀ ଟୁଡୁ, ପ୍ରଭାତୀ ପାତ୍ର, ମମତା କୁଅଁର, ସ୍ନେହଲତା ମାରାଣ୍ଡି, ମମତା ଦାସ, ଶାନ୍ତି ହେମ୍ବ୍ରମ, ଉମାରାଣୀ ମହାନ୍ତି, ଦୟାମଣି କୁଜୁର ପ୍ରମୁଖଙ୍କୁ ସୁଭଦ୍ରା ଯୋଜନାର ଚେକ ପ୍ରଦାନ କରିଛନ୍ତି। ପୁନଶ୍ଚ ବିଗତ ସେପଟ୍ଟେମ୍ବର ୨୨ ତାରିଖରେ ବାରିପଦାରେ ସରକାରଙ୍କ ୧୦୦ ଦିନର ବିକାଶ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବାରିପଦା ରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ, ହେଲିକ୍ୟାପଟର ଖରାପ ହେବାରୁ ସମାବେଶ ରେ ଯୋଗ ଦେଇ ପାରିନଥିଲେ। ଏଣୁ ମୁଖ୍ୟମନ୍ତ୍ରୀଙ୍କର ଆଜିର ବାରିପଦା ଗସ୍ତ ବାରିପଦା ପାଇଁ ବେଶ ତାତ୍ପର୍ଯ୍ୟ ପୂର୍ଣ୍ଣ ଥିଲା। ଆଜି ବାରିପଦାରୁ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ୨ୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିବାର କାର୍ଯ୍ୟକ୍ରମ ଥିବାରୁ ସମଗ୍ର ଓଡ଼ିଶାର ମହିଳା ମାନେ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ, ଆଜି ସମୁଦାୟ ୩୫ଲକ୍ଷ ୯ଜଣ ମହିଳାଙ୍କ ବ୍ୟାଙ୍କ ଏକାଉଣ୍ଟ କୁ ୫ହଜାର ଲେଖାଏଁ ସହାୟତା ରାଶି ଯାଇଥିବାର ଜଣାଯାଇଛି। ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ପ୍ରଭାତି ପରିଡା, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ଼। କୃଷ୍ଣ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଲୋକସଭା ସାଂସଦ ନବ ଚରଣ ମାଝୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ଓଡିଶା ବିଧାନସଭାର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, କେନ୍ଦ୍ରାଞ୍ଚଳ ଆରଡିସି ବି। ପ୍ରମେଶ୍ୱରନ, ମହିଳା ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ପ୍ରମୁଖ ଯୋଗଦେଇ ମହିଳା ମାନେ ସ୍ୱାବଲମ୍ବି ହେଲେ ଯାଇ ରାଜ୍ୟର ବିକାଶ ସମ୍ଭବ ହୋଇ ପାରିବ ଏବଂ ସୁଭଦ୍ରା ଯୋଜନା ଏଦିଗରେ ବେଶ ସହାୟକ ହୋଇ ପାରିଛି ବୋଲି କହିଥିଲେ। ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମଜୟନ୍ତି ଥିବାରୁ ମୁଖ୍ୟମନ୍ତ୍ରୀ ବାରିପଦା ରିଜର୍ଭ ପଡିଆ ହେଲିପେଡ ରେ ଓହ୍ଲାଇ ପ୍ରଥମେ ବାରିପଦା ପୌରପରିଷଦ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୁର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାରିପଦା ତଥା ମୟୁରଭଞ୍ଜ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ କର୍ମଭୂମି ଥିଲା।ମାଲ୍ୟାର୍ପଣ ପରେ ମୁଖ୍ୟମନ୍ତ୍ରୀ ବାରିପଦା ଛଉ ପଡିଆ ଏବଂ କଲେଜ ପଡିଆ ଠାରେ ଆୟୋଜିତ ସୁଭଦ୍ରା ସମ୍ମିଳନୀରେ ଯୋଗଦେଇ ସମବେତ ଜନତାଙ୍କ ଉଦେଶ୍ୟରେ ନିଜର ଅଭିଭାଷଣ ରଖିବା ସହିତ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ୨ୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିଥିଲେ।

## ଖୁବଶୀଘ୍ର ମିଳିବ 'ସୁଭଦ୍ରା ...

ହିତାଧିକାରୀଙ୍କ ଆବେଦନପତ୍ର ଖାରଜ କରାଯିବନି। ଘରକୁ ଘର ଯାଇ, ବ୍ଲକ ବା ଜିଲ୍ଲା ପ୍ରଶାସନ ଜରିଆରେ ଯୋଗ୍ୟ କରିବୁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଯେଉଁମାନେ ନପାଇ ୨ ଥର ଆବେଦନ କରୁଛନ୍ତି, ସେମିତି ଅନାବଶ୍ୟକ ବରଂ ଆଉ ଆବେଦନ ନକରି କ'ଣ ତ୍ରୁଟି ଅଛି ତାକୁ ସଂଶୋଧନ କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ସୂଚନା ଅନୁସାରେ ଆଜି 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଆକାଉଣ୍ଟକୁ ଆସିଛି । ବାରିପଦାର ଐତିହାସିକ ଛଉ ପଡ଼ିଆ ସଭାରୁ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଅକ୍ଟୋବର ୭ ତାରିଖ ସୁଦ୍ଧା ଆବେଦେନ କରିଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଆଜି ଟଙ୍କା ଆସିଛି । ଏନ୍ପିସିଆଇ କ୍ଲିୟରାନ୍ସ ଥିବା ୩୫ ଲକ୍ଷରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଟଙ୍କା ପଠାଯାଇଛି। ଆଗକୁ ଦଶହରା ଥିବା ବେଳେ ମହିଳା ହିତାଧିକାରୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି। ସୁଭଦ୍ରା ଯୋଜାନାରେ ଏପର୍ଯ୍ୟନ୍ତ ୧ କୋଟି ୨୦ ହଜାରରୁ ଅଧିକ ମହିଳା ହିତାଧିକାରୀ ପଞ୍ଜୀକରଣ କରିସାରିଲେଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ଼ ଉପଲବ୍ଧି । ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇଁ ଅଫିସିଆଲ ୱେବସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କିମ୍ବା ଟୋଲ ଫ୍ରି ନମ୍ବର(୧୪୬୭୮)କୁ କଲ କଲେ ଜାଣି ପାରିବେ। ଆବେଦନକାରୀଙ୍କ ନାଁରେ ଆଧାର କାର୍ଡ ଓ କାର୍ଯ୍ୟକ୍ଷମ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ । ବ୍ୟାଙ୍କ ସହ ଆଧାର ସଂଯୋଗ ହୋଇଥିବା ଜରୁରୀ। ତା'ସହିତ ହିତାଧିକାରୀଙ୍କ ମୋବାଇଲ ନମ୍ବରଟି ମଧ୍ୟ ଆଧାର କାର୍ଡ ସହ ଲିଙ୍କ ହୋଇଥିବା ଆବଶ୍ୟକ। ଏଥିସହ ସୁଭଦ୍ରା ଫର୍ମ ଦାଖଲବେଳେ ଆଧାରର ଜେରକ୍ସ ସହ ରାସନ କାର୍ଡ ଓ କାର୍ଯ୍ୟକ୍ଷମ ବ୍ୟାଙ୍କ ଆକାଉଣ୍ଟ ଖାତାର ଜେରକ୍ସ ଦାଖଲ କରିବା ଜରୁରୀ। ଏଥିସହ ବାୟୋମେଟ୍ରିକ ସଠିକ ଭାବେ ହୋଇଥିଲେ ଟଙ୍କା ଆସିବ ।

## ଆଜି ଜଗଜ୍ଜନନୀ ମା' ...

କରିଛି ଗୁଜରାଟର ସ୍ୱାମୀ ନାରାୟଣ ମନ୍ଦିର ଆକୃତିର ତୋରଣ। ୮୫ ଫୁଟ ଉଚ୍ଚ ଏବଂ ୧୫୦ ଫୁଟ୍ ଚଉଡ଼ାର ତୋରଣକୁ ୩ ମାସ ଧରି ତିଆରି କରିଛନ୍ତି ଓଡ଼ିଆ ଏବଂ ପଶ୍ଚିମବଙ୍ଗର କାରିଗର। ସେମିତି ବମିଖାଲ ଦୁର୍ଗାପୂଜା କମିଟିର ତୋରଣ। ୬୧ ବର୍ଷରେ ପାଦ ଥାପିଥିବା କମିଟି ଏଥର ତିଆରି କରିଛି ପଞ୍ଜାବର କାପୂର୍ଥାଲା ସ୍ଥିତ ଚର୍ଚ୍ଚିତ ଫ୍ରେଞ୍ଚ୍ ପ୍ୟାଲେସ। ୧୫୦ ଫୁଟ୍ ଚଉଡ଼ା, ୮୫ ଫୁଟ୍ ଉଚ୍ଚତା। ଭିତରେ ରହିଛି କାଚରେ ନିର୍ମିତ ପ୍ୟାଲେସ୍ ଗମ୍ବୁଜ। ୩ ମାସ ଧରି କଲିକତି କାରିଗର ଏହି ତୋରଣକୁ ତିଆରି କଥିବାବେଳେ ବମିଖାଲ ପୂଜା କମିଟି ଏହାର ଥିମ୍ ରଖିଛି 'ଜୀବେ ଦୟା'। ମଣ୍ଡପରେ ପଶୁପକ୍ଷୀଙ୍କ ପ୍ରତିକୃତିକୁ ସ୍ଥାନ ଦେଇ ସେମାନଙ୍କ ସଂରକ୍ଷଣ ପାଇଁ ଭିନ୍ନ ସନ୍ଦେଶ ଦେଇଛି। ୪୭ ବର୍ଷରେ ପଦାର୍ପଣ କରିଥିବା ସହିଦ ନଗର ପୂଜା କମିଟି ନିଜସ୍ୱ ପରିକଳ୍ପନାରେ ତିଆରି କରିଛି ତୋରଣ। ୧୪୦ ଫୁଟ ଚଉଡ଼ା ଏବଂ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ତୋରଣ ସର୍ବଧର୍ମ ସମ୍ମିଳିତର ବାର୍ତ୍ତା ଦେଉଛି। ସେହିପରି କଟକ ରୋଡର ଲକ୍ଷ୍ମୀସାଗର ବ୍ୟବସାୟୀଙ୍କ ପୂଜାମଣ୍ଡପରେ ରାଜସ୍ଥାନ ସନ୍ତୁରଗଡ଼ର ରାଣୀ ପଦ୍ମାବତୀ ପ୍ୟାଲେସ୍ ଢାଞ୍ଚାରେ ନିର୍ମିତ ସୁଉଚ୍ଚ ତୋରଣ ସମସ୍ତଙ୍କୁ ଆକୃଷ୍ଟ କରୁଛି। ତୋରଣ ଅପେକ୍ଷା ଜଗତଜନନୀଙ୍କ ଭଳି କି ଭଳି ମେଢ ତିଆରି କରି ଚର୍ଚ୍ଚାରେ ରହୁଥିବା ରୌପ୍ୟନଗରୀ କଟକରେ ଷଷ୍ଠୀରୁ ଦେଖିବାକୁ ମିଳିଲାଣି ମା'ଙ୍କ ଝଲକ୍। କଟକ ତୁଳସୀପୁର ଏବଂ ରାମଗଡ଼ ପୂଜା ମଣ୍ଡପର ନୂତନ ଚାନ୍ଦି ମେଢ଼ ଉଦଘାଟିତ ହୋଇଛି। ସମସ୍ତ ମଣ୍ଡପରେ ଆଜି ଷଷ୍ଠୀ ପୂଜା ସହ ବେଲ ବରଣୀ ପରେ କାଲି ମା'ଙ୍କ ଚକ୍ଷୁଦାନ ଏବଂ ନବପତ୍ରିକା ପୂଜା ହେବ। ଅର୍ଥାତ କାଲିଠୁ ସବୁ ମଣ୍ଡପ ହେବ ଚଳଚଞ୍ଚଳ। ସେପଟେ ଶକ୍ତିପୀଠରେ ଆଜି ହୋଇଛି ମହାସପ୍ତମୀ ପୂଜା। ମା'କଟକ ଚଣ୍ଡୀ ବଗଳାମୁଖୀ ଏବଂ ଗଡ଼ଚଣ୍ଡୀ ମହାସରସ୍ୱତୀ ବେଶରେ ଦର୍ଶନ ଦେଇଛନ୍ତି। ଜଗତସିଂହପୁର ଝଙ୍କଡ଼ବାସିନୀ ମା' ଶାରଳା ଆଜି ବଡ଼ସିଂହାର ବେଶରେ ଦର୍ଶନ ଦେଇଥିବାବେଳେ ବାଙ୍କୀରେ ମା' ଚର୍ଚ୍ଚିକା କାଳରାତ୍ରୀ ଏବଂ କାକଟପୁରରେ ମା'ମଙ୍ଗଳା କଳାକଳି ବେଶରେ ଦର୍ଶନ ଦେଇଛନ୍ତି।

## ଶ୍ରୀମନ୍ଦିର ଭିତରେ ଦର୍ଶନ...

ଏଥିରୁ ଭକ୍ତଙ୍କୁ ମୁକ୍ତି ଦେବାକୁ ହୋଇଛି ବ୍ଲୁ ପ୍ରିଣ୍ଟ । ମନ୍ଦିର ଭିତରେ ତିଆରି ହେବ ଅସ୍ଥାୟୀ କାଠ ବ୍ୟାରିକେଡ୍ ଓ ରହିବ ରାମ୍ପ ବ୍ୟବସ୍ଥା, ବାରିକେଡ୍ ୬ ଲାଇନ୍ ବିଶିଷ୍ଟ ହେବ। ଯେଉଁଥିରେ ଦିବ୍ୟାଙ୍ଗ, ମହିଳା ଓ ଛୋଟ ପିଲା ଏବଂପୁରୁଷଙ୍କ ପାଇଁ ଅଲଗା ଅଲଗା ଲାଇନ୍ ରହିବ। ଚାରି ଦ୍ୱାର ଫିଟିବା ପରେ ହେଉ କି ତା ପୂର୍ବରୁ, ଶ୍ରୀମନ୍ଦିର ଭିତରେ ଦହଗଞ୍ଜ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ ସୁବିଧା ଦେବା ଲକ୍ଷ୍ୟରେ ଏଭଳି ବ୍ୟବସ୍ଥା ଲାଗୁ ହେବ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ। ଗତକାଲି ବିସ୍ତୃତ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଥିଲେ- ବ୍ୟାରିକେଡ୍ ବ୍ୟବସ୍ଥା ସାତ ପାହାଚ ନିକଟରୁ ଆରମ୍ଭ ହେବ। ନାଟମଣ୍ଡପ ଭିତରେ ଛଅ ଲାଇନ୍ କାଠ ବ୍ୟାରିକେଡ୍ ଭିତରେ ଦର୍ଶନାର୍ଥୀ ଧାଡ଼ିରେ ଯିବେ। ବାହାର କାଠ ପାଖରେ ରାମ୍ପ ତିଆରି ହେବ। ସମସ୍ତେ ସେଥିରେ ଚଢ଼ି ଠାକୁରଙ୍କୁ ବିନା ବାଧାରେ ଦର୍ଶନ କରିବେ ଓ ଘଣ୍ଟି ଦ୍ୱାରବାଟେପ୍ରସ୍ଥାନ କରିବେ। ତେବେ ଏ ବ୍ୟବସ୍ଥାର ଉପଯୋଗିତା ଓ ଅସୁବିଧାର ବିଭିନ୍ନ ଦିଗକୁ ନେଇ ସେବାୟତ ନିଯୋଗଙ୍କ ସହ ବିସ୍ତୃତ ଆଲୋଚନା ହେବ। କାର୍ତ୍ତିକ ମାସ ପରଠୁ ଏହା ଲାଗୁ କରାଯିବାକୁ ସ୍ଥିର ହୋଇଛି। ଯଦିଓ ମନ୍ଦିର ଭିତରେ ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥାକୁ ଉଭୟ ଭକ୍ତ ଓ ସେବକ ସ୍ୱାଗତ କରିଛନ୍ତି, ହେଲେ ଗୋଟିଏ ପରିବାରର ସଦସ୍ୟ କେମିତି ଅଲଗା ଅଲଗା ଲାଇନ୍ ?ରେ ଯିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେମିତି ଜଣ ଦିବ୍ୟାଙ୍ଗ ଭକ୍ତ ଅଭିଜିତ୍ ଯୋଶୀ। ଆଗରୁ ରାମେଶ୍ୱର, ବଦ୍ରିନାଥ ଓ ଦ୍ୱାରିକା ନାଥଙ୍କୁ ଦର୍ଶନ ସାରିଛନ୍ତି। ପୁରୀରେ ଜଗନ୍ନାଥଙ୍କୁ ଦର୍ଶନ କରି ଚାରି ଧାମ ଦର୍ଶନ ଇଚ୍ଛା ପୂର୍ତ୍ତି ଆଶା ଥିଲା, ହେଲେ ହ୍ୱିଲ୍ ଚେୟାରରେ ତାଙ୍କୁ ଦର୍ଶନ ଅନୁମତି ନମିଳିବାରୁ ଭଗ୍ନ ମନରେ ଫେରି ଯାଇଛନ୍ତି। ଏଥିପାଇଁ ସେ ସିଧାସଳଖ ପ୍ରଶାସନକୁ ଦାୟୀ କରିଛନ୍ତି। ସେପଟେ ଦିବ୍ୟାଙ୍ଗଙ୍କ ପାଇଁ ଦିନରେ ଏକ ନିର୍ଦ୍ଦିଷ୍ଟ ସମୟରେ ଦର୍ଶନ ସ୍ଲଟ୍ ବ୍ୟବସ୍ଥା କରାଯିବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି ବରିଷ୍ଠ ସେବାୟତ। ତେବେ ନାଟମଣ୍ଡପରେ ବ୍ୟାରିକେଡ୍ ବ୍ୟବସ୍ଥା ସାତ ପାହାଚରୁ ଆରମ୍ଭ ହେବ କି ଗରୁଡ଼ ଖମ୍ବ ପାଖରୁ ? ତାକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ। ଯେହେତୁ ପ୍ରତିଟି ଭକ୍ତ ଦଗନ୍ନାଥ ଦର୍ଶନ ପୂର୍ବରୁ ପ୍ରଥମେ ଗରୁଡ଼ ଖମ୍ବକୁ ଛୁଇଁବାର ଇଚ୍ଛା ରଖିଥାଏ, ତେଣୁ ସେଇଠୁ ହିଁ ବ୍ୟାରିକେଡ୍ ବ୍ୟବସ୍ଥା ପାଇଁ ସେବାୟତ ଦାବି ରଖିଛନ୍ତି। ତାସହ ସେମାନଙ୍କ ଯୁକ୍ତି- ଜୟ ବିଜୟ ଦ୍ୱାର ପାଖରେ ଉଚ୍ଚା ରାମ୍ପ ନିର୍ମାଣ ହେଲେ, ଆଉ ଗରୁଡ଼ ଖମ୍ବ ପାଖରୁ ଠାକୁର ଦର୍ଶନ ସମ୍ଭବ ହେବ ନାହିଁ।

## ରାଜ୍ୟ ଉଦ୍ୟୋଗ କର୍ମଚାରୀଙ୍କ ...

ତେବେ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ରାଜ୍ୟ ଉଦ୍ୟୋଗରେ କାର୍ଯ୍ୟରତ ଯୋଗ୍ୟ କର୍ମଚାରୀଙ୍କୁ ହିଁ ମିଳିପାରିବ । ସେଥିପାଇଁ ସାଧାରଣ ଉଦ୍ୟୋଗ ବିଭାଗ ମୋଟ ୯ଟି ସର୍ତ୍ତ ରଖିଛି । ଏହି ସର୍ତ୍ତସବୁ ପୂରଣ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟୋଗଗୁଡ଼ିକ ନିଜର କର୍ମଚାରୀମାନଙ୍କୁ ବର୍ଦ୍ଧିତ ମହଙ୍ଗା ଭତ୍ତା ନିଜ ପାଣ୍ଠିରୁ ହିଁ ଦେଇପାରିବେ । ଏଥିପାଇଁ ରାଜ୍ୟ ସରକାର କୌଣସି ଆର୍ଥିକ ସହାୟତା ଦେବେ ନାହିଁ । ଯେଉଁ ୯ଟି ସର୍ତ୍ତ ରଖାଯାଇଛି ସେଥିରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ସମ୍ପୃକ୍ତ ସରକାରୀ ଉଦ୍ୟୋଗ ବୈଧାନିକ ଅଡିଟ୍ ଶେଷ କରିଥିବା ଜରୁରୀ । ଏହି ଉଦ୍ୟୋଗ ସରକାର, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାର ଋଣ ପରିଶୋଧରେ ଖିଲାପ କରିନଥିବ । କର୍ମଚାରୀମାନଙ୍କ ଇପିଏଫ ଓ ଇଏସଆଇ ପାଣ୍ଠି ଦାଖଲରେ ମଧ୍ୟ ଖିଲାପୀ ହୋଇନଥିବ । ତା'ଛଡ଼ା କେବଳ ଲାଭରେ ଚାଲୁଥିବା ଉଦ୍ୟୋଗଗୁଡ଼ିକ ନିଜର କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଦେଇପାରିବେ ବୋଲି ଉଲ୍ଲେଖ ରହିଛି । ରାଜ୍ୟ ସରକାରଙ୍କ ଏ ସମସ୍ତ ସର୍ତ୍ତକୁ ପୂରଣ କରୁଥିବା ସରକାରୀ ଉଦ୍ୟୋଗ ସଂଖ୍ୟା ବେଶ୍ ସୀମିତ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ରାଜ୍ୟ କର୍ମଚାରୀମାନଙ୍କୁ ପୂର୍ବରୁ ୫୦ପ୍ରତିଶତ ମହଙ୍ଗା ଭତ୍ତା ମିଳୁଛି । ୨୦୨୪ ମାର୍ଚ୍ଚ ୧୪ତାରିଖରେ ତତକାଳୀନ ସରକାର ଏହି ମହଙ୍ଗା ଭତ୍ତାକୁ ୪୬%ରୁ ୫୦ପ୍ରତିଶତକୁ ବୃଦ୍ଧି କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ

ବାଲେଶ୍ୱର, ୦୯/୧୦ (ନି.ପ୍ର): ଉତ୍ସର୍ଗୀକୃତ ଦେଶଭକ୍ତ, ସ୍ୱାଧୀନତା ସଂଗ୍ରାମୀ, ନିର୍ଭିକ ସାମ୍ବାଦିକ, ସମାଜ ସଂସ୍କାରକ, ପ୍ରସିଦ୍ଧ କବି, ନବଉତ୍କଳ ଗଠନର ଚିନ୍ତାନାୟକ, ଶିକ୍ଷାବିତ୍, ଦକ୍ଷ ବିଧାୟକ, ଏକ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ବାଲେଶ୍ୱର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ଭବନରେ ବିଧିବଦ୍ଧ ଭାବରେ ପାଳନ ହୋଇଯାଇଛି। ସଭାରେ ଇଂ. ବନମାଳୀ ନାୟକ ସଭାପତିତ୍ୱ କରି ଗୋପବନ୍ଧୁଙ୍କ ଜୀବନାଦର୍ଶ ବିଷୟରେ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଗୋପବନ୍ଧୁଙ୍କ କର୍ମମୟ ଜୀବନ, ନିଃସ୍ୱାର୍ଥପର ସେବା ଓ ଶିକ୍ଷା ଦର୍ଶନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଦାମୋଦର ନାୟକ, ସୁଜିତ୍ କୁମାର ଜେନା, ସଞ୍ଜୟ କୁମାର ପଣ୍ଡା, ଜ୍ଞାନେନ୍ଦ୍ର ସାହୁ, ଅକ୍ଷୟ କର, କାଳିଚରଣ ବେହେରା ଉତ୍କଳମଣି ନିଜ ଜୀବନକୁ ଉତ୍କଳବାସୀଙ୍କ ପାଇଁ କିପରି ଉତ୍ସର୍ଗ କରିଥିଲେ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବେଶ ଚନ୍ଦ୍ର ପଣ୍ଡା, ବସନ୍ତ କୁମାର ନାୟକ, ଶଶାଙ୍କ ଶେଖର ଦତ୍ତ, ଅଜୟ କୁମାର ନାୟକ, ଶରତ କୁମାର ବିଶ୍ୱାଳ, ଡ. ତାରାକାନ୍ତ ନନ୍ଦ, ସୁରେନ୍ଦ୍ର ନାୟକ, କ୍ଷିତୀଶ୍ୱର ଦାସ, ପ୍ରଫୁଲ୍ଲ କୁମାର ଦାସ, ସୁରେନ୍ଦ୍ର ପ୍ରସାଦ ଧଳ, କେଶବ ଚନ୍ଦ୍ର ମହାନ୍ତି, କ୍ଷେତ୍ରମୋହନ ନାୟକ ଉପସ୍ଥିତ ଥିଲେ। ଶେଷରେ ଚିତ୍ତରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।



# ୪୦ଗ୍ରାମ ବ୍ରାଉନସୁଗର ଜବତ: ୨ଗିରଫ

ଖୋର୍ଦ୍ଧା, ୦୯/୧୦ (ନି.ପ୍ର): ଶିଳ୍ପା ଥାନା ପୁଲିସ ବରୁଣେଇ ନିକଟ ଗଡଖାର୍ଦ୍ଧା ୱାଇ ରୋଡ ଠାରୁ ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ଆଦର୍ଶଥାନା ଅନ୍ତର୍ଗତ ଲୋକେଶ୍ୱରପୁର ର ଅନୀଲ ରାୟ(୨୮) ଏବଂ ବୌଦ ର ଆଦର୍ଶଥାନା ଜେମାଦେଇ ହାଉସିଂବୋର୍ଡ କଲୋନୀରେ ରହୁଥିବା ଆକାଶ ସେଠୀ (୨୧) ବୋଲି ଏସପି ସାଗରିକା ନାଥ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଆଜି ଦିନ ୧୨ଟାବେଳେ ଗଡଖାର୍ଦ୍ଧା ୱାଇ ରୋଡ ଠାରେ ବ୍ରାଉନସୁଗର ବେପାର ହେବା ଖବର ପାଇ ପୁଲିସ ଚଢଉ କରିଥିଲା । ଚଢଉ ବେଳେ ସେମାନଙ୍କ ଠାରୁ ୪୦ଗ୍ରାମ ବ୍ରାଉନସୁଗର ସମେତ ୪ଟଇ ମୋବାଇଲ ଫୋନ, ନଗଦ ୬ହଜାର ଟଙ୍କା, ଦୁଇଟି ମୋଟରସାଇକେଲ କୁ ପୁଲିସ ଜବତ କରିଛି । ଖୋର୍ଦ୍ଧା ଜିଲ୍ଲାରେ ଆଂଟି ନାରକୋଟିକ୍ସ ଟ୍ୟାକ୍ସ ଫୋର୍ସ ଡିଏସପି ଅନୀଲ ମହାନ୍ତି ଓ ଯୁଗୋଳ ମଳିକଙ୍କ ନେତୃତ୍ୱରେ ଗଠନ ହୋଇଛି । ଏହି ଟିମ କୁ ଜନସାଧାରଣ ଯେଉଁଠାରେ ନିଶା କାରବାର ହେଉଛି ସେ ସମ୍ପର୍କରେ ଖବର କରିବେ । ସେ ନେଇ ହେଲପଲାଇନ ନଂ- ୯୪୩୮୯୧୬୫୧୭ ବୋଲି ଏସପି କହିଥିଲେ । ଏହି ଟିମ ଯୋଗୁ ଆଜି ଶିଳ୍ପାଂଚଳ ପୁଲିସ ଏ ସଫଳତା ପାଇଛି ବୋଲି ଏସପି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅନୀଲ ମହାନ୍ତି, ଆଇଆଇସି ଗାୟତ୍ରୀ ମିଶ୍ର, ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ବଳରାମଗଡି ମାଛ ଧରା ପୋତାଶ୍ରୟ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୦୯/୧୦ (ନି.ପ୍ର): ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବାଲେଶ୍ୱରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ପ୍ରାୟ ୧୦ବର୍ଷର ଅଚଳାବସ୍ଥା ପରେ ସମ୍ପ୍ରତି ଚାନ୍ଦିପୁର ସ୍ଥିତ ବଳରାମଗଡି ଠାରେ ବୃହତ ମାଛ ଧରା ପୋତାଶ୍ରୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ ପାଇଁ ବିଭାଗୀୟ ଅଧିକାରୀଙ୍କ ଗହଣରେ ବଳରାମଗଡି ଠାରେ ପହଂଚିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟାଦେଶ ପାଇଥିବା ଠିକାଦାର ସଂସ୍ଥା ଛବିନ୍ଦ୍ର କୁମାର ପ୍ରଧାନଙ୍କୁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ । ତେବେ ସମସ୍ତ ନିର୍ମାଣ କାର୍ଯ୍ୟରେ ଆବଶ୍ୟକୀୟ ଗୁଣବତ୍ତା ରକ୍ଷା ପାଇଁ ପରାମର୍ଶ ସହିତ ଏହା ଉପରେ କଡା ନଜର ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ସାମୁଦ୍ରିକ ମାଛ ବ୍ୟବସାୟ ପାଇଁ ବଳରାମଗଡି ମାଛଧରା ପୋତାଶ୍ରୟର ଗୁରୁତ୍ୱ ରହିଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏଥିରେ ଜଡିତ ହଜାର ହଜାର ମତ୍ସ୍ୟଜୀବି ଓ ବ୍ୟବସାୟୀଙ୍କ ଏହି ପୋତାଶ୍ରୟ ଏକ ବରଦାନ ସଦୃଶ ହେବ । ଏହି ପୋତାଶ୍ରୟର ସଫଳ କାର୍ଯ୍ୟକାରିତାରେ ବାଲେଶ୍ୱରର ଅର୍ଥନୀତିରେ ଆଶାତୀତ ଉନ୍ନତି ଦୃଶ୍ୟମାନ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି । ତେବେ ପୋତାଶ୍ରୟ ପାଇଁ ଉଦ୍ଦିଷ୍ଟ ଜମିରେ ରହିଥିବା ଜବରଦଖଲ ସମସ୍ୟାର ଉଚିତ ସମାଧାନ ପାଇଁ ସେ ମତ୍ସ୍ୟ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବିଧାୟକ ଶ୍ରୀ ଦତ୍ତଙ୍କୁ ପ୍ରକଳ୍ପ କାର୍ଯ୍ୟକାରିତାର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ । ସୂଚନା ଯୋଗ୍ୟ ଯେ, ୬୯.୦୮ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣାଧୀନ ବଳରାମଗଡି ମତ୍ସ୍ୟ ଧରା ପୋତାଶ୍ରୟ ପାଇଁ ୫୫.୦୧ ଏକର ଜମି ଆବଂଟିତ ହୋଇଛି । ସମ୍ପ୍ରତି ୧୭.୧୧ ଏକର ଜମିରେ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଚଳିତ ବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିବା ପୋତାଶ୍ରୟର ନିର୍ମାଣ କାର୍ଯ୍ୟ ଆସନ୍ତା ବର୍ଷ ସେପ୍ଟେମ୍ବର ମାସରେ ସାରିବା ନେଇ ଲକ୍ଷ୍ୟ ରହିଛି । ୩୨୭ ମେଟ୍ରିକ ଟନରୁ ଏବେ ସୁଦ୍ଧା ୧୦୦ମେଟ୍ରିକ ଟନ ଜେଟି ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପୋତାଶ୍ରୟ ସୀମା ପାଚେରୀ ନିର୍ମାଣ ସରିଛି । ଭୁବନେଶ୍ୱର ସ୍ଥିତ ମତ୍ସ୍ୟ ବିଭାଗର ଇଞ୍ଜିନିୟରିଂ ଡିଭିଜନର ପ୍ରତ୍ୟକ୍ଷ ତତ୍ୱାବଧାନରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟକୁ ଚେନ୍ନାଇ ସ୍ଥିତ ଆଇଆଇଟିର ଦୁଇ ଜଣ ଇଞ୍ଜିନିୟର ତଦାରଖ କରୁଛନ୍ତି । ପୋତାଶ୍ରୟର ନିର୍ମାଣ କାର୍ଯ୍ୟ ଯୋଜନା ମୁତାବକ ଚାଲିଥିବା ବେଳେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ପ୍ରକଳ୍ପର କ୍ଷେତ୍ର ଅନୁଧ୍ୟାନ ପରେ ବିଧାୟକ ଶ୍ରୀ ଦତ୍ତ ଆଶାପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ପର୍ଶୁରାମ ବେହେରା, ଅନନ୍ତ ନାୟକ, ମନ୍ମଥ ଦାସ, ସୌଭାଗ୍ୟ ମାନସ ନାୟକ, ପବନ କମିଳା, ବିକାଶ ମାଇତି, ସୁରେଶ ମାଝୀ, ଅମିତ ମାଇତି, ଦେବଦତ୍ତ ମଣ୍ଡଳ, ସେଖ ସଦାମ, ସୁଦାମ ବେହେରା, ଶମ୍ଭୁନାଥ ନାୟକ ବାବୁଲା ଦାସ, ସେଖ ଇରସାଦ, ସଂଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଫାଟିଲା ଏୟାର ପ୍ରେସର ଟାଙ୍କି: ଦୋକାନ ମାଲିକ ମୃତ, ଦୁଇ ଗୁରୁତର

ଖୋର୍ଦ୍ଧା, ୦୯/୧୦ (ନି.ପ୍ର): ଖୋର୍ଦ୍ଧାସଦର ଥାନା ଦଧିମାଛଗାଡିଆ ଠାରେ ଅଭାବନୀୟ ଘଟଣା ଘଟିଛି । ଗାଡିରେ ପମ୍ପ ଦେବା ବେଳେ ଫାଟିଲା ଏୟାର ପ୍ରେସର ଟାଙ୍କି । ଘଟଣାସ୍ଥଳରେ ଦୋକାନ ମାଲିକ ମୃତ, ଅନ୍ୟ ଦୁଇ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତିର୍ ହୋଇଛନ୍ତି । ମୃତକ ହେଲେ କଦଳିବାଡି ରେ ରହୁଥିବା ନବ କିଶୋର ବରାଡ ।ଆହତ ଦ୍ୱୟ ହେଲେ ଗାଡିର ଡ୍ରାଇଭର ଦେବାଶିଷ ମାନସିଂ ଓ ଦୀପକ ମାନସିଂ । ସୂଚନା ଅନୁସାରେ ମାଆ ଭଗବତୀ ଟାୟାର ପ୍ରେସର ନାମକ ଦୋକାନରେ ସକାଳୁ ଟାୟାର ପ୍ରେସର୍ ଦେଉଥିବା ବେଳେ କୌଣସି କାରଣରୁ ଟାଙ୍କି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣଟି ଏତେ ଭୟଙ୍କର ଥିଲା ଯେ ଏଥିରେ ଦୋକାନ ମାଲିକ ନବକିଶୋର ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।ସେଠାରେ ଉପସ୍ଥିତ ଥିବା ଦୁଇଜଣ ଗାଡି ଡ୍ରାଇଭର ଏଥିରେ ଆହତ ହୋଇଥିବାବେଳେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଁଚି ଅଧିକ ତଦନ୍ତ ଆରମ୍ଭ କରିଛି । ଏନେଇ ପୁଲିସ ୨୪୩/୨୪ରେ ଏକ ମାମଲା ରୁଜୁ କରି ନବକିଶୋରଙ୍କ ଖଣ୍ଡବିଖଣ୍ଡିତ ଶରୀର କୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି ।

# ବାଲିଆପାଳର ନୂଆ ବିଡ଼ିଓଙ୍କୁ ଭବ୍ୟ ସ୍ୱାଗତ




ଲଙ୍ଗଳେଶ୍ୱର, ୦୯/୧୦ (ନି.ପ୍ର): ଅନେକ ହଁ ନାହିଁ ମଧ୍ୟରେ ଅନ୍ତତଃ ବୁଧବାର ଦିନ ଶ୍ରୀମତୀ ପୁନମ୍ ରାଉତ ବାଲିଆପାଳର ନୂତନ ବ୍ଲକ ଉନ୍ନୟନ ଅଧିକାରୀ (ବିଡ଼ିଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ବିଡ଼ିଓ ବିନୋଦ କୁମାର ପଣ୍ଡା ଗତ ଶନିବାର ଦିନ ବିଦାୟ ନେଲା ପରେ ନୂଆ କେହି ଆସିବେ କି ନାହିଁ ବୋଲି ବିଭିନ୍ନ ମହଲରେ ଅନେକ ପ୍ରକାର ଚର୍ଚ୍ଚା ମୁଣ୍ଡ ଟେକି ଥିଲା । କିନ୍ତୁ ସମସ୍ତ ଆଶଙ୍କାର ଅନ୍ତ ଘଟାଇ ଶ୍ରୀମତୀ ପୁନମ୍ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଯୋଗ ? ଦେଲା ପରେ ? ବ୍ଲକର ସମସ୍ତ ବିଭାଗର କର୍ମଚାରୀମାନେ ତାଙ୍କ ପ୍ରକୋଷରେ ଫୁଲତୋଡ଼ା ଦେଇ ତାଙ୍କର ଭବ୍ୟ ସ୍ୱାଗତ କରିଥିଲେ । ତାଙ୍କ ବ୍ୟତୀତ ବିଜେଡିର ନେତୃ ମଣ୍ଡଳୀ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ୨୨ ନମ୍ବର ଜୁନର ଜିଲ୍ଲା ପରିଷଦ ନିଶାକର ସେଠି ମନ୍ମଥ ବାରିକ ଗଣେଶ ବାରିକ କମଳ ଲୋକାନ କର ମହେଶ୍ୱର ଜେନା ଓ ବାଲିଆପାଳର ଅନେକ ଅଣରାଜନୈତିକ ସଂଗଠନର ସଦସ୍ୟ ମଧ୍ୟ ଫୁଲତୋଡ଼ା ଦେଇ ତାଙ୍କର ସ୍ୱାଗତ କରିଥିଲେ । ବିଶେଷକରି ତାଙ୍କ ସହ ସାକ୍ଷାତ କରିବା ପାଇଁ ସାମ୍ବାଦିକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସମସ୍ତଙ୍କ ସହଯୋଗରେ ବାଲିଆପାଳର ଜନ ସାଧାରଣଙ୍କର ସମସ୍ୟାର ସମାଧାନ କରି ଜନ ହିତରେ କାର୍ଯ୍ୟ କରିବେ ବୋଲି ସାମ୍ବାଦିକଙ୍କୁ ନୂତନ ବିଡିଓ କହିଛନ୍ତି ।

## ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ବିଧାନସଭାରେ ସ୍ମୃତିସଭା

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁଙ୍କ ୧୪୭ ତମ ଜନ୍ମ ଜୟନ୍ତୀ ଅବସରରେ ବିଧାନସଭାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାନ କରି ତାଙ୍କର ସ୍ମୃତି ଚାରଣ କରିଛନ୍ତି। ବାଚସ୍ପତି ସୁରମା ।ଢୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ମୃତିଚାରଣ କରିଛନ୍ତି। ଏହା ସହ ଅନ୍ୟ ବିଧାୟକ ମାନେ ମଧ୍ୟ ଉପସ୍ଥିତ ରହିଥିଲେ । ବାଲ୍ୟ ଜୀବନରୁ ଶିକ୍ଷାକୁ ଅଗ୍ରାଧିକାର ଦେବା ସହ ପିଲାଙ୍କୁ ସାହାଯ୍ୟ କରୁଥିଲେ। ବନ୍ୟା ବା ବିନ୍ନ ସମୟରେ ସାହାଯ୍ୟ କରିବା ତାଙ୍କର ମୁଖ୍ୟ ଉଦେଶ୍ୟ ଥିଲା। ଆଜି ହୀରାକୁଦ ତାଙ୍କରି ଉଦ୍ୟମରେ ଦଣ୍ଡାୟମାନ। ଭାରତର ଏକତ୍ରିକରଣ ସହ ଉତ୍କଳର ଅସ୍ମିତାକୁ ବଂଚାଇବା ଓ ସ୍ୱରାଜ ହାସଲରେ ସେ ଅନେକ କିଛି କରିଯାଇଛନ୍ତି। ସାମ୍ବାଦିକ କ୍ଷେତ୍ରରେ ସେ ଅନ୍ୟତମ। ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ବାଚସ୍ପତି।

# ମହୁଲିଆ ସ୍କୁଲର ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କୁ ‘ପ୍ରକୃତି ବନ୍ଧୁ’ ପୁରସ୍କାର



ବେତନଟୀ , ୦୯/୧୦ (ନି.ପ୍ର): ବେତନଟୀ ବ୍ଲକର ସରକାରୀ ପ୍ରାଥମିକ ବିଦ୍ୟାଳୟ,ମହୁଲିଆର ଇକୋ କ୍ଲବ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କୁ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନବିଭାଗ ପକ୍ଷରୁ ପ୍ରକୃତି ଏବଂ ପରିବେଶର ସୁରକ୍ଷା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ବାରିପଦା ଡ଼ିଏଫଓ ଏ ଉମା ମହେଶଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ଓଡିଶାର ମାନ୍ୟବର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିଛନ୍ତି । ସମ୍ମାନିତ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସରେନ,ବରିଷ୍ଠ ବିଧାୟକ ଡ଼କ୍ଟର ବିଜୟ କୁମାର ଅଗ୍ରୱାଲ,ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଉପନିର୍ଦ୍ଦେଶକ ଡ଼କ୍ଟର ସମ୍ରାଟ ଗୌଡ଼, ଦକ୍ଷିଣ ବନ୍ୟ ପ୍ରାଣୀ ଡିଭିଜନ ଯଶିପୁରର ଉପ ନିର୍ଦ୍ଦେଶକ ସାଇ କିରଣ ଡି. ଏନ. କରଞ୍ଜିଆ ବନ ଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର,ପ୍ରାକ୍ତନ ବନ୍ୟ ପ୍ରାଣୀ ତତ୍ତ୍ୱା ବାଧାରକ ବିବେକାନନ୍ଦ ପଟ୍ଟନାୟକ, ଏସିଏଫ ରବି ନାରାୟଣ ମହାନ୍ତି ପ୍ରମୁଖ ଏହି ଉତ୍ସବରେ ପେଯୋଗଦାନ କରି ପରିବେଶ ସୁରକ୍ଷା ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ଲାଭ କରିଥିବାରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏଠାରେ ଉଲ୍ଲେଖନୀୟ ଯେ ଏକଦା ଭାରତର ସି ଏ ଜି ଭୂମିପୁତ୍ର ଗିରିଶ ଚନ୍ଦ୍ର ମୁର୍ମୁ ଏହି ମହୁଲିଆ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ।

## ଲାଂଚ ନେଉଥିବା ବେଳେ ସିବିଆଇ ଜଲଗାଁଓରେ ଏକ ଇପିଏଫ୍ ଅଧିକାରୀଙ୍କୁ କଲା ଗିରଫ

ନୂଆଦିଲ୍ଲୀ, ୦୯/୧୦ (ନି.ପ୍ର): କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ମହାରାଷ୍ଟ୍ରର ଜଲଗାଁଓ ଜିଲ୍ଲାରେ ୨୫,୦୦୦ ଟଙ୍କା ଲାଂଚ ଗ୍ରହଣ କରୁଥିବାବେଳେ କର୍ମଚାରୀ ପ୍ରୋଭିଡେଂଟ ଫଣ୍ଡ ଅର୍ଗାନାଇଜେସନ୍ (ଇପିଏଫଓ) ର କାର୍ଯ୍ୟନିର୍ବାହୀ ଅଧିକାରୀ ରମଣ ବାମନ ପାୱାରଙ୍କୁ ଗିରଫ କରିଛି। ସିବିଆଇ ବୁଧବାର କହିଛି ଯେ ଅଭିଯୋଗ ପରେ ମଙ୍ଗଳବାର ଦିନ ଇପିଏଫଓର ଅଭିଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଜଲଗାଁଓ ଏବଂ ନାଶିକ୍ ଜିଲ୍ଲାର ଅଭିଯୁକ୍ତଙ୍କ ଘରେ ସିବିଆଇ ଖୋଜାଖୋଜି କରିଥିଲା ଯେଉଁଠାରୁ ଅପରାଧୀ ଦଲିଲ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ତଦନ୍ତ ଚାଲିଛି, ଅଭିଯୋଗକାରୀ ଅଭିଯୋଗ କରିଛନ୍ତି ଯେ ସେ ତାଙ୍କ ପିତାଙ୍କ ଶ୍ରମ ଯୋଗାଣ ସଂସ୍ଥାର ଯତ୍ନ ନେଉଛନ୍ତି। ଏହି କ୍ରମରେ, ଜୁଲାଇ ୩୧ ରେ, ଆଂଚଳିକ ହେଡ୍ ଜଲଗାଁଓଙ୍କଠାରୁ ଏକ ଇ-ମେଲ୍ ଗ୍ରହଣ କରାଯାଇଥିଲା ଯେଉଁଥିରେ ଅଡିଟ୍ ଅଧିକାରୀ ତାଙ୍କ ଫାର୍ମକୁ ଅଡିଟ୍ କରିବାକୁ ଯାଉଛନ୍ତି ବୋଲି ସୂଚନା ଦିଆଯାଇଥିଲା । ଅଡିଟ୍ ସମୟରେ, ଅଡିଟ୍ ଅଧିକାରୀ ଅଭିଯୋଗକାରୀଙ୍କୁ ସୂଚନା ଦେଇଛନ୍ତି ଯେ ମାର୍ଚ୍ଚ ୨୦୨୩ ମାସ ପାଇଁ ଫାର୍ମ ପିଏଫ୍ ଦେୟରେ ଡିଫଲ୍ଟ ହୋଇଛି, ଯାହାର ପରିମାଣ ପ୍ରାୟ ଦୁଇ ଲକ୍ଷ ଟଙ୍କା। ଅଭିଯୁକ୍ତ ଟେଲିଫୋନରେ ଅଭିଯୋଗ କାରୀଙ୍କ ସହ ଯୋଗାଯୋଗ କରି ଫାର୍ମର ପିଏଫ୍ ଦେୟ ସମାଧାନ ପାଇଁ ୫୦,୦୦୦ ଟଙ୍କା ଲାଂଚ ମାଗିଥିଲେ କିନ୍ତୁ ଶେଷରେ ୨୫,୦୦୦ ଟଙ୍କା ପାଇଁ ଏହି ଡିଲର ସମାଧାନ ହୋଇଥିଲା। ଅଭିଯୋଗକାରୀଙ୍କଠାରୁ ଏହି ପରିମାଣର ଲାଂଚ ନେଉଥିବା ବେଳେ ସିବିଆଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବାଲେଶ୍ୱରରେ ଯୁବ ତାଲିମ ଶିବିର ପାଇଁ ପ୍ରସ୍ତାବ

ବାଲେଶ୍ୱର, ୦୯/୧୦ (ନି.ପ୍ର): ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଆବାହକ ମଣ୍ଡଳୀ ଓ ସହଯୋଗୀ ସଦସ୍ୟ, ସଦସ୍ୟାମାନଙ୍କର ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗତ ପବିତ୍ର ଗାନ୍ଧି ଜୟନ୍ତୀ ଦିନ ବିଦ୍ୟାଳୟସ୍ତରରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ କୁଇଜ୍ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଛାତ୍ର ଛାତ୍ରୀ ଓ ସେମାନଙ୍କ ଶିକ୍ଷାନୁଷ୍ଠାନର ସହଯୋଗ ପାଇଁ ବୈଠକରେ ଧନ୍ୟବାଦ ଦିଆଯାଇଥିଲା। ବରିଷ୍ଠ ଆବାହକ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଆବାହକ ଜିତେନ୍ଦ୍ର ଉପାଧ୍ୟାୟ ବିବରଣୀ ପାଠ କରିଥିଲେ। ମହମ୍ମଦ ଇସଲାମ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିବା ପରେ ତାହା ଅନୁମୋଦନ କରାଯାଇଥିଲା। ଜିଲ୍ଲାସ୍ତରରେ ସଂଗଠନର ସଦସ୍ୟତା ବୃଦ୍ଧି ଓ ଗାନ୍ଧିଜୀଙ୍କ ବିଚାରଧାରାର ପ୍ରଚାର, ପ୍ରସାଦ ସଂପର୍କରେ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଓ କବିତା ଦାସ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ଗାନ୍ଧିବାଦୀ ଶ୍ରୀଯୁକ୍ତ ପୁରୁଷୋତ୍ତମ କମିଳାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧିଜୀଙ୍କ ଆଦର୍ଶକୁ ଆଧାର କରି ଶ୍ରୀ କମିଳାଙ୍କ ଲିଖିତ ପୁସ୍ତକ ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ କମିଟି ସହଯୋଗରେ ଉତ୍ତର ଓଡ଼ିଶାର ଯୁବକ ଓ ଯୁବତୀମାନଙ୍କୁ ନେଇ ଏକ ୫ ଦିନିଆ ତାଲିମ ଶିବିର ବାଲେଶ୍ୱରରେ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଦାମୋଦର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଚାରାଧିନ ବନ୍ଦୀଙ୍କ ମୃତ୍ୟୁ: ପୋଲିସ ପିଟି ପିଟି ମାରି ଦେଇଥିବା ଅଭିଯୋଗ ଆଣିଲେ ପରିବାର ଲୋକ

ବରଗଡ଼, ୦୯/୧୦ (ନି.ପ୍ର): ବୁଧବାର ବରଗଡ଼ ଜିଲ୍ଲା କାରଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଲିସ ତାଙ୍କୁ ପିଟି ପିଟି ମାରି ଦେଇଥିବା ଅଭିଯୋଗ କରିଛନ୍ତି ପରିବାରବର୍ଗ । ମିଳିଥିବା ସୂଚନା ଅନୁସାରେ ଜଣାପଡିଛି ଯେ, ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ପ୍ରକାଶପୁର-ଚିଚୋଲି ଗ୍ରାମର ମନୋଜ ପାଇକ, ବୟସ ମାତ୍ର ୨୪ ବର୍ଷ । ଗତ ୬ ତାରିଖରେ ମଦ ବିକ୍ରୀ କରୁଥିବା ଅଭିଯୋଗରେ ପୋଲିସ ଗିରଫ ଥାନାକୁ ନେଇଗଲେ । ପରେ ତାକୁ କୋର୍ଟଚାଲାଣ କରି ଜାମିନ ନାମଞ୍ଜୁର ହେବାରୁ ବରଗଡ଼ ମୁଖ୍ୟ କାରାଗାରକୁ ବିଚାରାଧୀନ କଏଦୀ ଭାବେ ପଠାଇଦେଲେ । ବୁଧବାର ତାର ଜାମିନ ହେବାର ବେଳେ କାରଗାରରେ ଅସୁସ୍ଥ ହୋଇପଡିଥିଲେ ମନୋଜ । ଜେଲ କର୍ତ୍ତୃପକ୍ଷ ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବୃତ୍ତି ଟଙ୍କା ଦାନ କଲେ ପରିରୂପା



ଉଦଳା , ୦୯/୧୦ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ବାସିନ୍ଦା ତପନ ମହାନ୍ତ ଓ ମାତା ମମତା ମହାନ୍ତଙ୍କ ଏକ ମାତ୍ର କନ୍ୟା ପରିରୂପା ବର୍ତ୍ତମାନ ଜବାହର ନବଦୋୟ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଅଟନ୍ତି । ସେ ତୃତୀୟ ଶ୍ରେଣୀ ବୃତି ପରୀକ୍ଷାରେ ପାଇଥିବା ଟ.୨୪୦୦/- (ଦୁଇ ହଜାର ଚାରିଶହ ଟଙ୍କା) ଅର୍ଥ ରାଶିକୁ ଆଜି ଅକ୍ଟୋବର ୯ ତାରିଖ ବୁଧବାର ଦିନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଥିବାର ଜଣାଯାଇଛି । ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାରିପଦା ଆଗମନ ସମୟରେ ନିଜେ ପରିରୂପା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏହା ଦାନ କରିଥିବାର ଜଣାଯାଇଛି । ଉକ୍ତ ଘଟଣା ଆଜି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ପୂର୍ବରୁ ପରିରୂପା ମାତ୍ର ୮ ବର୍ଷ ବୟସରେ ଗୀତାର ୭୦୦ ଶ୍ଲୋକ ଏକ ଘଂଟା ମଧ୍ୟରେ ଆବୃତି କରି ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ରେ ସ୍ଥାନ ପାଇଥିଲେ । ସେହିପରି ପୁରୀଠାରେ ଆୟୋଜିତ ଗୀତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଠାରୁ ସ୍ୱର୍ଣ୍ଣପଦକ ପାଇଥିଲେ ।

# ଓ୍ୟୁଜେ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର, ୦୯/୧୦ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଗରୀବ, ଅସହାୟ, ଦୀନ ଦୁଃଖୀ ମଣିଷ ଜୀବନର କରୁଣ କାହାଣୀକୁ ହୃଦୟଙ୍ଗମ କରି ଯେଉଁ ନିଃସ୍ୱାର୍ଥପର ସେବା କରିଯାଇଛନ୍ତି ତାହାକୁ କୃତଜ୍ଞ ରାଜ୍ୟବାସୀ କେବେବି ଭୁଲିପାରିବେ ନାହିଁ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପବ୍ଲିକ୍‌ସ୍କୁଲ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉତ୍କଳମଣି ଙ୍କ ପ୍ରତିମୂର୍ତ୍ତି ରେ ସାମୁହିକ ମାଲ୍ୟାର୍ପଣ କରି ତାଙ୍କ ଜୀବନୀ ଓ କାର୍ଯ୍ୟାବଳୀ ସଂପର୍କରେ ମତ ଦେଇଥିଲେ। ଜଗତ ଥିବା ପର୍ଯ୍ୟନ୍ତ ଉତ୍କଳମଣି ଗୋପବନ୍ଧୁ ଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟ ସବୁ ଶ୍ରେଣୀର ଜନତାଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ସେମାନେ ମତ ଦେଇଥିଲେ। ଓ୍ୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରେସକ୍ଲବ୍ ର ସଭାପତି ବିପ୍ଳବ କୁମାର ମହାନ୍ତି, ଖଇରା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ, ସମାଜ ସେବୀ ଭାଗିରଥି ଦାସ, କବି ପ୍ରଶାନ୍ତ ଦାସ,ଧ୍ୱନି ପ୍ରତିଧ୍ୱନି ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ଆଡଭୋକେଟ ଭୁବନାନନ୍ଦ ଦାସ,ସମାଜ ର ପୂର୍ବତନ ବାଲେଶ୍ୱରଶାଖା ପରିଚାଳକ ମଧୁସୂଦନ ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ରୋଟାରୀଆନ ଯଶୋଦା ନନ୍ଦନ ଆଶ, ସୁବାସ ଚନ୍ଦ୍ର ଚାନ୍ଦ, କୃତିବାସ ପଟ୍ଟନାୟକ,ସଂଘର ସମ୍ପାଦକ ବିବେକାନନ୍ଦ ଦାସ, ସଂଗଠନ ସମ୍ପାଦକ ତୃପ୍ତିକାନ୍ତ ପାଢ଼ୀ, ପ୍ରସନ୍ନ ଜିତ୍ ଆଶ,କହ୍ନେଇ ଚରଣ ପ୍ରଧାନ, ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ଅରୂପ ନାରାୟଣ ମହାନ୍ତି, ସୋମନାଥ ସାହୁଙ୍କ ସମେତ,ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ଜୟନ୍ତୀମଣି ସାହୁ,ସସ୍ମିତା ପଲେଇ, ସୁଜାତା ଜେନା, ସବିତା ପରିଡ଼ା, ସ୍ୱାତୀ ମହାନ୍ତି, ସୁଜାତା ସେଠୀ, ନିରଞ୍ଜନ ପଣ୍ଡା, ମାନସ ରଞ୍ଜନ ପ୍ରଧାନ,ପ୍ରମୁଖ ଉପସ୍ଥିତି ରହି ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତୀରେ ସାମୁହିକ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo